


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-277 ♦SUNDAY ♦05 APRIL 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୭୭ ♦ରବିବାର ♦୦୫ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୂରା ସହ)


### ଇରାନ ପରମାଣୁ କେନ୍ଦ୍ର ଉପରେ ଆମେରିକାର ଆକ୍ରମଣ

# ବଢ଼ିଲା ବିକିରଣ ଭୟ

- ଉପସାଗରୀୟ ଦେଶଗୁଡ଼ିକୁ ଇରାନର ଚେତାବନୀ
- ବିକିରଣ କ୍ଷୟକ୍ଷତି ପାଇଁ ଦାୟୀ ରହିବନି ତେହେରାନ
- ଇରାନକୁ ଟ୍ରମ୍ପଙ୍କ ୪୮ ଘଣ୍ଟିଆ ଚରମ ଚେତାବନୀ
- ହର୍ମୁଜ ପ୍ରଣାଳୀ ନ ଖୋଲିଲେ ପରିଣତି ଭୟଙ୍କର
- ଇରାନକୁ ୧୦ ଦିନିଆ ମହଲତ ଦେଇଥିଲେ ଟ୍ରମ୍ପ




■ତେହରାନ, ୪।୪ (ଏଜେନ୍ସି): ଇରାନ ସହ ଯୁଦ୍ଧରେ ସଫଳତା ମିଳୁନାହିଁ। ଅନ୍ୟପକ୍ଷରେ ଆମେରିକାର ଅନେକ ଯୁଦ୍ଧ ଜାହାଜକୁ ଗୁଳି କରି ଇରାନ ଖସାଇବା ସହିତ ଉପସାଗର ଅଞ୍ଚଳରେ ଥିବା ଆମେରିକାର ପ୍ରାୟ ସମସ୍ତ ସାମରିକ ପ୍ରତିଷ୍ଠାନକୁ ଆକ୍ରମଣ କରି ଛାରଖାର କରିଦେଇଛି। ଏଥିରେ ବ୍ୟସ୍ତ ଓ ବିବ୍ରତ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଆଜି ଇରାନକୁ ପୁଣି ଧମକ ଦେଇଛନ୍ତି। ସେ କହିଛନ୍ତି ଯେ ହର୍ମୁଜ ପ୍ରଣାଳୀ ଖୋଲିବା ସହ ଅସ୍ତ୍ରବିରତି ପାଇଁ ଚୁକ୍ତି କରିବା ଲାଗି ଗତ ୨୬ ତାରିଖରେ ଇରାନକୁ ୧୦ଦିନର ମହଲତ ଦିଆଯାଇଥିଲା। ଏହି ମହଲତ ସରିଆସୁଛି। ଇରାନ ପାଖରେ ଆଉ ମାତ୍ର ୪୮ ଘଣ୍ଟା ସମୟ ରହିଛି। ଏହି ସମୟ ମଧ୍ୟରେ ଚୁକ୍ତି ନ ହେଲେ ଇରାନ ଧ୍ୱଂସ ପାଇଁ ପ୍ରସ୍ତୁତ ରହୁ ବୋଲି ଧମକ ଦେଇଛନ୍ତି ଟ୍ରମ୍ପ।

ଇତିମଧ୍ୟରେ ଗୋଟିଏ ପରେ ଗୋଟିଏ ବିଫଳତା ପରେ ଇରାନର ବେସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିବା ସହିତ ଇରାନର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ଚଳାଇଛନ୍ତି ଟ୍ରମ୍ପ। ଇସ୍ରାଏଲ ସହ ମିଶି ଆଜି ଇରାନର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ ବୁଶେହର ପରମାଣୁ କେନ୍ଦ୍ର ପରିସରରେ କ୍ଷେପଣାସ୍ତ୍ର ମାଡ଼ କରିଛି ଆମେରିକା। ଏଥିରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ଏକ ସହାୟକ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ତେବେ ମୁଖ୍ୟ ପରମାଣୁ କେନ୍ଦ୍ର ସୁରକ୍ଷିତ ରହିଛି ଏବଂ ସେଠାରେ ସ୍ୱାଭାବିକ କାର୍ଯ୍ୟ ଚାଲୁ ରହିଛି। ଏହି ଘଟଣାକୁ ନେଇ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ) ଗଭୀର ଚିନ୍ତା ପ୍ରକଟ କରିଛି। ଆଇଏଇଏ ମୁଖ୍ୟ ରାଫେଲ ଗ୍ରୋସି ଚେତାବନୀ ଦେଇ କହିଛନ୍ତି ଯେ, କୌଣସି ପରିସ୍ଥିତିରେ ପରମାଣୁ କେନ୍ଦ୍ରକୁ ଟାର୍ଗେଟ କରାଯିବା ଉଚିତ ନୁହେଁ, କାରଣ ଏହାଦ୍ୱାରା ବଡ଼ ଧରଣର ବିକିରଣ ଜନିତ ଦୁର୍ଘଟଣା ଘଟିବାର ଭୟ ରହିଛି। କେବଳ ସେତିକି ନୁହେଁ, ଇସ୍ରାଏଲ ବାୟୁସେନା ଶନିବାର ଇରାନର ଦକ୍ଷିଣ ଖୁଜେସ୍ତାନ ରାଜ୍ୟରେ ଥିବା ମହଶହର ପେଟ୍ରୋକେମିକାଲ ସ୍ପେଶାଲ ଇକୋନୋମିକ ଜୋନ୍ ଉପରେ ମଧ୍ୟ ଶକ୍ତିଶାଳୀ ବୋମା ମାଡ଼ କରିଛି। ଏହି ଆକ୍ରମଣରେ ୩ଟି ବଡ଼ କମ୍ପାନୀକୁ ଟାର୍ଗେଟ କରାଯାଇଛି।

ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଅରାଗଚି କହିଛନ୍ତି ଯେ ବୁଶେହର ପରମାଣୁ ଶକ୍ତି କେନ୍ଦ୍ର ଉପରେ ଯଦି ଆଗକୁ ଆକ୍ରମଣ ଜାରି ରହେ, ତେବେ ଏହାର ପ୍ରଭାବ କେବଳ ଇରାନ ନୁହେଁ, ବରଂ ସମଗ୍ର ଉପସାଗରୀୟ ଆରବ ଦେଶଗୁଡ଼ିକ ଉପରେ ପଡ଼ିବ। ଆରାଗଚି ସାମାଜିକ ଗଣମାଧ୍ୟମରେ ଚେତାବନୀ ଦେଇ କହିଛନ୍ତି ଯେ ▶ପୃଷ୍ଠା-୭

## ନିର୍ବାଚନ କମିସନ ସ୍ୱାଧୀନ ଭାବେ କାର୍ଯ୍ୟ କରୁ: ଜଷ୍ଟିସ ନାଗରତ୍ନ



■ ପାଟନା, ୪।୪ (ଏଜେନ୍ସି): ଭାରତୀୟ ନିର୍ବାଚନ କମିସନ ଭଳି ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ କୌଣସି ରାଜନୈତିକ ପ୍ରଭାବରେ ନରହି ସ୍ୱାଧୀନ ଭାବେ କାର୍ଯ୍ୟ କରିବା ଉଚିତ ବୋଲି ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ବିଭି ନାଗରତ୍ନ କହିଛନ୍ତି। ଜଷ୍ଟିସ ନାଗରତ୍ନ କହିଛନ୍ତି ଯେ ନିର୍ବାଚନ କମିସନ, କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଏବଂ ଅର୍ଥ କମିସନ ଭଳି ସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ସାମ୍ବିଧାନିକ ଶାସନ ବ୍ୟବସ୍ଥାକୁ ବଜାୟ ରଖିବା ପାଇଁ ଏହି ସଂସ୍ଥାଗୁଡ଼ିକ ରାଜନୈତିକ ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ▶ପୃଷ୍ଠା-୭

### ସାକାର ରୂପ ନେଉଛି ନବୀନଙ୍କ ପରିକଳ୍ପନା

## ପୁରୀ ବିମାନବନ୍ଦରକୁ ପରିବେଶ ଅନୁମତି

■ ପୁରୀ/ଭୁବନେଶ୍ୱର, ୪।୪ (ସମିସ): ବିଶ୍ୱ ଆଧ୍ୟାତ୍ମିକ ଏବଂ ପର୍ଯ୍ୟଟନ ମାନଚିତ୍ରରେ ଆହୁରି ଝଲସିବ ଶ୍ରୀଜଗନ୍ନାଥ ବିଜେ ଶ୍ରୀକ୍ଷେତ୍ର ପୁରୀ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଅବଢ଼ା ଯୋଜନା'ରେ ଶ୍ରୀକ୍ଷେତ୍ରକୁ ନୂଆ ରୂପ ଦେବା ସହ ପୁରୀ ସହରକୁ ଆକାଶ ପଥରେ ଯୋଡ଼ିବା ପାଇଁ ନକ୍ସା ମଧ୍ୟ ପ୍ରସ୍ତୁତ କରିଥିଲେ। ନବୀନଙ୍କ ପରିକଳ୍ପନାରେ ପୁରୀ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦରର ଭିତ୍ତି ପଡ଼ିଥିବା ବେଳେ ଏହା ଖୁବ୍‌ଶୀଘ୍ର ସାରାର ରୂପ ନେବାକୁ ଯାଉଛି। ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ କ୍ଷେତ୍ରରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟର ପରିବେଶ ଅନୁମତି ଜରୁରୀ ଥିବା ବେଳେ ଏହାକୁ ଗତ ୧ ତାରିଖରେ ଅନୁମୋଦନ ମିଳିଛି। ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ନୀତିଗତ ଷ୍ଟେଜ-୧ ଅର୍ଥାତ୍ ପ୍ରଥମ ପର୍ଯ୍ୟାୟ ଅନୁମୋଦନ ମିଳିଛି। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଗତବର୍ଷ ଏପ୍ରିଲ ୫ ତାରିଖରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ୪ ଜଣିଆ ଟିମ୍ ପ୍ରସ୍ତାବିତ ପ୍ରଥମ ଗ୍ରୀନ୍ ଫିଲ୍ଡ ଏୟାରପୋର୍ଟ ପାଇଁ ଗ୍ରାଉଣ୍ଡ ଜିରୋ ସ୍ଥିତି ସମୀକ୍ଷା କରିଥିଲେ। ଏବେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ପକ୍ଷରୁ ଷ୍ଟେଜ-

**କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ଦେଲା ଷ୍ଟେଜ୍-୧ ଅନୁମୋଦନ**

**ସର୍ତ୍ତ ପୂରଣ କଲେ ମିଳିବ ଚୂଡ଼ାନ୍ତ ଅନୁମତି**

୧ ଅନୁମତି ମିଳିଛି। ଏହି ଅନୁମତି ସହ କିଛି ସର୍ତ୍ତ ବି ରଖାଯାଇଛି। ଜଙ୍ଗଲ ଜମି ଡାଇଭର୍ସନ୍ ପରେ ସମାନ ପରିମାଣର ଜମିରେ କ୍ଷତିପୂରକ ବନୀକରଣ କରିବାକୁ ପଡ଼ିବ। ବିଭିନ୍ନ ପରିବେଶଗତ ଏବଂ ବନ୍ୟଜନ୍ତୁ ସଂରକ୍ଷଣ ସର୍ତ୍ତ ପାଳନ କରିବାକୁ ହେବ। ଏହି ବିମାନ ▶ପୃଷ୍ଠା-୭

### ରାଜ୍ୟ କ୍ୟାବିନେଟରେ ୧୬ ପ୍ରସ୍ତାବକୁ ଅନୁମୋଦନ

## ମେଡିକାଲ, ଇଞ୍ଜିନିୟରିଂ ଓ ଉଚ୍ଚଶିକ୍ଷାରେ ସ୍ଥାନ ସଂରକ୍ଷଣ

■ ଭୁବନେଶ୍ୱର, ୪।୪ (ସମିସ): ଓଡ଼ିଶାର ମେଡିକାଲ, ଇଞ୍ଜିନିୟରିଂ, ଅନ୍ୟାନ୍ୟ ଉଚ୍ଚଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଠ୍ୟକ୍ରମରେ ଏସ୍‌ସି, ଏସ୍‌ଟି ଓ ଓବିସିଙ୍କୁ ସଂରକ୍ଷଣ ପାଇଁ ବିରୋଧୀ ଦାବି କରି ଆସୁଥିବା ବେଳେ ଏହାକୁ ଗ୍ରହଣ କରିଛନ୍ତି ରାଜ୍ୟ ସରକାର। ଶନିବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ସରକାର ଏ ସଂକ୍ରାନ୍ତ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ମେଡିକାଲ, ଇଞ୍ଜିନିୟରିଂ, ଅନ୍ୟାନ୍ୟ ଉଚ୍ଚଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଠ୍ୟକ୍ରମରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କୁ

**ଏସ୍‌ଟିଙ୍କୁ ୨୨.୫୦%, ଏସ୍‌ସିଙ୍କୁ ୧୬.୨୫% ଏବଂ ଏସ୍‌ଇବିସିଙ୍କୁ ୧୧.୨୫ ପ୍ରତିଶତ ସିଟ୍**

**ଆରମ୍ଭ ହେବ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'**

**ହିତାଧିକାରୀଙ୍କୁ ମାସିକ ଅତିରିକ୍ତ ୫ କେଜି ଚାଉଳ**

୨୨.୫୦%, ଅନୁସୂଚିତ ଜାତିଙ୍କୁ ୧୬.୨୫% ଏବଂ ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗ (ଏସ୍‌ଇବିସି) ଛାତ୍ରଛାତ୍ରୀଙ୍କୁ ୧୧.୨୫% ସ୍ଥାନ ସଂରକ୍ଷଣ ନେଇ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ହୋଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ନାମକ ଏକ ନୂଆ ଯୋଜନା ଆରମ୍ଭ ହେବାକୁ ଯାଉଥିବା ବେଳେ ଏଥିରେ ଉଭୟ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନସ୍ଥ ହିତାଧିକାରୀଙ୍କୁ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ବଣ୍ଟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଶନିବାର ସନ୍ଧ୍ୟାରେ ▶ପୃଷ୍ଠା-୭

# ଓଡ଼ିଶାକୁ କେନ୍ଦ୍ରର ଆଉ ଏକ ଜଳ ଯନ୍ତ୍ରଣା

### ବଂଶଧାରାରେ ଆନ୍ଧ୍ରର ନେରେଡ଼ି ପ୍ରକଳ୍ପକୁ ଜଳଶକ୍ତି ମନ୍ତ୍ରଣାଳୟର ଅନୁମତି

- ଗଜପତି, ରାୟଗଡ଼ା ଜିଲ୍ଲାର ଚାଷୀଙ୍କ ଆଶଙ୍କା, ମରୁଭୂମି ପାଲଟିବ ଚାଷ ଜମି !
- ବିଭିନ୍ନ ମହଲର ମତ, ଚନ୍ଦ୍ରବାବୁ ନାଇଡୁଙ୍କୁ ଖୁସି କରିବାକୁ କେନ୍ଦ୍ର କରିଛି ଫନ୍ଦି
- ପିସିସି ସଭାପତିଙ୍କ ଦାବି, ତୁରନ୍ତ ବିଜ୍ଞପ୍ତି ରଦ୍ଦ କରୁ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ
- ମହାନଦୀ ଜଳବିବାଦର ଭାଗ୍ୟ ଏପରି ହେବା ନେଇ ଜଳ ବିଶେଷଜ୍ଞଙ୍କ ଆଶଙ୍କା

■ ଭୁବନେଶ୍ୱର, ୪।୪ (ସମିସ): ମହାନଦୀ, ପୋଲାଭରମ୍ ଓ ରେଳ ଡିଭିଜନ କଷଣରେ ଓଡ଼ିଶାବାସୀ ସନ୍ତୁଳି ହେଉଥିବା ବେଳେ କେନ୍ଦ୍ର ସରକାର ଓଡ଼ିଶାକୁ ଆଉ ଏକ ବଡ଼ ଝଟ୍‌କା ଦେଇଛନ୍ତି। ବଂଶଧାରା ନଦୀ ଜଳ ବିବାଦ ମାମଲାରେ ଗତ ୨ ତାରିଖର ଟ୍ରିବ୍ୟୁନାଲଙ୍କ ରାୟ ଆଧାରରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ପକ୍ଷରୁ ଆନ୍ଧ୍ରପ୍ରଦେଶକୁ ନେରେଡ଼ି ବ୍ୟାରେଜ ନିର୍ମାଣ ପାଇଁ ଅନୁମତି ଦିଆଯାଇ ଗେଜେଟ୍ ନୋଟିଫିକେସନ୍ ଜାରି କରାଯାଇଛି। କେନ୍ଦ୍ରର ଏହି ବିଜ୍ଞପ୍ତି ଓଡ଼ିଶା ପାଇଁ ବଡ଼ ଝଟ୍‌କା ହୋଇଥିବା ବେଳେ ଆନ୍ଧ୍ର ପ୍ରଦେଶ ପାଇଁ ଲାଭଦାୟକ ହୋଇଛି। ରାୟ ଅନୁଯାୟୀ ଆନ୍ଧ୍ରର ନେରେଡି ବ୍ୟାରେଜ୍ ପ୍ରକଳ୍ପ ପାଇଁ ଥିବା ପ୍ରତିବନ୍ଧକ ଦୂର ହୋଇଥିବା ବେଳେ କ୍ଷତିଗ୍ରସ୍ତ ହେବାକୁ ଯାଉଛି ଓଡ଼ିଶା। କେନ୍ଦ୍ରର ଏପରି ଅନ୍ୟାୟପୂର୍ଣ୍ଣ ଆଚରଣକୁ ନେଇ ରାଜ୍ୟର ବିରୋଧୀ ଦଳଙ୍କଠାରୁ ଆରମ୍ଭ କରି ଜଳ ବିଶେଷଜ୍ଞ ଏବଂ ବିଭିନ୍ନ ସାମାଜିକ ସଂଗଠନ କ୍ଷୋଭ ପ୍ରକାଶ କରିଛନ୍ତି। ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ସହଯୋଗରେ କେନ୍ଦ୍ରରେ ବିଜେପି ସରକାର ଚଳାଉଛି। ତେଣୁ ନାଇଡଙ୍କୁ ଖୁସି କରିବାକୁ କେନ୍ଦ୍ର ସରକାର ଗୋଟିଏ ପରେ ଗୋଟିଏ ଓଡ଼ିଶା ବିରୋଧୀ ନିଷ୍ପତ୍ତି ନେଉଛନ୍ତି ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ ୨୦୦୩ ମସିହାରେ ଆନ୍ଧ୍ର ପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜଶେଖର ରେଡ଼ି ▶ପୃଷ୍ଠା-୭







## କୋରାପୁଟରେ ମୃଦୁ ଭୂମିକମ୍ପ

■ କୋରାପୁଟ, ୪।୪ (ସମିସ): ଶନିବାର ବିଳମ୍ବିତ ରାତିରେ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ଶନିବାର ରାତି ୧୧ଟା ୩୩ରୁ ୧୧ଟା ୩୪ ମଧ୍ୟରେ ପ୍ରାୟ ୧୦-୧୨ ସେକେଣ୍ଡ ପାଇଁ ଭୂମିକମ୍ପ ହୋଇଥିବା ଜଣାପଡ଼ିଛି। ଟିଣଘର ସବୁ ଶବ୍ଦ ହୋଇଥିବା ବେଳେ ଛାତ ଘର ସାମାନ୍ୟ ▶ପୃଷ୍ଠା-୭

### କୂଅକୁ ଖସିଲା କାର୍

## ୬ ଶିଶୁଙ୍କ ସମେତ ପରିବାରର ୯ ମୃତ

■ନାସିକ୍, ୪।୪ (ଏଜେନ୍ସି): ମହାରାଷ୍ଟ୍ରର ନାସିକ ଜିଲ୍ଲା ଅନ୍ତର୍ଗତ ଡିଣ୍ଡୋରୀ ସହରର ଶିବାଜୀ ନଗର ଅଞ୍ଚଳରେ ଶୁକ୍ରବାର ରାତି ପ୍ରାୟ ୧୦ଟା ସମୟରେ ବଡ଼ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ କୂଅକୁ ଖସିପଡ଼ିବା ଫଳରେ ଗୋଟିଏ ପରିବାରର ୯ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୬ ଜଣ କୋମଳମତୀ ଶିଶୁ (୫ ଝିଅ ଓ ଜଣେ ପୁଅ) ସାମିଲ ଅଛନ୍ତି। ଏହି ▶ପୃଷ୍ଠା-୭





ସକାଳ
www.sakalaepaper.com

## ୪୦ ଟନ ଔଷଧ ନେବାକୁ ଆସିପାରିଲାନି ବିମାନ

ନୂଆଦିଲ୍ଲୀ, ୪।୪(ଏଜେନ୍ସି): ଇରାନ ପାଇଁ ଭାରତରୁ କିଣାଯାଇଥିବା ୪୦ ଟନ ଓଜନର ଔଷଧ ଏବେ ନୂଆଦିଲ୍ଲୀ ସ୍ଥିତ ଇରାନ ଦୂତାବାସରେ ପଡ଼ି ରହିଛି। ଯୁଦ୍ଧ କାରଣରୁ ଏହି ଔଷଧଗୁଡ଼ିକୁ ତେହରାନ ପଠାଇବା ପାଇଁ କୌଣସି ବିକଳ୍ପ ପଥ ମିଳୁନାହିଁ। ଗତ ସପ୍ତାହରେ ଇରାନର ମସାଦ ବିମାନବନ୍ଦର ଉପରେ ଆମେରିକା ଓ ଇସ୍ରାଏଲ ବାୟୁସେନା ପକ୍ଷରୁ ଭୟଙ୍କର ଏୟାର ଷ୍ଟ୍ରାଇକ କରାଯାଇଥିଲା। ଏଥିରେ ଇରାନର ମାହାନ ଏୟାରର ଏକ ବିମାନ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ସୂଚନା ଅନୁଯାୟୀ, ବିମାନଟି ଔଷଧ ନେବା ପାଇଁ ନୂଆଦିଲ୍ଲୀ ଆସିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ବିମାନଟି ଧ୍ୱଂସ ହୋଇଯିବା ଫଳରେ ଔଷଧ ପରିବହନ ବାଧାପ୍ରାପ୍ତ ହୋଇଛି। ଦୂତାବାସର ଜଣେ ଅଧିକାରୀ କହିଛନ୍ତି ଯେ ଆମେ ଏବେ ଏହି ୪୦ ଟନ୍‌ର ଔଷଧ ପଠାଇବା ପାଇଁ ଅନ୍ୟ କୌଣସି ବିକଳ୍ପ ମାଧ୍ୟମ ଖୋଜୁଛୁ। କିନ୍ତୁ ବର୍ତ୍ତମାନ ଯୁଦ୍ଧ ସ୍ଥିତି ଓ ଆକାଶମାର୍ଗ ବନ୍ଦ ଥିବା କାରଣରୁ ଏହା ସହଜ ହେଉନାହିଁ। ନୂଆଦିଲ୍ଲୀର ଏକ ସରକାରୀ ସୂତ୍ରରୁ ଜଣାଯାଇଛି ଯେ, ଇରାନ ପକ୍ଷରୁ ଦାନ କରାଯାଇଥିବା ପାଣ୍ଠିକୁ ବ୍ୟବହାର କରି ଭାରତରୁ ଔଷଧ କିଣିବା ପାଇଁ ସରକାର ପୂର୍ବରୁ ଅନୁମତି ଦେଇସାରିଛନ୍ତି।

## ଥରୁର୍‌ଙ୍କ ଗାଡ଼ି ଅଟକାଇ ସୁରକ୍ଷାକର୍ମୀଙ୍କୁ ମାଡ଼

ମାଲାପୁରମ, ୪।୪(ଏଜେନ୍ସି): କେରଳର ମାଲାପୁରମ ଜିଲ୍ଲାରେ ଶୁକ୍ରବାର ରାତିରେ କଂଗ୍ରେସ ବରିଷ୍ଠ ନେତା ତଥା ସାଂସଦ ଶଶି ଥରୁରଙ୍କ ଗାଡ଼ିକୁ କିଛି ଦୁର୍ବୃତ୍ତ ଅଟକାଇବା ସହ ତାଙ୍କ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ୱାଣ୍ଡୁର ଅଞ୍ଚଳରେ ଏକ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ବେଳେ ଥିରୁଭାଲ୍ଲୀ ଚେଲ୍ଲିଥୋଡୁ ନିକଟରେ ଘଟଣା ଘଟିଛି। ପ୍ରଦର୍ଶନକାରୀମାନେ ଥରୁରଙ୍କ ଗାଡ଼ିକୁ ଘେରିଯାଇ ପାଟିତୁଣ୍ଡ କରିଥିଲେ। ଏହି ସମୟରେ ତାଙ୍କର ଜଣେ ସୁରକ୍ଷାକର୍ମୀଙ୍କୁ ମାଡ଼ ମରାଯାଇଥିଲା। ତେବେ ଶଶି ଥରୁର ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ଶନିବାର ସକାଳେ ଥରୁର ଏକ୍ସ ମାଧ୍ୟମରେ ସୂଚନା ଦେଇଛନ୍ତି ଯେ ସେ ଏହି ଘଟଣାରେ ମର୍ମାହତ କିନ୍ତୁ ଅବିଚଳିତ। ସେ କହିଛନ୍ତି ଯେ ମୋର ସୁରକ୍ଷାକର୍ମୀ ଏବେ ଭଲ ଅଛନ୍ତି ଏବଂ ମୁଁ ସୁରକ୍ଷିତ ଅଛି। ଏହା ସତ୍ତ୍ୱେ ଆମେ ଆମର ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଜାରି ରଖିଛୁ। ଏହି ମାମଲାରେ ସୁରକ୍ଷାକର୍ମୀଙ୍କ ଅଭିଯୋଗ ଆଧାରରେ ୱାଣ୍ଡୁର ପୁଲିସ ମାମଲା ରୁଜୁ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖାଯିବା ସହ ଦୁଇଟି ଗାଡ଼ିକୁ ଜବତ କରାଯାଇଛି। କାଲିଭାରୁ ଅଞ୍ଚଳର ଉମ୍ମାରା ନାମକ ଜଣେ ବ୍ୟକ୍ତିଙ୍କ ବିରୋଧରେ ଜାମିନ ବିହୀନ ମାମଲା ରୁଜୁ କରାଯାଇଛି।

## ଦିଲ୍ଲୀରେ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ତେଲ ମନା

ନୂଆଦିଲ୍ଲୀ, ୪।୪(ଏଜେନ୍ସି): ରାଜଧାନୀ ଦିଲ୍ଲୀର ବାୟୁକୁ ସ୍ୱଚ୍ଛ କରିବା ପାଇଁ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଶୁକ୍ରବାର 'ବାୟୁ ପ୍ରଦୂଷଣ ପ୍ରଶମନ କାର୍ଯ୍ୟ ଯୋଜନା ୨୦୨୬'ର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ପ୍ରଦୂଷଣକାରୀ ଗାଡ଼ି ଉପରେ କଟକଣା, ଧୂଳି ନିୟନ୍ତ୍ରଣ ଏବଂ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ଗାଡ଼ି ଚଳାଚଳ ଉପରେ କଟକଣା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଯେଉଁ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ନଥିବ ସେମାନଙ୍କୁ ପେଟ୍ରୋଲ ପମ୍ପରେ ତେଲ ମିଳିବ ନାହିଁ। ଏହାକୁ ସଠିକ ଭାବେ ଲାଗୁ କରିବା ପାଇଁ ଅଟୋମେଟିକ ନମ୍ବର ପ୍ଲେଟ୍ ଚିହ୍ନଟ (ଏଏନ୍‌ପିଆର) କ୍ୟାମେରା ବ୍ୟବହାର କରାଯିବ। ଆଗାମୀ ନଭେମ୍ବର ୧ରୁ ନୂଆ ନିୟମ ଲାଗୁ ହେବ। ଏହି ଅନୁସାରେ ଦିଲ୍ଲୀକୁ କେବଳ ବିଏସ୍-ଭିଆ ମାନଙ୍କର, ସିଏନ୍‌ଜି କିମ୍ବା ଇଲେକ୍ଟ୍ରିକ ସାମଗ୍ରୀ ପରିବହନ କରୁଥିବା ଗାଡ଼ି ପ୍ରବେଶ କରିପାରିବ। ସେହିପରି ଅଫିସ ସମୟ ପରିବର୍ତ୍ତନ, ପରିବହନ ବ୍ୟବସ୍ଥାରେ ସଂସ୍କାର, ଧୂଳି ନିୟନ୍ତ୍ରଣ ଓ ସହର ପରିମଳ, ସବୁଜିମା ଓ ବୃକ୍ଷରୋପଣ ଉପରେ ଏହି ଯୋଜନା ମାଧ୍ୟମରେ ଗୁରୁତ୍ୱ ଦିଆଯିବ। ପ୍ରଦୂଷଣ ଉପରେ ନଜର ରଖିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସହାୟତାରେ ଏକ ପୋର୍ଟାଲ ଏବଂ ଏକ ଗ୍ରୀନ ୱାର ରୁମ୍ ସ୍ଥାପନ କରାଯିବ। ମୁଖ୍ୟମନ୍ତ୍ରୀ ରେଖା କହିଛନ୍ତି ଯେ, ସ୍ୱଚ୍ଛ ବାୟୁ ଆମର ବିଳାସ ନୁହେଁ ବରଂ ମୌଳିକ ଅଧିକାର।

## ଆଇଏସ୍‌ଆଇ ସହ ସମ୍ପର୍କ; ୫ ଗିରଫ

ଚଣ୍ଡୀଗଡ଼, ୪।୪(ଏଜେନ୍ସି): ପଞ୍ଜାବ ବିଜେପି ମୁଖ୍ୟ କାର୍ଯ୍ୟାଳୟ ଉପରେ ହୋଇଥିବା ଗ୍ରେନେଡ ଆକ୍ରମଣ ମାମଲାରେ ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ପଞ୍ଜାବ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଗୌରବ ଯାଦବ ଶନିବାର ସୂଚନା ଦେଇଛନ୍ତି ଯେ ଏହି ଘଟଣାରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରାଯାଇଛି ଏବଂ ଆକ୍ରମଣ କରିଥିବା ଦୁଇ ଅଭିଯୁକ୍ତଙ୍କୁ ଚିହ୍ନଟ କାରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ବୁଧବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଚଣ୍ଡୀଗଡ଼ର ସେକ୍ଟର ୩୭ ସ୍ଥିତ ବିଜେପି କାର୍ଯ୍ୟାଳୟ ନିକଟକୁ ଏକ ଆଶୋଧିତ ଗ୍ରେନେଡ଼ ଫିଙ୍ଗାଯାଇଥିଲା। ଏଥିରେ କୌଣସି ଜୀବନହାନି ଘଟିନଥିଲା। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଗ୍ରେନେଡ ଏବଂ କିଛି ମାରଣାସ୍ତ୍ର ଜବତ କରାଯାଇଛି। ଫରାର ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ପୁଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଏହି ଆକ୍ରମଣ ପଛରେ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇର ହାତ ରହିଛି। ଏହି ଘଟଣାକୁ ପର୍ତ୍ତୁଗାଲ ଓ ଜର୍ମାନୀରେ ଥିବା ହ୍ୟାଣ୍ଡଲରମାନେ ପରିଚାଳନା କରୁଥିଲେ। ନିଷିଦ୍ଧ ସଂଗଠନ 'ବବର ଖାଲସା ଇଣ୍ଟରନ୍ୟାସନାଲ'ର ସୁଖଜିନ୍ଦର ସିଂହ ବବର ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରି ସୋସିଆଲ ମିଡ଼ିଆରେ ପୋଷ୍ଟ କରିଛି। ଘଟଣା ପରେ ଏକ ଭିଡ଼ିଓ ଭାଇରାଲ ହୋଇଥିଲା।

# ଇରାନର ଯୁଦ୍ଧ ରଣନୀତିକୁ ନେଇ ଚିନ୍ତାରେ ଟ୍ରମ୍ପ







ତେହରାନ, ୪।୪(ଏଜେନ୍ସି): ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ୩୬ ଦିନରେ ପହଞ୍ଚିଛି। କିନ୍ତୁ ଗତ ୨୪ ଘଣ୍ଟା ମଧ୍ୟରେ ଇରାନ ଦ୍ୱାରା ଦୁଇଟି ଆମେରିକୀୟ ଯୁଦ୍ଧବିମାନ ଏବଂ ଦୁଇଟି ଏ୧୦-ଥଣ୍ଡରବୋଲ୍ଟ ଏବଂ ଗୋଟିଏ ବ୍ଲାକ ହକ୍ ହେଲିକପ୍ଟର ଆକ୍ରମଣର ଶିକାର ହେବା ପରେ ସାରା ବିଶ୍ୱ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। ଇରାନ ଆକାଶରେ ଅଖଣ୍ଡ ପ୍ରଭାବ ନେଇ ଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବିକୁ ଏହି ଘଟଣା ଏକ ବଡ଼ ଝଟ୍‌କା ଦେଇଛି। ଟ୍ରମ୍ପ ଦାବି କରିଥିଲେ ଯେ ଇରାନ ଆକାଶମାର୍ଗରେ ଆମେରିକାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି, କିନ୍ତୁ ଏହି ଘଟଣା ଟ୍ରମ୍ପଙ୍କ ଦାବିକୁ ଭୁଲ ବୋଲି ପ୍ରମାଣିତ କରିଛି। ଯୁଦ୍ଧରେ ଇରାନର ଏହି ଅପ୍ରତ୍ୟାଶିତ ପ୍ରତିକ୍ରିୟା ପ୍ରମାଣ କରିଛି ଯେ, ଆଧୁନିକ ଯୁଦ୍ଧ କ୍ଷେତ୍ରରେ କେବଳ ବଡ଼ ବଡ଼ ଦାବି ନୁହେଁ ବରଂ ଅସାମାନ୍ୟ ଯୁଦ୍ଧକଳା ଶକ୍ତିଶାଳୀ ଶତ୍ରୁକୁ ମଧ୍ୟ ଅଣନିଃଶ୍ୱାସୀ କରିପାରେ। ଇରାନ ନିଜର ପାରମ୍ପରିକ ପଦ୍ଧତି ପରିବର୍ତ୍ତେ ଅତ୍ୟାଧୁନିକ ଇନ୍‌ଫ୍ରାରେଡ ଟେକ୍ନୋଲୋଜି ଏବଂ ଗରିଲା ରଣନୀତି ବ୍ୟବହାର କରି ଆମେରିକାର ବାୟୁସେନାକୁ କଡ଼ା ଜବାବ ଦେଇଛି। ଫଳରେ ଦୀର୍ଘ ଦୁଇ ଦଶନ୍ଧି ପରେ ପ୍ରଥମଥର ପାଇଁ ଆମେରିକାର ଯୁଦ୍ଧ ବିମାନ ଶତ୍ରୁ ପକ୍ଷର ଆକ୍ରମଣରେ ଖସି ପଡ଼ିଛି।

**ଆମେରିକାର ଯୁଦ୍ଧ ବିମାନକୁ କିଭଳି ଖସାଉଛି ଇରାନ**

ଇରାନ ଏକ ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ ଯୁଦ୍ଧ ବିମାନକୁ ଖସାଇ ଦେଇଛି। ଏହା ବ୍ୟତୀତ, କୁଏତ ଉପରେ ଏକ ଏ-୧୦ ୱାର୍ଟହଗ୍ ବିମାନ ମଧ୍ୟ ଦୁର୍ଘଟଣାଗ୍ରସ୍ତ ହୋଇଛି। ଉଦ୍ଧାର କାର୍ଯ୍ୟରେ ଲାଗିଥିବା ଦୁଇଟି ବ୍ଲାକ ହକ୍ ହେଲିକପ୍ଟରକୁ ମଧ ଇରାନ ଟାର୍ଗେଟ କରିଥିଲା।

୨୦୦୩ ଇରାକ ଆକ୍ରମଣ ପରଠାରୁ ପ୍ରାୟ ୨୦ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଶତ୍ରୁ ପକ୍ଷର ଆକ୍ରମଣରେ ଆମେରିକୀୟ ଯୁଦ୍ଧ ବିମାନ ନଷ୍ଟ ହୋଇଛି। ଏହାକୁ ଇରାନର ମାଜିଦ ସିଷ୍ଟମର କମାଲ ବୋଲି କୁହାଯାଉଛି। ବିଶେଷଜ୍ଞଙ୍କ ଅନୁଯାୟୀ, ଇରାନର ନୂତନ ମାଜିଦ୍ ଏୟାର ଡିଫେନ୍ସ ସିଷ୍ଟମ ଏହି ସଫଳତାର ମୁଖ୍ୟ କାରଣ। ଏହା ରାଡାର ପରିବର୍ତ୍ତେ 'ପାସିଭ ଇନ୍‌ଫ୍ରାରେଡ୍' ପ୍ରଯୁକ୍ତିବିଦ୍ୟା ବ୍ୟବହାର କରୁଛି, ଯାହା ଫଳରେ ଏଫ୍-୩୫ ଭଳି ଆଧୁନିକ ଷ୍ଟେଲ୍‌ଥ ବିମାନ ମଧ୍ୟ ଏହାକୁ ଚିହ୍ନଟ କରିପାରିନାହିଁ। ଇରାନ ଏବେ ଯୁଦ୍ଧରେ ଏକ ନୂଆ ରଣନୀତି ଆପଣେଇଛି। ଇରାନ ଏବେ ଗୋଟିଏ ସ୍ଥାନରେ ସ୍ଥାୟୀ ଭାବେ ରହିବା ପରିବର୍ତ୍ତେ 'ସୁଟ୍-ଆଣ୍ଡ-ସ୍କୁଟ୍' ରଣନୀତି ଆପଣେଇଛି। ଏହା କ୍ଷେପଣାସ୍ତ୍ର ମାଡ଼ କରିବା ପରେ ତୁରନ୍ତ ନିଜର ସ୍ଥାନ ବଦଳାଇ ଦେଉଛି। ଇରାନ ନିଜର ଅଧିକାଂଶ ପ୍ରତିରକ୍ଷା ପ୍ରଣାଳୀକୁ ମାଟି ତଳେ ଥିବା ସୁଡଙ୍ଗ ଏବଂ ଗୁପ୍ତ ସହରରେ ଲୁଚାଇ ରଖିଛି, ଯାହାକୁ ଆମେରିକା ଗୁଇନ୍ଦା ସଂସ୍ଥା ଠାବ କରିବାରେ ବିଫଳ ହୋଇଛି। ଇରାନ ରୁଷିଆରୁ ଭର୍ବ ମ୍ୟାନ-ପୋର୍ଟେବଲ ସିଷ୍ଟମ ଏବଂ ଚୀନ୍‌ର ଉନ୍ନତ ଏଚ୍‌କ୍ୟୁ-୯ବି ମିସାଇଲ ସିଷ୍ଟମ ବ୍ୟବହାର କରୁଥିବା ସନ୍ଦେହ କରାଯାଉଛି।

ମିଳିଥିବା ରିପୋର୍ଟ ଅନୁଯାୟୀ ୩୬ ଦିନରେ ଯୁଦ୍ଧରେ ଆମେରିକାର୧୮ଟି ଯୁଦ୍ଧବିମାନକୁ କ୍ଷେଣାସ୍ତ୍ର ମାଡ଼ କରି ଇରାନ ଖସାଇଥିବା ବେଳେ ଶତାଧିକ ଡ୍ରୋନକୁ ନଷ୍ଟ କରିଛି। ଏଥିରେ ରହିଛି ୩ଟି ଏଫ୍-୧୫, ଦୁଇଟି ଏଫ୍-୩୫, ଦୁଇଟି ଏ-୧୦ ଥଣ୍ଡରବୋଲଟ, ୮ଟି କେସି-୧୩୫ ଏବଂ ଦୁଇଟି ଆୱାକ୍ସ।

## ପାକିସ୍ତାନର ମଧ୍ୟସ୍ଥତାକୁ ଇରାନର ପ୍ରତ୍ୟାଖ୍ୟାନ

ଇସଲାମାବାଦ/ୱାସିଂଟନ, ୪।୪(ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ରୋକିବା ପାଇଁ ହେଉଥିବା ଶାନ୍ତି ଆଲୋଚନାକୁ ବଡ଼ ଝଟ୍‌କା ଲାଗିଛି। ଏହି ଶାନ୍ତି ପ୍ରକ୍ରିୟା ଏବେ ବଡ଼ ବାଧାର ସମ୍ମୁଖୀନ ହୋଇଛି। ୱାଲଷ୍ଟ୍ରିଟ୍ ଜର୍ଣ୍ଣାଲ ଅନୁଯାୟୀ, ପାକିସ୍ତାନର ନେତୃତ୍ୱରେ ଚାଲିଥିବା ଏହି ଆଲୋଚନା ଏକ ପ୍ରକାର ବନ୍ଦ ହୋଇଯାଇଛି। ଇରାନ ସ୍ପଷ୍ଟ ଭାବେ ଜଣାଇଛି ଯେ, ସେ ଆଲୋଚନା ପାଇଁ ପାକିସ୍ତାନକୁ ନିଜର ପ୍ରତିନିଧି ପଠାଇବ ନାହିଁ। ଆମେରିକାର ସର୍ତ୍ତଗୁଡ଼ିକ ଅଗ୍ରହଣୀୟ ବୋଲି ତେହରାନ କହିଛି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ଓ ଏହାର ଆଲୋଚନା ପାଇଁ ପାକିସ୍ତାନ ଉପଯୁକ୍ତ ସ୍ଥାନ ନୁହେଁ। ସେପଟେ ବିଶିଷ୍ଟ ଇରାନ ବିଶେଷଜ୍ଞ ଭାଲି ନାସର ଏକ ଚମକାଇଲା ଭଳି ମନ୍ତବ୍ୟ ଦେଇଛନ୍ତି। ତାଙ୍କ ଅନୁଯାୟୀ, ପାକିସ୍ତାନ ଜରିଆରେ ଆମେରିକା ସହ ଆଲୋଚନା କରିବା ପାଇଁ ଦିଆଯାଇଥିବା ପ୍ରସ୍ତାବ ଏକ ଫାଶ ଥିଲା, ଯାହାର ଉଦ୍ଦେଶ୍ୟ ଥିଲା ଇରାନର ବଡ଼ ଅଧିକାରୀମାନଙ୍କୁ ଗୋଟିଏ ସ୍ଥାନକୁ ଡାକି ସେମାନଙ୍କୁ ହତ୍ୟା କରିବା। ପାକିସ୍ତାନରେ ଆଲୋଚନା ବିଫଳ ହେବା ପରେ ଏବେ ତୁର୍କୀ ଓ ମିଶର ଅନ୍ୟ ବିକଳ୍ପ ସ୍ଥାନ ଖୋଜୁଛନ୍ତି। ଆଗାମୀ ଦିନରେ କାତାର କିମ୍ବା ଇସ୍ତାନବୁଲ୍‌ରେ ଏହି ଆଲୋଚନା ହୋଇପାରେ। ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଟ୍ରୁଥ ସୋସିଆଲରେ କହିଛନ୍ତି ଯେ, ଯେପର୍ଯ୍ୟନ୍ତ ଇରାନ ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଖୋଲା ନ କରିଛି, ସେ ପର୍ଯ୍ୟନ୍ତ ଆମେରିକା ଇରାନ ଉପରେ ଆକ୍ରମଣ ଜାରି ରଖିବ। ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯେ ସେ ଇରାନକୁ ପଥର ଯୁଗକୁ ଫେରାଇ ଦେବେ। ରିପୋର୍ଟ ଅନୁଯାୟୀ, ଆମେରିକା ଏକ ଚୁକ୍ତି କରିବାକୁ ଚାହୁଁଛି ଯେଉଁଥିରେ ଇରାନ ହର୍ମୁଜ ପ୍ରଣାଳୀକୁ ବାଣିଜ୍ୟିକ ଜାହାଜ ପାଇଁ ଖୋଲିବ ଏବଂ ଏହାର ବଦଳରେ ଆମେରିକା ଯୁଦ୍ଧ ବନ୍ଦ କରିବ। କିନ୍ତୁ ଇରାନ ଏହି ଦାବିକୁ ଭିତ୍ତିହୀନ ବୋଲି କହି ପ୍ରତ୍ୟାଖ୍ୟାନ କରିଛି। ଗୋଟିଏ ପଟେ ଆମେରିକାର ଭୟଙ୍କର ବୋମାମାଡ଼ ଏବଂ ଅନ୍ୟପଟେ ଇରାନର ଜିଦ୍ ଯୋଗୁଁ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**'ଇରାନ ଅଧିକାରୀଙ୍କୁ ମାରିବା ପାଇଁ ଏହା ଏକ ଷଡ଼ଯନ୍ତ୍ର'**

### ଇରାନୀ ତୈଳ ଜାହାଜ ଚୀନ୍ ପଳାଇବା ପ୍ରସଙ୍ଗ

## ଜାହାଜ ଭାରତ ଆସୁନଥିଲା



ନୂଆଦିଲ୍ଲୀ, ୪।୪(ଏଜେନ୍ସି): ଇରାନରୁ ଭାରତ ଆସୁଥିବା ଅଶୋଧିତ ତୈଳ ଜାହଜ ପେମେଣ୍ଟ ବା ଅର୍ଥ ପୈଠ ସମସ୍ୟା ଯୋଗୁଁ ଚୀନ୍ ଅଭିମୁଖେ ଯାଇଥିବା ଖବରକୁ ଭାରତ ସରକାର ଶନିବାର ଦୃଢ଼ ଭାବେ ପ୍ରତ୍ୟାଖାନ କରିଛନ୍ତି। କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଏହି ରିପୋର୍ଟକୁ ତଥ୍ୟଗତ ଭାବେ ଭୁଲ ବୋଲି ବର୍ଣ୍ଣନା କରିଛନ୍ତି। ମନ୍ତ୍ରଣାଳୟ ଏ ନେଇ ସ୍ପଷ୍ଟୀକରଣ ଦେଇଛି। ସୋସିଆଲ ମିଡିଆ ଏବଂ କେତେକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଖବର ଅନୁସାରେ ପେମେଣ୍ଟରେ ବାଧା ଉପୁଜିବାରୁ ଗୁଜରାଟର ବାଦିନାର ଅଭିମୁଖେ ଆସୁଥିବା ଜାହାଜ ଚୀନ୍ ଚାଲିଗଲା। ତେବେ ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଭାରତ କହିଛି। ଇରାନରୁ ତୈଳ ଆମଦାନୀ ପାଇଁ କୌଣସି ଆର୍ଥିକ ପ୍ରତିବନ୍ଧକ ନାହିଁ ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ମନ୍ତ୍ରଣାଳୟ କହିଛି ଯେ, ଅନ୍ତର୍ଜାତୀୟ ତୈଳ ବ୍ୟାପାରରେ ଜାହାଜର ଗନ୍ତବ୍ୟ ସ୍ଥଳ ପରିବର୍ତ୍ତନ ହେବା ଏକ ସାଧାରଣ ବ୍ୟବସାୟିକ ନିଷ୍ପତ୍ତି। ବ୍ୟବସାୟିକ ସୁବିଧା ଓ କାର୍ଯ୍ୟକ୍ଷମ ନମନୀୟତା ଆଧାରରେ ଜାହାଜଗୁଡ଼ିକ ମଝି ସମୁଦ୍ରରେ ନିଜର ଦିଗ ବଦଳାଇଥାନ୍ତି। ଭାରତ ବିଶ୍ୱର ୪୦ଟିରୁ ଅଧିକ ଦେଶରୁ ତେଲ ଆମଦାନୀ କରୁଛି। ଆଗାମୀ ମାସଗୁଡ଼ିକ ପାଇଁ ଭାରତର ତୈଳ ଆବଶ୍ୟକତା ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ସତ୍ତ୍ୱେ ଯୋଗାଣ ବାଧାପ୍ରାପ୍ତ ହେବ ନାହିଁ ବୋଲି ମନ୍ତ୍ରଣାଳୟ ତରଫରୁ ସ୍ପଷ୍ଟ କରାଯାଇଛି। ପୁଣି ମନ୍ତ୍ରଣାଳୟ ଏଲ୍‌ପିଜି ସମ୍ପର୍କିତ ଗୁଜବକୁ ମଧ୍ୟ ଖଣ୍ଡନ କରିଛି। ସୂଚନା ଦିଆଯାଇଛି ଯେ, ୪୪ ଟିଏମ୍‌ଟି ଇରାନୀ ଏଲ୍‌ପିଜି ବହନ କରୁଥିବା ଜାହାଜ ସି ବାର୍ଡ ଏପ୍ରିଲ ୨ରେ ମାଙ୍ଗାଲୋର ବନ୍ଦରରେ ପହଞ୍ଚିଛି ଓ ବର୍ତ୍ତମାନେ ସେଠାରେ ଗ୍ୟାସ୍ ଖାଲି କରାଯାଉଛି। ସୂଚନାଯୋଗ୍ୟ, ୨୦୧୯ ପରଠାରୁ ଭାରତ ଇରାନରୁ ତେଲ ଆମଦାନୀ ପ୍ରାୟ ବନ୍ଦ କରିଦେଇଥିଲା। ନିକଟରେ ଆମେରିକା ୩୦ ଦିନ ପାଇଁ କିଛିଟା କୋହଳ ନୀତି ଆପଣେଇବା ପରେ ଏହି ଅମାଦାନୀ ପୁଣି ଚର୍ଚ୍ଚାକୁ ଆସିଛି। ପିଙ୍ଗ୍ ସୁନ୍ ନାମକ ଜାହାଜ ଭାରତ ଅଭିମୁଖେ ଆସୁଥିବା ବେଳେ ହଠାତ ଚୀନର ଡଙ୍ଗ୍‌ୟିଙ୍ଗ୍ ଅଭିମୁଖେ ଯାତ୍ରା କରିବାରୁ ଏହି ବିବାଦ ସୃଷ୍ଟି ହୋଇଥିଲା।

## ହର୍ମୁଜ ପ୍ରଣାଳୀରେ ନୂଆ ସିପିଙ୍ଗ ରୁଟ୍ ଭାରତୀୟ ଜାହାଜ ସମେତ ୪ଟି ବଡ଼ ଜାହାଜ ସୁରକ୍ଷିତ ପାର

ନୂଆଦିଲ୍ଲୀ, ୪।୪(ଏଜେନ୍ସି): ସାରା ବିଶ୍ୱରେ ଶକ୍ତି ଯୋଗାଣ ପାଇଁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ହର୍ମୁଜ ପ୍ରଣାଳୀରେ ଏକ ନୂଆ ସାମୁଦ୍ରିକ ପଥ ଚିହ୍ନଟ ହୋଇଛି। ଏହି ପଥ ଅନ୍ତର୍ଜାତୀୟ ଜଳସୀମାକୁ ଏଡ଼ାଇ ଓମାନର ଆଞ୍ଚଳିକ ଜଳସୀମା ମଧ୍ୟରେ ରହିଛି, ଯାହା ଫଳରେ ଜାହାଜଗୁଡ଼ିକ ଇରାନ କବ୍‌ଜାରୁ ବଞ୍ଚିପାରୁଛନ୍ତି। ଏଆଇଏସ୍ (ଅଟୋମେଟିକ ଆଇଡେଣ୍ଟିଫିକେଶନ ସିଷ୍ଟମ)ର ତଥ୍ୟ ଅନୁଯାୟୀ, ତେଲ ଏବଂ ଗ୍ୟାସ ବହନ କରୁଥିବା ୪ଟି ବଡ଼ ଜାହାଜ ଏହି ନୂଆ ରୁଟ୍ ବା ପଥ ଦେଇ ଗତି କରିଛନ୍ତି। ଏହି ପଥ ଓମାନର ମୁସାଣ୍ଡମ ଉପଦ୍ୱୀପ ନିକଟ ଦେଇ ଯାଇଛି। ଏହି ଜାହାଜଗୁଡ଼ିକ ମଧ୍ୟରେ ଏମ୍‌ଏସ୍‌ଭି କ୍ୟୁବା ଏମ୍‌ଏନ୍‌ଭି ୨୧୮୩ ନାମକ ଏକ ଭାରତୀୟ ପଣ୍ୟବାହୀ ଜାହାଜ ମଧ୍ୟ ସାମିଲ ଅଛି, ଯାହା ଦୁବାଇରୁ ଯାତ୍ରା ଆରମ୍ଭ କରିଥିଲା। ମାର୍ଶାଲ ଆଇଲ୍ୟାଣ୍ଡର ଦୁଇଟି ବଡ଼ ଅଶୋଧିତ ତେଲବାହୀ ଜାହାଜ (ହାବ୍ରୁଟ୍ ଓ ଧଲକୁଟ) ଏବଂ ପାନାମାର ଏକ ଏଲ୍‌ଏନ୍‌ଜି କ୍ୟାରିୟର (ସୋହର) ମଧ୍ୟ ଏହି ପଥରେ ସୁରକ୍ଷିତ ଭାବେ ଅତିକ୍ରମ କରିଛନ୍ତି। ଉଲ୍ଲେଖଥାଉ କି, ଯୁଦ୍ଧ ଆରମ୍ଭ ହେବା ପରେ ଇରାନ ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ କଟକଣା ଲଗାଇଥିଲା। ଇରାନ ନିଜ ଜଳସୀମା ଦେଇ ନୂଆ ପଥ ତିଆରି କରିଥିଲା, ଯେଉଁଠାରେ ପ୍ରତି ବ୍ୟାରେଲ ପିଛା ୧ ହଲାର ଟୋଲ ବା ଶୁଳ୍କ ଆଦାୟ କରାଯାଉଥିଲା। ଏବେ ନୂଆ ଓମାନ ରୁଟ୍ ବ୍ୟବହାର କରିବା ଦ୍ୱାରା ଜାହାଜଗୁଡ଼ିକ ଇରାନର ମିସାଇଲ୍ ଏବଂ ଡ୍ରୋନ୍ ଆକ୍ରମଣରୁ ରକ୍ଷା ପାଇବା ସହ ଅନାବଶ୍ୟକ ଶୁଳ୍କରୁ ମଧ ବଞ୍ଚି ପାରୁଛନ୍ତି।

## ଇରାନ ପ୍ରସଙ୍ଗରେ ରାହୁଲଙ୍କ ସହ କଂଗ୍ରେସ ନେତାଙ୍କ ମତଭେଦ

ନୂଆଦିଲ୍ଲୀ, ୪।୪(ଏଜେନ୍ସି): ଇରାନ ସହ ଚାଲିଥିବା ଯୁଦ୍ଧ ଏବଂ ଭାରତରେ ଏଲ୍‌ପିଜି ଯୋଗାଣ ସ୍ଥିତିକୁ ନେଇ କଂଗ୍ରେସ ଦଳ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି। ଦଳର ହାଇକମାଣ୍ଡ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କୁ ତୀବ୍ର ସମାଲୋଚନା କରୁଥିବା ବେଳେ, ୪ ଜଣ ବରିଷ୍ଠ କଂଗ୍ରେସ ନେତା ସରକାରଙ୍କ ରଣନୀତିକୁ ସମର୍ଥନ କରିଛନ୍ତି। କଂଗ୍ରେସର ପ୍ରଭାବଶାଳୀ ନେତା କମଲ ନାଥ, ଆନନ୍ଦ ଶର୍ମା, ଶଶି ଥରୁର ଓ ମନୀଷ ତିୱାରୀ କଂଗ୍ରେସ ଦଳର ଆଭିମୁଖ୍ୟଠାରୁ ପୃଥକ ରହି ସରକାରଙ୍କ ବୈଦେଶିକ ନୀତିକୁ ପ୍ରଶଂସା କରିଛନ୍ତି। ଆନନ୍ଦ ଶର୍ମା ମୋଦୀ ସରକାରଙ୍କ ପଦକ୍ଷେପକୁ ପରିପକ୍ୱ ଓ ଦକ୍ଷ ବୋଲି କହିଛନ୍ତି। ଏଭଳି ସଙ୍କଟ ସମୟରେ ଜାତୀୟ ଏକତା ଓ ସହମତିର ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଛନ୍ତି। ସେହିପରି ରାହୁଲ ଗାନ୍ଧୀ ଭାରତର ବୈଦେଶିକ ନୀତିକୁ ଦୁର୍ବଳ କହୁଥିବା ବେଳେ, ଥରୁର ଏହାକୁ ଦାୟିତ୍ୱବାନ୍ ଶାସନକଳା ବୋଲି ବର୍ଣ୍ଣନା କରିଛନ୍ତି। ଦେଶରେ ଏଲ୍‌ପିଜି ବା ରନ୍ଧନ ଗ୍ୟାସର ଅଭାବ ଥିବା ନେଇ କଂଗ୍ରେସ କରୁଥିବା ଦାବିକୁ କମଲନାଥ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ, ଗ୍ୟାସର କୌଣସି ଅଭାବ ନାହିଁ, କେବଳ ମିଥ୍ୟା ବାତାବରଣ ସୃଷ୍ଟି କରାଯାଉଛି। ପଶ୍ଚିମ ଏସିଆ ସଙ୍କଟରେ ସରକାର ସଠିକ୍ ପଦକ୍ଷେପ ନେଇଛନ୍ତି ବୋଲି ମନୀଷ ତିୱାରୀ କହିଛନ୍ତି। କଂଗ୍ରେସ ନେତାଙ୍କ ଏହି ଆଭିମୁଖ୍ୟ ପରେ ବିଜେପି ଆହୁରି ଆକ୍ରମଣାତ୍ମକ ହୋଇଛି। କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି ଯେ, ନିଜର ଦଳର ନେତାମାନେ ସତ୍ୟ ସ୍ୱୀକାର କରୁଥିବାରୁ କଂଗ୍ରେସ ଏବେ ମିଥ୍ୟା ପ୍ରଚାର ବନ୍ଦ କରିବା ଉଚିତ। ବିଜେପି ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ରାହୁଲ ଗାନ୍ଧୀଙ୍କୁ ସୁବିଧାବାଦୀ ବୋଲି ସମାଲୋଚନା କରିଛନ୍ତି। ପୂର୍ବରୁ ମଧ୍ୟ ଏଭଳି ସ୍ଥିତି ଉପୁଜିଛି। ୨୦୧୫ରେ ହୋଇଥିବା ଅପପରେସନ ସିନ୍ଦୂର ସମୟରେ ମଧ୍ୟ ଶଶି ଥରୁର ଓ ମନୀଷ ତିୱାରୀ ସରକାରଙ୍କ ସମର୍ଥନରେ ବାହାରିଥିଲେ। ସେତେବେଳେ ରାହୁଲ ଗାନ୍ଧୀ ସରକାରଙ୍କ ଇଚ୍ଛା ଉପରେ ପ୍ରଶ୍ନ ଉଠାଇଥିଲେ, କିନ୍ତୁ ଏହି ନେତାମାନେ ସେନା ଓ ସରକାରଙ୍କ ପକ୍ଷ ରଖିଥିଲେ। ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ପ୍ରସଙ୍ଗରେ କଂଗ୍ରେସର ଆଭ୍ୟନ୍ତରୀଣ କନ୍ଦଳ ଦଳ ପାଇଁ ଆଗାମୀ ଦିନରେ ଅଡୁଆ ସୃଷ୍ଟି କରିପାରେ।

### ପୁଅ ଆଶାରେ ପିଶାଚ ସାଜିଲା ବାପା

## ଦୁଇ ଜାଆଁଳା ଶିଶୁ କନ୍ୟାଙ୍କୁ କୂଅକୁ ଫିଙ୍ଗି ହତ୍ୟା କଲା



କାରିମନଗର (ତେଲଙ୍ଗାନା), ୪।୪(ଏଜେନ୍ସି): ତେଲଙ୍ଗାନାର କାରିମନଗର ଜିଲ୍ଲା ଅନ୍ତର୍ଗତ ଜୁବିଲି ନଗରରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହ ଏବଂ ପୁଅ ପାଇବା ଜିଦ୍‌ରେ ଜଣେ ବ୍ୟକ୍ତି ନିଜର ଦୁଇ ନିଷ୍ପାପ ଜାଆଁଳା ଝିଅଙ୍କୁ କୂଅରେ ବୁଡ଼ାଇ ହତ୍ୟା କରିବାର ଅଭିଯୋଗ ହୋଇଛି। ଅଭିଯୁକ୍ତ ବାପାର ନାମ କାବୁ ଶ୍ରୀଶୈଳମ। ସେ ୬ ବର୍ଷ ତଳେ ମୌନିକାଙ୍କୁ ବିବାହ କରିଥିଲେ। ସେମାନଙ୍କର ଦୁଇ ଯମଜ ଝିଅ ଥିଲେ। ଏହି ଦୁଇ ଝିଅଙ୍କ ନାମ ଗୀତାଞ୍ଜଳି ଏବ ଗୀତାନଭିକା ଥିଲା। ପୁଲିସ ଓ ପରିବାର ଲୋକଙ୍କ କହିବା ଅନୁଯାୟୀ, ଶ୍ରୀଶୈଳମ ପୁଅ ଚାହୁଁଥିଲେ। କିନ୍ତୁ ଯମଜ ଝିଅ ଜନ୍ମ ହେବା ପରଠାରୁ ସେ ଖୁସି ନଥିଲେ। ଏହି କାରଣରୁ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପ୍ରାୟତଃ ସବୁବେଳେ ଝଗଡ଼ା ହେଉଥିଲା। ଶୁକ୍ରବାର ସନ୍ଧ୍ୟାରେ ପୁଣି ଥରେ କଳହ ହେବା ପରେ, ଶ୍ରୀଶୈଳମ ଦୁଇ ଝିଅଙ୍କୁ ଗାଁ ବାହାରେ ଥିବା ଚାଷ ଜମିକୁ ବୁଲାଇ ନେବାକୁ ଯାଇଥିଲେ। ସେଠାରେ ସେ ଦୁଇ ଝିଅଙ୍କୁ କୂଅ ଭିତରକୁ ଫିଙ୍ଗି ଦେଇଥିଲେ। ଘଟଣା ବିଷୟରେ ଜାଣିବା ପରେ ସ୍ଥାନୀୟ ଲୋକ ଏବଂ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପହଁରାଳିଙ୍କ ସାହାଯ୍ୟରେ କୂଅ ଭିତରୁ ଦୁଇଜଣ ଯାକ ଶିଶୁ କନ୍ୟାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଉତ୍ୟକ୍ତ ଗ୍ରାମବାସୀ ଅଭିଯୁକ୍ତ ବାପାକୁ କାବୁ କରି ମାଡ଼ ମାରିବା ସହ ପୁଲିସରେ ଜିମା ଦେଇଛନ୍ତି। ପୁଲିସ ଏବେ ତଦନ୍ତ ଜାରି ରଖିଛି। କୂଆ ଫିଙ୍ଗିବା ପୂର୍ବରୁ ପିଲାମାନଙ୍କୁ କୌଣସି ବିଷାକ୍ତ ଦ୍ରବ୍ୟ ଦିଆଯାଇଥିଲା କି ନା ସେ ନେଇ ପୁଲିସ ତଦନ୍ତ ଚଳାଇଛି। ସ୍ଥାନୀୟ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ଏବେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଦୁଃଖ ଓ ଶୋକର ବାତାବରଣ ଖେଳିଯାଇଛି।

## ପାର୍ବତ୍ୟ ଅଞ୍ଚଳରେ ନିଖୋଜ ପାଇଲଟଙ୍କୁ ଖୋଜୁଛନ୍ତି ଆମେରିକା, ଇରାନ

ତେହରାନ, ୪।୪(ଏଜେନ୍ସି): ଆକ୍ରମଣ କରି ଇରାନର ସାମରିକ ଶକ୍ତିକୁ ଶୂନ କରି ଦିଆଯାଇଛି ବୋଲି ଟ୍ରମ୍ପ ଦାବି କରୁଥିବା ବେଳେ ଗତକାଲି ୨୪ ଘଣ୍ଟା ମଧ୍ୟରେ ଇରାନ ଦ୍ୱାରା ୪ଟି ଆମେରିକୀୟ ଯୁଦ୍ଧ ବିମାନ ଖସାଇ ଦିଆଯିବା ପରେ ପରିସ୍ଥିତି ଅଧିକ ଜଟିଳ ହୋଇପଡ଼ିଛି। ପ୍ରାୟ ୨୮ ୯ କୋଟି ଟଙ୍କାର ଶକ୍ତିଶାଳୀ ଦୁଇଟି ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ ବିମାନକୁ ଇରାନ ଖସାଇ ଦେଇଛି। ଏଥିରେ ଥିବା ଦୁଇଜଣ ସଦସ୍ୟଙ୍କ ମଧ୍ୟରୁ ଜଣଙ୍କୁ ଆମେରିକା ସ୍ପେଶାଲ ଫୋର୍ସ ଉଦ୍ଧାର କରିଥିବା ବେଳେ ଅନ୍ୟ ଜଣେ ଏବେ ମଧ ନିଖୋଜ ଅଛନ୍ତି ବୋଲି ଆମେରିକା କହିଛି। ସେହିପରି ଦୁଇଟି ଏ-୧୦ ଥଣ୍ଡରବୋଲଟ୍ ବିମାନକୁ ମଧ୍ୟ କୁଏତ ଉପକୂଳରେ ଖସାଇଦେଇଛି ଇରାନ। ନିଖୋଜ ପାଇଲଟଙ୍କୁ ଖୋଜୁଥିବା ଦୁଇଟି 'ବ୍ଲାକ ହକ୍' ହେଲିକପ୍ଟର ମଧ୍ୟ ଇରାନ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଛି। ଏହି ପାଇଲଟମାନଙ୍କୁ ଖୋଜାଖୋଜି କରାଯାଉଛି। ଇରାନ ଗଣମାଧ୍ୟମ ଅନୁଯାୟୀ, ଯଦି କେହି ଆମେରିକୀୟ ପାଇଲଟଙ୍କୁ ଜୀବନ୍ତ ଧରିପାରିବେ, ତେବେ ତାଙ୍କୁ ବହୁମୂଲ୍ୟ ପୁରସ୍କାର ଦିଆଯିବ। ଯିଏ ପାଇଲଟଙ୍କୁ ଜୀବନ୍ତ ଧରିବ, ତାଙ୍କୁ ୧୦ ବିଲିୟନ ତୋମାନ ଅର୍ଥାତ ପ୍ରାୟ ୫୫ ଲକ୍ଷ ଟଙ୍କା ପୁରସ୍କାର ମିଳିବ। ଇରାନର ଆଇଆରଜିସି ଦକ୍ଷିଣ- ପଶ୍ଚିମ ଇରାନରେ ନିଖୋଜ ପାଇଲଟଙ୍କୁ ଖୋଜିବା ଜାରି ରଖିଛି। ଅନ୍ୟପଟେ, ଆମେରିକା ସେନା ତରଫରୁ ପାହାଡ଼ିଆ ଅଞ୍ଚଳରେ ନିଖୋଜଙ୍କୁ ଖୋଜିବା ପାଇଁ ଏକ ବଡ଼ ଧରଣର ସର୍ଚ୍ଚ ଅପରେସନ ଜାରି ରହିଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଘଟଣା ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଏକ ଯୁଦ୍ଧ ବିମାନ ହରାଇବା ଦ୍ୱାରା ଇରାନ ସହ ଚାଲିଥିବା ଆଲୋଚନା ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଏହା ଏକ ଯୁଦ୍ଧ ଓ ଏଥିରେ ଏହି ଭଳି ଘଟଣା ଘଟେ ବୋଲି ସେ ସ୍ପଷ୍ଟ ଭାବେ କହିଛନ୍ତି। ଉଲ୍ଲେଖଥାଉ କି, ଏହି ଯୁଦ୍ଧରେ ଏପର୍ଯ୍ୟନ୍ତ ୧, ୯୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇସାରିଲାଣି। ଇସ୍ରାଏଲରେ ୧୯ ଓ ଆମେରିକାର ୧୩ ଜଣ ସୈନ୍ୟ ପ୍ରାଣ ହରାଇଛନ୍ତି।

**ଅବସରପ୍ରାପ୍ତଙ୍କ ପୁନଃନିଯୁକ୍ତିରେ ରାଜ୍ୟ ସରକାରଙ୍କ ଦୋମୁହାଁ ନୀତି**

# ୫ ନିୟମ କୋହଳ; ବିଭାଗ ପାଲଟିବ ଥଇଥାନ କେନ୍ଦ୍ର

■ ପଦ ପୂରଣ ପାଇଁ ପ୍ରକାଶ ପାଇବନି ବିଜ୍ଞାପନ
■ କାରଣକୁ ନେଇ ବୁଦ୍ଧିଜୀବୀ ମହଲର ପ୍ରଶ୍ନ

ଭୁବନେଶ୍ୱର,୪।୪(ସମିସ): ଅବସରପ୍ରାପ୍ତ ସରକାରୀ ଅଧିକାରୀ, କର୍ମଚାରୀଙ୍କ ପୁନଃନିଯୁକ୍ତିକୁ ନେଇ ରାଜ୍ୟ ବିଜେପି ସରକାର ଏବେ ୟୁଟର୍ଣ୍ଣ ନେଇଛନ୍ତି। ଅବସରପ୍ରାପ୍ତଙ୍କୁ ପୁନଃ ନିଯୁକ୍ତି ଉପରେ ବିଜେପି ସରକାର ଲଗାଇଥିବା ଅଙ୍କୁଶକୁ କୋହଳ କରି ଏଥିରେ ପରିବର୍ତ୍ତନ ଆଣିଛନ୍ତି। ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ଗତ ୨ ତାରିଖରେ ଏନେଇ ଏକ ସଂକଳ୍ପ ପ୍ରକାଶ ପାଇଛି। ତେବେ ଏହି ନିଷ୍ପତ୍ତିର ଆବଶ୍ୟକତା ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨୦୨୪ ମସିହା ସେପ୍ଟେମ୍ବର ୧୨ ତାରିଖରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃ ନିଯୁକ୍ତି ଉପରେ ସରକାର କଡ଼ା ଅଙ୍କୁଶ ଲଗାଇଥିବା ବେଳେ, କେଉଁ ପରିସ୍ଥିତି ଏବଂ କାହା ଚାପରେ ଏହାକୁ କୋହଳ କଲେ, ତାହାର ଉତ୍ତର ଖୋଜୁଛନ୍ତି ବିଶେଷଜ୍ଞ ମହଲ।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ସଂକଳ୍ପ ଅନୁସାରେ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀଙ୍କ ପୁନଃ ନିଯୁକ୍ତି ଦେବା ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବା ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ଦସ୍ତଖତରେ ଜାରି ଏହି ସଂକଳ୍ପରେ ପୂର୍ବର ୫ଟି ପ୍ରମୁଖ ନିୟମକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି। ୨୦୨୪ ସେପ୍ଟେମ୍ବର ୧୨ତାରିଖରେ ଜାରି ହୋଇଥିବା ସଂକଳ୍ପରେ ଥିବା କଠୋର ପ୍ରାବଧାନକୁ ପ୍ରକାଶିତ ସଂକଳ୍ପରେ କୋହଳ କରାଯାଇଛି। ପୁନଃନିଯୁକ୍ତି ପାଇଁ ପୂର୍ବରୁ ଥିବା କ୍ରମାଗତ ୬୦ ମାସର 'ଆଉଟଷ୍ଟାଣ୍ଡିଂ' ସିସିଆର କିମ୍ବା ପିଏଆର୍‌କୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି। ପୁନଃନିଯୁକ୍ତି ପାଇଁ ଖୋଲା ବିଜ୍ଞାପନ ମାଧ୍ୟମରେ ଚୟନ କରିବାର ପ୍ରକ୍ରିୟାକୁ ମଧ୍ୟ ଉଠାଇ ଦେଇଛନ୍ତି। ପ୍ରତି ବିଭାଗରେ ମୋଟ ପଦବୀର ମାତ୍ର ୧ ପ୍ରତିଶତ ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁନଃନିଯୁକ୍ତିର ନିୟମ ଥିବାବେଳେ ଏହାକୁ ମଧ୍ୟ ହଟାଇ ଦିଆଯାଇଛି। ସେହିପରି ପୁନଃ ନିଯୁକ୍ତି ପୂର୍ବରୁ ସରକାରୀ ବାସଭବନ ଖାଲି କରିବାର ଯେଉଁ ବାଧ୍ୟତାମୂଳକ ନିୟମ ଥିଲା, ତାହାକୁ ମଧ୍ୟ ସରକାର ହଟାଯାଇଛି। ଏହି ସମସ୍ତ ନିୟମ ଗ୍ରୁପ୍-ସି ଓ ତଦୁର୍ଦ୍ଧ୍ୱ ଉଚ୍ଚପଦବୀର ସମସ୍ତ ଅବସରପ୍ରାପ୍ତ କର୍ମଚାରୀ-ଅଧିକାରୀଙ୍କ ପୁନଃନିଯୁକ୍ତି ପାଇଁ ଲାଗୁ ହେବ ବୋଲି ସଂକଳ୍ପରେ ଉଲ୍ଲେଖ ରହିଛି।

ରାଜ୍ୟ ସରକାରଙ୍କ ଏହି ପୁନଃନିଯୁକ୍ତି ନିୟମକୁ ନେଇ ଏବେ ପ୍ରଶାସନିକ ସ୍ତରରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି। ବିଶେଷକରି ପୁନଃନିଯୁକ୍ତି କ୍ଷେତ୍ରରେ କାର୍ଯ୍ୟଦକ୍ଷତାର ସର୍ବୋଚ୍ଚ ମାପଦଣ୍ଡ 'ଆଉଟଷ୍ଟାଣ୍ଡିଂ' ସର୍ତ୍ତକୁ ହଟାଇ ଦିଆଯିବାକୁ ନେଇ ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି। ଏହାଦ୍ୱାରା ବିଭାଗଗୁଡ଼ିକ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀଙ୍କ ଥଇଥାନ କେନ୍ଦ୍ର ପାଲଟିବା ନେଇ ବିଶେଷଜ୍ଞ ମହଲରେ ଆଶଙ୍କା ପ୍ରକାଶ ପାଇଛି। ଗୋଟିଏ ପଟେ ରାଜ୍ୟରେ ଲକ୍ଷ ଲକ୍ଷ ଉଚ୍ଚଶିକ୍ଷିତ ବେକାର ଚାକିରି ଅପେକ୍ଷାରେ ଅଛନ୍ତି। ସରକାରକୁ ଆସିବା ପରେ ରାଜ୍ୟରେ ଆଉ ଥଇଥାନ କିମ୍ବା ପୁନଃ ନିଯୁକ୍ତି କାର୍ଯ୍ୟକାରୀ ହେବ ନାହିଁ ବୋଲି ସରକାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ମାତ୍ର କେଉଁ ପରିସ୍ଥିତିରେ ସରକାର ଏପରି ଦୋମୁହାଁ ନୀତି ଆପଣେଇଲେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି।

# ୮ ତାରିଖ ଯାଏଁ ଜାରି ରହିବ କାଳବୈଶାଖୀ

**ଆଜି ୧୮ ଜିଲ୍ଲାରେ ପବନ, ବର୍ଷା ସହ ବିଜୁଳି ଆଶଙ୍କା**

ଭୁବନେଶ୍ୱର,୪।୪(ସମିସ): ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ଶନିବାର ବିଭିନ୍ନ ସ୍ଥାନରେ ପବନ ସହ ବର୍ଷା ହୋଇଥିବା ବେଳେ ଏହା ଗରମରୁ ରାଜ୍ୟବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତି ପ୍ରଦାନ କରିଛି। ଆସନ୍ତା ୮ ତାରିଖ ଯାଏଁ କାଳବୈଶାଖୀ ଲାଗି ରହିବାକୁ ଥିବାବେଳେ ଏହାଦ୍ୱାରା ବିଭିନ୍ନ ସ୍ଥାନରେ ୪୦ରୁ ୫୦ କିମି ବେଗରେ ପବନ ସହ ବର୍ଷା ହେବ ବୋଲି ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଏନେଇ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। କେନ୍ଦ୍ରର ସୂଚନା ଅନୁଯାୟୀ ରବିବାର ଗଞ୍ଜାମ, ଗଜପତି ଓ ରାୟଗଡା ଜିଲ୍ଲାରେ ୪୦ରୁ ୫୦ କିମି ବେଗରେ ପବନ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହାସହ ସ୍ଥାନେ ସ୍ଥାନେ ବିଜୁଳି ଓ ଘଡଘଡି ମଧ୍ୟ ଦେଖାଯାଇପାରେ। ସେଥିପାଇଁ ଉପରୋକ୍ତ ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ, ମୟୂରଭଞ୍ଜ, କେନ୍ଦୁଝର, ପୁରୀ, ଖୋର୍ଦ୍ଧା, ନୟାଗଡ, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରିରେ ୩୦ରୁ ୪୦ କିମି ବେଗରେ ପବନ ସହ ବର୍ଷା ଓ ବିଜୁଳି ସମ୍ଭାବନା ରହିଛି। ସୋମବାର କାଳବୈଶାଖୀର ପ୍ରଭାବ ବୃଦ୍ଧି ପାଇବା ସହ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲ୍ଲାରେ ୪୦ରୁ ୫୦ କିମି ବେଗରେ ପବନ ବହିପାରେ। ସେହିପରି ପୁରୀ, ଖୋର୍ଦ୍ଧା, ନୟାଗଡ, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ୩୦ରୁ ୪୦ କିମି ବେଗରେ ପବନ ବହିବାର ଆଶଙ୍କା ରହିଥିବା ନେଇ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଗଛ କାଟୁଥିବା ବେଳେ ଚାପିଦେଲା ଡାଳ; ଯୁବକ ମୃତ

କପ୍ତିପଦା, ୪।୪ (ସମିସ): ଶରତ ଥାନା ଅନ୍ତର୍ଗତ କଟୁରିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗଛ କାଟୁଥିବା ବେଳେ ଚାପି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଶାଣଦେଇ ଗ୍ରାମର କୁଅଁର ହାଁସଦା (୩୨)। ସେ ଗଛରେ ଚଢ଼ି ଡାଳ କାଟୁଥିବା ବେଳେ ଉପରେ ଆଉ ଏକ ଡାଳ ପଡ଼ିଯାଇଥିଲା। ଫଳରେ ସେ ଗଛ ସନ୍ଧିରେ ଚାପି ହୋଇ ୨୦ଫୁଟ୍ ଉପରେ ଏକ ଘଣ୍ଟା ଝୁଲି ରହିଥିଲେ। ଏଥିରେ କୁଅଁରଙ୍କ ମୃତ୍ୟୁ ହୋଇଯାଇଥିଲା। ସୂଚନା ମୁତାବକ,



ଶାଣଦେଇ ଗ୍ରାମର କୁଅଁର କଟୁରିଆ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାଡ଼ିରେ ଥିବା ଗଛ କାଟିବା ପାଇଁ ଚଢ଼ିଥିଲେ। ଗଛର ଡାଳ କାଟିବା ପରେ ହଠାତ୍ ଉକ୍ତ ଗଛ ଉପରେ ପଡ଼ି ରହିଥିବା ଅନ୍ୟ ଏକ ଡାଳ କୁଅଁରଙ୍କ ଉପରେ ଚାପି ହୋଇରହିଥିଲା। ପ୍ରାୟ ୨୦ ଫୁଟ୍ ଉପରେ ସେ ଝୁଲନ୍ତା ଅବସ୍ଥାରେ ରହିଥିବା ଦେଖି ଦମକଳ ବିଭାଗକୁ ଖବର ଦିଆଯାଇଥିଲା। କପ୍ତିପଦା ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି କୁଅଁରଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ହାତୀ ଆକ୍ରମଣରେ ଫାର୍ମହାଉସ ଜଗୁଆଳି ମୃତ

ବଡ଼ମ୍ବା, ୪।୪ (ସମିସ): ଆଠଗଡ଼ ବନଖଣ୍ଡ ବଡ଼ମ୍ବା ବନାଞ୍ଚଳର ବଡ଼କମ୍ବିଲୋ ପଞ୍ଚାୟତ ଅନ୍ତର୍ଗତ କୋଶାପାଳ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଫାର୍ମ ହାଉସ୍ ଜଗୁଆଳିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ନରେଶ ନାଏକ (୩୭)।



ନରେଇଜାନି ଡ୍ୟାମ୍‌ର ତଳି ଅଞ୍ଚଳ ଦେଇ ପ୍ରବାହିତ ଏକ ନାଳ ନିକଟରେ ହାତୀମାନଙ୍କ ମେଳି ହୋଇଥାଏ। ଗତକାଲି ବିଳମ୍ବିତ ରାତିରେ ଗୋଟିଏ ଦନ୍ତା ଏଠାକୁ ଆସିଥିବା ବେଳେ ନରେଶ କାମ କରୁଥିବା ନିକଟସ୍ଥ ଫାର୍ମ ହାଉସ୍ ମଧ୍ୟକୁ ପଶି ଆସିଥିଲା। ସେ ହାତୀକୁ ଘଉଡ଼ାଇବାକୁ ଉଦ୍ୟମ କରିବା ବେଳେ ଦନ୍ତାଟି ତାଙ୍କୁ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକଙ୍କ ସୂଚନାନୁଯାୟୀ, ପ୍ରଥମେ ହାତୀଟି ନରେଶଙ୍କ ଛାତି ଓ ପେଟକୁ ଦାନ୍ତରେ ଭୁସି ଦେଇଥିଲା। ଗୁରୁତର ଅବସ୍ଥାରେ ପଡ଼ି ପଡ଼ି ନରେଶଙ୍କ ମୃତ୍ୟୁ ହୋଇଯାଇଥିଲା। ବଡ଼ମ୍ବା ବିଧାୟକ ବିଜୟକୁମାର ଦଳବେହେରା ନରେଶଙ୍କ ଘରେ ପହଞ୍ଚି ମୃତକ ପରିବାରକୁ ୧୦ ଲକ୍ଷ ଓ ମୃତକଙ୍କ ପତ୍ନୀଙ୍କୁ ନିଯୁକ୍ତି ପ୍ରତିଶ୍ରୁତି ଦେଇଥିଲେ। ବଡ଼ମ୍ବା ବନାଞ୍ଚଳ ବିଭାଗ ଶବକୁ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି। ନରେଶଙ୍କ ବୃଦ୍ଧ ବାପା ଓ ମା'ଙ୍କ ସମେତ ସ୍ତ୍ରୀ ଏବଂ ତିନୋଟି ପିଲା ଅଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ମୃତକ ପରିବାରକୁ ଉପଯୁକ୍ତ ସରକାରୀ ସହାୟତା ପ୍ରଦାନ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଟ୍ରାକ୍ଟର୍-ବାଇକ୍ ମୁହାଁମୁହିଁ ଧକ୍କା; ୨ ମୃତ

**ଟ୍ରାକ୍ଟର ଚାଳକ ଫେରାର୍; କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ**

ଧାମନଗର, ୪।୪ (ସମିସ): ଶନିବାର ସକାଳ ପ୍ରାୟ ସାଢ଼େ ୮ଟାରେ ଭଣ୍ଡାରିପଦୀ ଛକ ନିକଟରେ ଏକ ବାଲି ବୋଝେଇ ଟ୍ରାକ୍ଟର୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଦୁଇଜଣ ନାବାଳକଙ୍କ ପ୍ରାଣହାନି ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛି। ମୃତାହତମାନେ ସ୍ଥାନୀୟ ହବିବ ନଗର ଅଞ୍ଚଳର। ମୃତକଦ୍ୱୟ ହେଲେ, ସେକ୍ କଲିମୁଦ୍ଦିନଙ୍କ ପୁଅ ସେକ୍ ଆରମାନ (୧୭) ଓ ସେକ୍ ତାଲୋଙ୍କ ପୁଅ ସେକ୍ ଆଜମେର୍ (୧୭)। ସେହିପରି ଆହତ ନାବାଳକଜଣଙ୍କ ହେଲେ, ସେକ୍ ଅଏନୁଲଙ୍କ ପୁଅ ସେକ୍ ସାବିର (୧୭)। ଅବସ୍ଥା ସଂକଟାପନ୍ନ ହେବାରୁ ତାକୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ୩ଜଣ ଯାକ ଏକ ବାଇକ୍‌ରେ ଯାଉଥିବାବେଳେ ୧୬ ନମ୍ବର ଜାତୀୟ ରାଜପଥର ଧାମନଗର ଛକ-ଧାମନଗର ପୂର୍ତ୍ତ ରାସ୍ତାର ଭଣ୍ଡାରିପଦୀ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଲି ବୋଝେଇ ଟ୍ରାକ୍ଟର୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ସେକ୍ ଆରମାନ ଓ ସେକ୍ ଆଜମେର(୧୭)କୁ ମୃତ ଘୋଷଣା କରିଥିଲେ। ସେକ୍ ସାବିରର ଅବସ୍ଥା ସଂକଟାପନ୍ନ ହେବାରୁ ତାକୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସେ ମୃତ୍ୟୁ ସହ ସଂଘର୍ଷ କରୁଛି। ଟ୍ରାକ୍ଟର୍ ଚାଳକ ସେକ୍ ଆସପାକ୍ ଫେରାର୍ ଥିବା ବେଳେ ଟ୍ରାକ୍ଟରକୁ ପୁଲିସ ହେପାଜତକୁ ନେଇଥିବା ଜଣାଯାଇଛି।

ଅନ୍ୟପକ୍ଷରେ, ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ରାସ୍ତା କାମ କରୁଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ମୃତ ପରିବାରଙ୍କୁ କ୍ଷତିପୂରଣ ଦାବିରେ ଧାମନଗର-ଭଦ୍ରକ ମୁଖ୍ୟ ରାସ୍ତାର ଟୋପିବାଲା ଛକଠାରେ ଶବକୁ ରାସ୍ତା ଉପରେ ରଖି ଅବରୋଧ କରିଥିଲେ। ଖବର ପାଇ ଧାମନଗର ଅତିରିକ୍ତ ତହସିଲଦାର ପଲ୍ଲୀଭାରତ ମହାଲିକ ଏବଂ ଥାନା ଅଧିକାରୀ ଶୁଭ୍ରଜିତ ଦାଶ ଓ ଅନ୍ୟ ଅଧିକାରୀ ସହ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀ ଓ ମୃତକଙ୍କ ପରିବାରଙ୍କୁ ବୁଝାସୁଝା କରିଥିଲେ। ଯଥାଶୀଘ୍ର ସରକାରୀ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।

ସୂଚନାଯୋଗ୍ୟ, ଜାତୀୟ ରାଜପଥର ଧାମନଗର ଛକଠାରୁ ଧାମନଗର ଦୀର୍ଘ ୯ କି.ମି ରାସ୍ତା ଏବେ ନିର୍ମାଣ ଚାଲିଛି। ଏହି ରାସ୍ତା କାର୍ଯ୍ୟକୁ ଟେଣ୍ଡର୍ ନେଇଥିବା ଠିକାଦାର ଅତି ବେପରୁଆ ଭାବେ ଧିମା ଗତିରେ ରାସ୍ତା ନିର୍ମାଣ କରୁଛନ୍ତି। ପ୍ରାୟ ୨୦ କୋଟିରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟବରାଦରେ ନିର୍ମାଣାଧୀନ ଏହି ରାସ୍ତାରେ ନାନା ଅନିୟମିତତା ପରିଲକ୍ଷିତ ହେଉଥିବା ଅଭିଯୋଗ ହେଉଛି। ଦୁଇପଟକୁ ପ୍ରଶସ୍ତୀକରଣ ହେଉଥିବା ଏହି ରାସ୍ତା ଗୋଟିଏ ପଟ ଖୋଳାଯାଇ ବାଲି ଫିଙ୍ଗି ହୋଇନଥିବା ବେଳେ ଅନ୍ୟପଟେ ଖୋଳାଯାଇ ବିପଦ ସୃଷ୍ଟି କରାଯାଇଛି। ଏଥିପାଇଁ ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

**ରାଜ୍ୟସ୍ତରୀୟ ଶିଶୁ ବାଟିକା ପ୍ରବେଶ ଉତ୍ସବ**

# ପିଲାଙ୍କୁ ଖଡ଼ି ଛୁଆଁ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୪।୪ (ସମିସ): ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଖଡ଼ି ଛୁଆଁଇ ବିଦ୍ୟାରମ୍ଭ କରିଛନ୍ତି। ରାଜ୍ୟର ପ୍ରତି ଗାଁ ଓ ଗଳିକନ୍ଦିରେ ବିଦ୍ୟାରମ୍ଭ ପର୍ବକୁ ଉତ୍ସବ ଭାବେ ପାଳନ କରାଯାଉଛି ଏବଂ ଏହାଦ୍ୱାରା ପିଲାଙ୍କ ସମେତ ଅଭିଭାବକଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି ହେଉଥିବା ସେ କହିଛନ୍ତି। ପିଲାମାନଙ୍କୁ ଖଡ଼ି ଓ ସିଲଟରେ ମା' ଓ ବାପା ଶବ୍ଦ ଲେଖାଇବା ସହ ପିଲାଙ୍କ ମନ କଥା ପଚାରି ବୁଝିଛନ୍ତି। ପିଲାମାନଙ୍କୁ ଶିକ୍ଷା ସହାୟତା ସାମଗ୍ରୀ କିଟ୍ ପ୍ରଦାନ କରିଛନ୍ତି। ଖଡ଼ିଛୁଆଁ ଆମ ଓଡ଼ିଆ ସଂସ୍କୃତିରେ ଏକ ପବିତ୍ର ପରମ୍ପରା। ପିଲାଙ୍କ ନାମଲେଖା ହାରକୁ ବ୍ୟାପକ କରିବା ଲକ୍ଷ୍ୟରେ ଗତବର୍ଷଠାରୁ ସରକାରୀସ୍ତରରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। କୌଣସି ବି ଶିଶୁ ଯେପରି ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତୁ, ତାହା ସୁନିଶ୍ଚିତ କରିବା ପାଇଁ ଏହି ଉତ୍ସବ ଆରମ୍ଭ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ବିଧାୟକ ବାବୁ ସିଂ, ପ୍ରଶାନ୍ତ କୁମାର ଜଗଦେବ ଓ ଅନନ୍ତ ନାରାୟଣ ଜେନା, ମେୟର୍ ସୁଲୋଚନା ଦାସ, ସମାଜସେବୀ ଜଗନ୍ନାଥ ପ୍ରଧାନ, ବିଭାଗୀୟ ସଚିବ ଏନ୍. ଥିରୁମାଲା ନାୟକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

### ଖରାରେ ସିଝିଲେ ଛାତ୍ରଛାତ୍ରୀ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବଢୁଥିବାରୁ ସମସ୍ତ ବିଦ୍ୟାଳୟରେ ସକାଳୁଆ ପାଠପଢ଼ା କରାଯାଇଛି। ସକାଳ ସାଢ଼େ ୧୦ଟାରେ ବିଦ୍ୟାଳୟ ଛୁଟି କରିବା ସହିତ ଖରା ସଂସ୍ପର୍ଶରେ ଛାତ୍ରଛାତ୍ରୀମାନେ ଯେପରି ନ ଆସିବେ, ସେଥିପାଇଁ ପଦକ୍ଷେପ ନେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଖଡ଼ିଛୁଆଁ ଉତ୍ସବରେ ଏହାର ଧଜିଆ ଉଡ଼ିଛି। ବିଦ୍ୟାଳୟ ଛୁଟି ହେବା ସମୟ ଅର୍ଥାତ୍ ପାଖାପାଖି ସାଢ଼େ ୧୦ଟାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ସାଢ଼େ ୧୧ଟାରେ ଶେଷ ହୋଇଥିଲା। କୋମଳମତି ଶିଶୁଙ୍କ ସମେତ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଖରାରେ ଦହଗଞ୍ଜ ହୋଇଥିଲେ। ଏପରିକି, ମୁଖ୍ୟମନ୍ତ୍ରୀ ମଞ୍ଚରେ ଭାଷଣ ଦେଉଥିବା ବେଳେ ଛାତ୍ରଛାତ୍ରୀମାନେ ଖରାରେ ଖେଳୁଥିଲେ ମଧ୍ୟ ଶିକ୍ଷକ ବା ଅଧିକାରୀଙ୍କ ନଜର ପଡ଼ିନଥିଲା। ଏହାକୁ ନେଇ ବିରୋଧୀ ଦଳ କଟାକ୍ଷ କରିଛନ୍ତି। କଂଗ୍ରେସ ମୁଖପାତ୍ର ବିଭୂତି ଭୂଷଣ ମହାପାତ୍ର ଏକ୍ସରେ ପୋଷ୍ଟ କରି କୋମଳମତି ଶିଶୁଙ୍କ ଜୀବନ ସହ ଏହା ଖେଳ ବୋଲି ଅଭିଯୋଗ କରିଛନ୍ତି। ଖରାଦିନେ ଶିଶୁଙ୍କ ସୁରକ୍ଷା ନେଇ ସମସ୍ତେ କିପରି ବେଫିକର୍ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


### ଶିଶୁବାଟିକାରେ ମିଶିବ ଅଙ୍ଗନୱାଡ଼ି

ଭୁବନେଶ୍ୱର, ୪।୪ (ସମିସ): ଶିଶୁବାଟିକାରେ ମିଶିବ ଅଙ୍ଗନୱାଡ଼ି କେନ୍ଦ୍ର। ପର୍ଯ୍ୟାୟକ୍ରମେ ଶିଶୁବାଟିକାରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ମିଶ୍ରଣ କରାଯିବ ବୋଲି ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ପ୍ରତି ଗାଁରେ ମଡେଲ ସ୍କୁଲ ଖୋଲାଯିବ। ୫ ଏକର ଜାଗାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ସ୍କୁଲ ନିର୍ମାଣ ହେବ। ୬ କୋଟି ଟଙ୍କା ବ୍ୟୟଅଟକଳରେ ଏହି ବିଦ୍ୟାଳୟଗୁଡ଼ିକ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

# ମହିଳାଙ୍କୁ ହତ୍ୟା କରି ଜଙ୍ଗଲରେ ଫୋପାଡ଼ିଦେଲେ

- ଖପୁରି, ହାଡ଼ ଜବତ ପରେ ତନାଘନା ଆରମ୍ଭ
- ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ କରୁଛି ପୁଲିସ
- ନିଖୋଜ ମହିଳାଙ୍କ ଝିଅ ଦେଲେ ଏତଲା

ତୁରୁମୁଙ୍ଗା, ୪।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାହାରପଡ଼ା ବ୍ଲକ୍ ଦାମାହୁଦା ପଞ୍ଚାୟତ ସୁନାପଶି ଗାଁ ନିକଟ ଜଙ୍ଗଲରୁ ଶନିବାର ଗୋଟିଏ ମଣିଷ ଖପୁରି ସହ କିଛି ହାଡ଼ ଜବତ ହୋଇଛି। ଜଙ୍ଗଲରେ ହାଡ଼ ଓ ଖପୁରି ପଡ଼ିଥିବା ଦେଖି ସ୍ଥାନୀୟ ଲୋକ ପୁଲିସକୁ ସୂଚନା ଦେଇଥିଲେ। ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଖପୁରି ନିକଟରୁ ଗୋଟିଏ ଶାଢ଼ି ଓ ଏକ ବ୍ୟାଗ୍ ମଧ୍ୟ ଜବତ ହୋଇଛି। ଏହା ଜଣେ ମହିଳାଙ୍କ ଖପୁରି ଓ ହାଡ଼ ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। କେହି ଦୁର୍ବୃତ୍ତ ମହିଳାଙ୍କୁ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ଶବକୁ ଜଙ୍ଗଲରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି।



ଅନ୍ୟପକ୍ଷରେ, ବନବୀର ଗ୍ରାମର ସାଲଗେମ ମାଝୀ ୨୨ଦିନ ହେବ ନିଖୋଜ ଥିବା ନେଇ ଝିଅ ଘୁମି ମାଝୀ ଅଭିଯୋଗ କରିଥିଲେ। ଏହି ଖପୁରି ଓ ହାଡ଼ ତାଙ୍କ ମା' ସାଲଗେମ ମାଝିଙ୍କ ବୋଲି ଘୁମି ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଜବତ ଖପୁରି ଓ ହାଡ଼କୁ ଡିଏନ୍‌ଏ ଟେଷ୍ଟ ପାଇଁ ପୁଲିସ ପଠାଇଛି। ମାଜିଷ୍ଟ୍ରେଟ୍ ଭାବେ ସାହାରପଡ଼ା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଡାକ୍ତର ଶୁଭେନ୍ଦୁ ସାଗର ନାଏକ, ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ, ଏସ୍‌ଆଇ ଲକ୍ଷ୍ମଣ ମାଝୀ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ମୁଣ୍ଡ ଖପୁରି ଗୋଡ଼ ହାଡ଼କୁ ଜବତ କରିଛନ୍ତି। ମୃତକଙ୍କ ପରିଚୟ ଓ ଘଟଣାର ସତ୍ୟତା ଜାଣିବାକୁ ପୁଲିସ ତଦନ୍ତକୁ ଜୋରଦାର୍ କରିଛି।


**ପଲାସା-ଇଚ୍ଛାପୁରମ୍ ରେଳ ସେକ୍ସନ୍ ସ୍ଥାନାନ୍ତରଣ ପ୍ରସଙ୍ଗ**

# 'ଓଡ଼ିଶାର ଅର୍ଥନୈତିକ ସ୍ୱାର୍ଥ ଉପରେ ଆଘାତ'

■ ମିଳିତ ବିରୋଧୀ ଦଳଙ୍କ ବୈଠକ
■ ଖୁବଶୀଘ୍ର ପୂର୍ବତଟ ରେଳପଥ ଅଫିସ ସାମ୍ନାରେ ଧାରଣା
■ ପୂର୍ବତଟ ରେଳପଥକୁ ଦୁର୍ବଳ କରିବାକୁ ଚକ୍ରାନ୍ତ
■ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ବରଦାସ୍ତ କରାଯିବ ନାହିଁ

ଭୁବନେଶ୍ୱର,୪।୪(ସମିସ): ପଲାସା-ଇଚ୍ଛାପୁରମ୍ ରେଳ ସେକ୍ସନ୍‌କୁ ପୂର୍ବତଟ ରେଳପଥ ଜୋନ୍‌ରୁ ଦକ୍ଷିଣ ଉପକୂଳ ରେଳପଥକୁ ସ୍ଥାନାନ୍ତର ନେଇ ଆଜି ଓଡ଼ିଶାର ୧୦ଟି ବିରୋଧୀ ଦଳଙ୍କ ମିଳିତ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଓଡ଼ିଶା ସ୍ୱାର୍ଥବିରୋଧୀ, ଅନ୍ୟାୟ ଓ ଅଗ୍ରହଣୀୟ ବୋଲି କୁହାଯିବା ସହ କଡ଼ା ସମାଲୋଚନା କରାଯାଇଛି। ଡବଲ୍ ଇଞ୍ଜିନ ସରକାର ଓଡ଼ିଶାର ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଛି ବୋଲି ମିଳିତ ବିରୋଧୀ ଦଳମାନଙ୍କ ପକ୍ଷରୁ କୁହାଯାଇଛି।

ମିଳିତ ବିରୋଧୀ ଦଳଙ୍କ ଯୁକ୍ତି ଅନୁଯାୟୀ, ୨୦୧୯ ମସିହାରେ କେନ୍ଦ୍ର ସରକାର ଦକ୍ଷିଣ ଉପକୂଳ ରେଳପଥ ଜୋନ୍ ଗଠନ ଘୋଷଣା କରିଥିଲେ। ବର୍ତ୍ତମାନ ୨ ଏପ୍ରିଲ୍ ୨୦୨୬ରେ ରେଳବୋର୍ଡ ପାଲାସା-ଇଚ୍ଛାପୁରମ୍ (ପ୍ରାୟ ୫୦କିମି) ରେଳ ବିଭାଗକୁ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ଡିଭିଜନ୍‌ରୁ ଦକ୍ଷିଣ ଉପକୂଳ ରେଳପଥର ବିଶାଖାପାଟଣା ଡିଭିଜନ୍‌କୁ ସ୍ଥାନାନ୍ତର କରିବା ପାଇଁ ନୋଟିସ୍ ଜାରି କରିଛନ୍ତି। ଏହି ବିଭାଗ ହାୱଡ଼ା-ଚେନ୍ନାଇ ମୁଖ୍ୟ ରେଳପଥର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହି ସ୍ଥାନାନ୍ତରଣ ଫଳରେ ପୂର୍ବତଟ ରେଳପଥର ଆକାର କମିବା ସହ ରାଜସ୍ୱ ହ୍ରାସ ପାଇବ। ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥ ଦେଶର ସର୍ବାଧିକ ରାଜସ୍ୱ ଉପାର୍ଜନକାରୀ ଜୋନ୍‌ମାନଙ୍କ ମଧ୍ୟରୁ ଅନ୍ୟତମ ଜୋନ୍ ଭାବେ ରେକର୍ଡ ରହିଛି। ଗତ ୨୫ବର୍ଷ ଭିତରେ ଓଡ଼ିଶା ରେଳବାଇକୁ ୩ଲକ୍ଷ କୋଟି ଲାଭ ଦେଇଥିବା ବେଳେ ଓଡ଼ିଶାର ରେଳ ଭିତ୍ତଭୂମିର ବିକାଶ ଏବଂ ରେଳ ବିଭାଗରେ ଓଡ଼ିଆ ଯୁବକ ଯୁବତୀଙ୍କ ନିଯୁକ୍ତି ଇତ୍ୟାଦି ସବୁକ୍ଷେତ୍ରରେ କେନ୍ଦ୍ର ସରକାର ଅତ୍ୟନ୍ତ ବୈଷମ୍ୟମୂଳକ ମନୋଭାବ ସହ ଐତିହାସିକ ଭାବେ ଅନ୍ୟାୟ କରିଛନ୍ତି ବୋଲି ମିଳିତ ବିରୋଧୀ ଦଳମାନଙ୍କ ପକ୍ଷରୁ କୁହାଯାଇଛି।



ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଭାରତୀୟ ରେଳବାଇକୁ ରାଜ୍ୟଭିତ୍ତିକ କରିବା ପାଇଁ ଯୋଜନା ନେବା ନିନ୍ଦନୀୟ। ଏପରି ପଦକ୍ଷେପ ଓଡ଼ିଶାର ଅର୍ଥନୈତିକ ସ୍ୱାର୍ଥ ଉପରେ ସିଧା ଆଘାତ ଏବଂ ଓଡ଼ିଶାବିରୋଧୀ ପଦକ୍ଷେପ ବୋଲି ବିରୋଧୀ ଦଳ ପକ୍ଷରୁ ମତ ପ୍ରକାଶ ପାଇଛି। କେନ୍ଦ୍ର ଓ ରାଜ୍ୟର ଡବଲ୍ ଇଞ୍ଜିନ୍ ବିଜେପି ସରକାର ଓଡ଼ିଶାର ନ୍ୟାୟସଙ୍ଗତ ଅଧିକାରକୁ ଅଣଦେଖା କରୁଛନ୍ତି ଏବଂ ଓଡ଼ିଶାର ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଛନ୍ତି। ଏହି ଓଡ଼ିଶା ବିରୋଧୀ ନିଷ୍ପତ୍ତି ବିରୋଧରେ ପୂର୍ବତଟ ରେଳପଥ ଜୋନ୍ ଅଫିସ ସମ୍ମୁଖରେ ଖୁବଶୀଘ୍ର ଗଣଧାରଣା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ମିଳିତ ବିରୋଧୀ ଦଳ ଘୋଷଣା କରିଛି।

ଏହାସହ ଦକ୍ଷିଣ-ପୂର୍ବ ଏବଂ ଦକ୍ଷିଣ ପୂର୍ବ-କେନ୍ଦ୍ରୀୟ ରେଳପଥ ସହ ଥିବା ସୁନ୍ଦରଗଡ଼, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଝାରସୁଗୁଡ଼ା ଜିଲ୍ଲାର ରେଳ ବିଭାଗଗୁଡ଼ିକୁ ପୂର୍ବତଟ ରେଳପଥ ଜୋନ୍‌ରେ ଅନ୍ତର୍ଭୁକ୍ତ କରିବା ଏବଂ ଦୀର୍ଘ ଦିନର ଦାବି ଅନୁଯାୟୀ ରାଉରକେଲାରେ ନୂତନ ରେଳ ଡିଭିଜନ୍ ତୁରନ୍ତ ଘୋଷଣା କରିବା ଏବଂ ପାଲାସା-ଇଚ୍ଛାପୁରମ୍ ବିଭାଗ ସ୍ଥାନାନ୍ତରଣ ପାଇଁ ଓଡ଼ିଶାକୁ ଯଥୋଚିତ କ୍ଷତିପୂରଣ ଘୋଷଣା କରିବା ପାଇଁ ଦାବି କରାଯାଇଛି।

ହୋଟେଲ କଳିଙ୍ଗ ଅଶୋକରେ ଅନୁଷ୍ଠିତ ଏହି ମିଳିତ ବୈଠକରେ କଂଗ୍ରେସ ଦଳର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି, ବିଜେଡିର ବରିଷ୍ଠ ନେତା ଲେନିନ ମହାନ୍ତି, ସିପିଆଇ ରାଜ୍ୟ ସହ-ସମ୍ପାଦକ କ୍ଷୀରୋଦ କୁମାର ସିଂହଦେଓ, ସିପିଆଇ (ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ନେତା ଅଲି କିଶୋର ପଟ୍ଟନାୟକ, ବଦ୍ରିନାରାୟଣ ଦାଶ, ସିପିଆଇ(ଏମଏଲ)-ଲିବରେସନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଜୟନ୍ତ ଦାସ, ବରିଷ୍ଠ ନେତା ମହେନ୍ଦ୍ର ପରିଡ଼ା, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଏବଂ ସମତା କ୍ରାନ୍ତି ଦଳ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାସ କୁମାର ସାମନ୍ତରାଙ୍କ ସମେତ କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ପଟ୍ଟନାୟକ, ରାଜ୍ୟ ସଂଯୋଜକ ସିଦ୍ଧାର୍ଥ ସ୍ୱରୂପ ଦାସ ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।





କମିସନରେଟ୍ ପୁଲିସର ତଦନ୍ତ ଏମିତି

# ସିସିଟିଭିରେ କଏଦ୍; ପୁଲିସ ରେକର୍ଡରେ ଫେରାର୍



ଭୁବନେଶ୍ୱର, ୪।୪(ସମିସ): ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ରାଜଧାନୀରେ ଅପରାଧ ନିୟନ୍ତ୍ରଣରେ ଏକ ବଡ଼ ଭୂମିକା ଗ୍ରହଣ କରୁଛି। ଲୋକେ ଘରେ ଘରେ ସିସିଟିଭି ଲଗାଉଛନ୍ତି। ରାଜଧାନୀର ଏପରି କୌଣସି ବ୍ୟବସାୟିକ, ଶିକ୍ଷାନୁଷ୍ଠାନ, ଆପାର୍ଟମେଣ୍ଟ କିମ୍ବା ସରକାରୀ ଅନୁଷ୍ଠାନ ନାହିଁ, ଯେଉଁଠି ସିସିଟିଭି ଲାଗି ନାହିଁ। ସିସିଟିଭିର କ୍ୟାମେରା ଅପରାଧର ପ୍ରତ୍ୟେକଟି ମୁହୂର୍ତ୍ତକୁ ରେକର୍ଡ କରୁଛି। ଏପରିକି ଅଧିକାଂଶ ଅପରାଧରେ ଅପରାଧୀଙ୍କ ଚେହେରାକୁ ତତ୍କ୍ଷଣାରତ ଉଦ୍‌ଜାଗର କରି କ୍ୟାମେରା ପୁଲିସକୁ ଏକ ବଡ଼ ସୁରାକ୍ ଦେଉଛି। ଏହି ସିସିଟିଭି ଭିଜୁଆଲ୍‌ରେ ଆଧାରରେ ପୁଲିସ ଅପରାଧୀଙ୍କୁ ପରବର୍ତ୍ତି ସମୟରେ ଚିହ୍ନଟ କରୁଛି। ତଦନ୍ତରେ ଏହା ସହାୟକ ହେବ ବୋଲି ପ୍ରତିଶ୍ରୁତି ବି ଦେଉଛି। ଏହାସତ୍ତ୍ୱେ ମଧ୍ୟ ଅପରାଧୀଙ୍କ ପାଖରେ ପହଞ୍ଚି ପାରୁନି ପୁଲିସ।

ବହୁ ମାମଲାର ତଦନ୍ତ ସମୟରେ ସିସିଟିଭିରେ ଅପରାଧୀଙ୍କ ଚେହେରା ଆଉ ହୁଲିଆ ସାମ୍ନାକୁ ଆସୁଥିଲେ ମଧ୍ୟ ପୁଲିସ ଅପରାଧୀଙ୍କ ପାଖରେ ପହଞ୍ଚି ପାରୁ ନ ଥିବାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ପୁଲିସର ଏଭଳି ନାକାରାପଣିଆ ଅପରାଧୀଙ୍କ ସିସିଟିଭି ପ୍ରତି ଥିବା ଭୟକୁ କମାଇ ଦେଲାଣି। ସିସିଟିଭି ଲାଗିଥିଲେ ପୂର୍ବରୁ ଅପରାଧୀମାନେ ପ୍ରଥମେ ସିସିଟିଭି କ୍ୟାମେରାକୁ ଟାର୍ଗେଟ କରି ନଷ୍ଟ କରୁଥିଲେ। କିମ୍ବା ମୁହଁ ଘୋଡାଇ ଅପରାଧ ଭିଆଉଥିଲେ। ହେଲେ ଏବେ ଅପରାଧୀ ସିସିଟିଭି ପ୍ରତି ଭୟଶୂନ୍ୟ ହୋଇଗଲେଣି। ନାଆଁ ମୁହଁ ଘୋଡାଉଛନ୍ତି। ନାଆଁ ସିସିଟିଭିକୁ କୌଣସି କ୍ଷତି ପହଞ୍ଚାଉଛନ୍ତି। କାରଣ ସେମାନେ ଜାଣୁଛନ୍ତି ସିସିଟିଭିରେ ଚେହେରା ରେକର୍ଡ ହେଲେ ମଧ୍ୟ ପୁଲିସ ସେମାନଙ୍କ ପାଖରେ ପହଞ୍ଚି ପାରିବ ନାହିଁ। ପୁଲିସ ଏଭଳି କାର୍ଯ୍ୟକଳାପକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସବୁପରେ ଯଦି ପୁଲିସ ଅପରାଧୀଙ୍କ ପାଖରେ ପହଞ୍ଚି ପାରୁନି ତେବେ ଅପରାଧୀ କଣ ନିଜ ମନକୁ ମନ ଥାନାକୁ ଆସି ଧରା ଦେବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଲକ୍ଷ୍ମୀସାଗର ବୋମା ମାଡ଼ରେ ଅପରାଧୀଙ୍କ ଚେହେରା ସ୍ପଷ୍ଟ

ଗତ ୧ ଏପ୍ରିଲରେ ଦୁଇ ଦୁର୍ବୃତ୍ତ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଥିବା ଏକ ଲେଡିଜ୍ ହଷ୍ଟେଲ ଉପରକୁ ବୋମାମାଡ଼ କଲେ। ଘର କିଣାରେ ଟଙ୍କା କାରବାରକୁ ନେଇ ଏଭଳି ଅପରାଧ ଘଟିଥିବା ଘର ମାଲିକ ଅଭିଯୋଗ କଲେ। ରାଜଧାନୀର ଛାତିଥରା ବୋମାମାଡ଼ ଭଳି ଅପରାଧ ସିସିଟିଭିରେ କଏଦ୍ ହୋଇଥିଲା। ଦୁଇ ଯୁବକଙ୍କ ମୁହଁ ସିସିଟିଭରେ ଦେଖାଯାଉଥିଲା। ସେମାନେ ମୁହଁରେ କୌଣସି କପଡ଼ା ବି ବାନ୍ଧି ନ ଥିଲେ। ଚାଲି ଚାଲି ଆସିଲେ ଆଉ ସିସିଟିଭିର ନଜରରେ ଲେଡିଜ୍ ହଷ୍ଟେଲ ଉପରକୁ ବୋମାମାଡ଼ କରି ଚାଲିଗଲେ। ସିସିଟିଭି ଥାଇ ମଧ୍ୟ ପୁଲିସ ହାତ ଖାଲି। ଅପରାଧ ଘଟିବା ଏହା ମଧ୍ୟରେ ୪ଦିନ ହୋଇଗଲାଣି ହେଲେ ପୁଲିସ ଅପରାଧୀଙ୍କ ପାଖରେ ପହଞ୍ଚି ପାରିଲା ନାହିଁ।

### ଡିଫେଣ୍ଡର ଚୋରି ଘଟଣାରେ ୫ ଚିହ୍ନଟ

ରାଜଧାନୀରେ ଗତ ମାସ ୨୫ ତାରିଖରେ ୫ ଜଣ ଦୁର୍ବୃତ୍ତ ବନ୍ଧୁକ ଲଗାଇ ସିଧାସଳଖ ଡିଫେଣ୍ଡର ଲୁଟି ନେଇଥିଲେ। କେବଳ କାର୍ ନେଇ ନ ଥିଲେ ବରଂ ମହିଳା ସେଲ୍ସ ଅଫିସରଙ୍କୁ ଅସଦାଚରଣ କରିବା ସହ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଭରତପୁର ଥାନା ଷ୍ଟୁଡିଓ ଛକରେ ଆକାଶ ପଣ୍ଡା ନାମକ ଜଣେ ଯୁବକ ଫୁଲନଖରାସ୍ଥିତ ଏମ୍ପେରିଓ ପ୍ରେଷ୍ଟିଜ୍ ଶୋରୁମକୁ କଲ୍ କରି ଡିଫେଣ୍ଡର କିଣିବାକୁ ଚାହୁଁଥିବା ବେଳେ ଟେଷ୍ଟ ଡ୍ରାଇଭ୍ ଆବଶ୍ୟକ ବୋଲି କହିଥିଲା। ସେଲ୍ସ ମ୍ୟାନ୍ ମହିଳା ସେଲ୍ସ ଅଫିସର ଓ ଡ୍ରାଇଭର ଡିଫେଣ୍ଡର ଗାଡ଼ି ନେଇ ଷ୍ଟୁଡିଓ ଛକରେ ପହଞ୍ଚିଥିଲେ। ପୂର୍ବ ଯୋଜନା ମୁତାବକ ଆକାଶ ଓ ତା'ର ସହଯୋଗୀ ଏକ କାର୍ ଯୋଗେ ଆସି ସେମାନଙ୍କୁ ନିକଟରେ ଥିବା ଓୟୋକୁ ନେଇ ଯାଇଥିଲେ। ସେଠାକୁ ୪ ଜଣ ଅଣ ଓଡ଼ିଆ ଓ ଜଣେ ଓଡ଼ିଆ ଥିଲେ। ପ୍ରଥମେ ଖାଇବାକୁ ଦେଇ ପରେ ନିର୍ଦ୍ଧୁମ ମାଡ଼ ମାରି ସନ୍ତୋଷଙ୍କ ଠାରୁ ୬ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ମହିଳା ସେଲ୍ସ ଅଫିସରଙ୍କୁ ଅସଦାଚରଣ କଲେ। ୩ ଜଣଙ୍କୁ ବନ୍ଧୁକ ମୁନରେ ଗୃହ ବନ୍ଦୀକଲେ। ମ୍ୟାନେଜର ଗୌତମଙ୍କୁ ଲୁଟେରାମାନେ ତଳ ମହଲାରେ ବନ୍ଦୀ କଲେ। ମୁଣ୍ଡରେ ବନ୍ଧୁକ ଲଗାଇ ୟୁପିଆଇ ଓ ଆକାଉଣ୍ଟ ମାଧ୍ୟମରେ ଏକଲକ୍ଷ ୫୦ ହଜାର ଟଙ୍କା ଲୁଟି ନେଇଥିଲେ। ଏମ୍ପେରିଓ ପ୍ରେଷ୍ଟିଜ୍ ଶୋରୁମ୍ ମ୍ୟାନେଜର ଗୌତମ ସିହ୍ନା ଏନେଇ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ଘଟଣାସ୍ଥଳକୁ ଯାଇ ପୁଲିସ ସିସିଟିଭି କ୍ୟାମେରାର ଫୁଟେଜ ଯାଞ୍ଚ କରିଥିଲା। ଭିଜୁଆଲ୍‌ରେ ସେମାନଙ୍କ ଚେହେରା ସାମ୍ନାକୁ ଆସିଥିଲା। ହେଲେ ଆଜି ପର୍ଯ୍ୟନ୍ତ ପୁଲିସ ହାତ ଖାଲି। କେହି ଜଣେ ବି ଗିରଫ ହେଇପାରିଲେ ନାହିଁ।


### ସହିଦନଗର କାଠମିସ୍ତ୍ରି ଛାତରୁ ପଡ଼ି ମୃତ୍ୟୁ ମାମଲା: ଅପରାଧ ଓ ଅପରାଧୀ ସ୍ପଷ୍ଟ

ଗତ ୨ ତାରିଖ ସହିଦ ନଗର ଥାନା ଅଞ୍ଚଳରେ ଏକ ମୋବାଇଲ ଚୋରକୁ ଧରିବାକୁ ଯାଇ ପଶ୍ଚିମବଙ୍ଗର ଜଣେ କାଠମିସ୍ତ୍ରୀ ୪ମହଲା ଆପାର୍ଟମେଣ୍ଟରୁ ତଳକୁ ଗଳିପଡ଼ିଲେ। ଏଣୁ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ହତ୍ୟା କିମ୍ବା ଅସାବଧାନତା ଯୋଗୁଁ ମୃତ୍ୟୁ ସ୍ପଷ୍ଟ ହୋହଇ ନଥିଲା। କିନ୍ତୁ ସିସିଟିଭିରେ ଅପରାଧ ରେକର୍ଡ ହୋଇଥିଲା। ପୁଲିସ ଏହି ଆଧାରରେ ଚୋର ପାଖରେ ପହଁଞ୍ଚି ପରିଥାନ୍ତା। ସିସିଟିଭି ଥାଇ ମଧ୍ୟ ପୁଲିସ ଚୋର ଧରିବାରେ ଅସଫଳ ହୋଇଛି।

### ବରିଷ୍ଠ ନାଗରିକଙ୍କ ଘରୁ ଚୋରି ମାମଲା କାମକୁ ଆସିଲାନି ସିସିଟିଭି ଭିଜୁଆଲ୍

ଏକ ମାସ ତଳେ ଭୋରୁ ଚୋରି କରୁଥିବା ଏକ ଲୁଟେରା ଗ୍ୟାଙ୍ଗ୍ ମତିଥିଲା। ଏହି ଗ୍ୟାଙ୍ଗ୍ ବରିଷ୍ଠ ନାଗରିକଙ୍କ ଘରକୁ ଟାର୍ଗେଟ କରି ଚୋରି କରୁଥିଲେ। ଉପକଣ୍ଠ ଅଞ୍ଚଳରେ ଏହି ଗ୍ୟାଙ୍ଗ୍ ସକ୍ରିୟ ଥିଲା। ମଞ୍ଚେଶ୍ୱର ଏବଂ ସୁନ୍ଦରପଦା ଅଞ୍ଚଳରେ ଦୁଇଟି ଘଟଣା ସାମ୍ନାକୁ ଆସିଥିଲା। ତାଲା ବନ୍ଦ କରି ଏମାନେ ଘରେ କଳାକନା ବୁଲାଉଥିଲେ। ସିସିଟିଭି ନଜରରେ ବି ଆସିଛନ୍ତି। ହେଲେ ଅଭିଯୁକ୍ତଙ୍କ ପାଖରେ ପୁଲିସ ପହଁଞ୍ଚି ପରିଲା ନାହିଁ।

ପୁରୁଣା ଫଟୋ | ପୁରୁଣା ସ୍ମୃତି



ଭୁବନେଶ୍ୱର, ୪।୪(ସମିସ): କିଛି ସ୍ମୃତି ସମୟ ସମୟରେ ଫଟୋ, ସିନେମା ବା ସଙ୍ଗୀତ ମାଧ୍ୟମରେ ପୁଣିଥରେ ଆଖି ଆଗକୁ ଆସିଯାଏ। ଯାହା ଅନେକ ଗୁଡିଏ ପୁରୁଣା କଥାକୁ ପୁଣିଥରେ ମନେ ପକାଇ ଦିଏ। ସେ କିଛି କାହାଣୀ ହେଉ କି ଘଟଣା କିମ୍ବା ଚଳଚ୍ଚିତ୍ର। ଆମ ସମସ୍ତଙ୍କ ମନୋରଞ୍ଜନ ପାଇଁ ଚଳଚ୍ଚିତ୍ରର ଏକ ପ୍ରଭାବଶାଳୀ ଭୂମିକା ରହି ଆସିଛି। ସେ ଅନେକ ପୁରୁଣା ସିନେମା ହେଉ କିମ୍ବା ବର୍ତ୍ତମାନର। ସେହିଭଳି ଏକ ପୁରୁଣା ଫଟୋ ସାମାଜିକ ଗଣମାଧ୍ୟମରେ ଏକ ବହୁ ବର୍ଷ ପୁରୁଣା ଏବଂ ଚର୍ଚ୍ଚିତ ସିନେମା କଥା ମନେ ପକାଇ ଦେଇଥିଲା।

ଏହି ଫଟୋଚିତ୍ରଟି 'ସାଧନା' ଚଳଚିତ୍ର ସମୟର ଅଟେ। ଯାହା ପଛରେ ଅନେକ ସ୍ମୃତି ଲୁଚି ରହିଛି। ଏହି ଚଳଚିତ୍ରଟି ୧୯୬୪ ମସିହାରେ ମହାନ ଅଭିନେତା ଶରତ ପୂଜାରୀଙ୍କ ଉତ୍ସାହ ଓ ଉଦ୍ୟମ ଫଳରେ ସମ୍ଭବ ହୋଇଥିଲା। ସେହିପରି ସମ୍ବଲପୁରର ଲୁଗା ବ୍ୟବସାୟୀ ତୋଫାନ ତ୍ରିପାଠୀ ଓ ମାନଭଞ୍ଜନ ହୋତାଙ୍କ ପ୍ରଯୋଜନାରେ ଏହା ସିନେମାର ରୂପ ନେଇଥିଲା। ସବୁଠୁ ବଡ଼କଥା ହେଉଛି 'ସାଧନା' ସମ୍ବଲପୁର ଅଞ୍ଚଳର ପ୍ରଥମ ଓଡ଼ିଆ ଫିଚର୍ ଫିଲ୍ମ ଥିଲା। ଡ୍ରାମା ଓ ରୋମାନ୍ସକୁ ଆଧାରକରି ଗତିଶୀଳ ଚଳଚିତ୍ରଟି ସେତେବେଳେ ଭଲ ଚାଲିଥିଲା ଓ ଲୋକାଦୃତ ମଧ୍ୟ ହୋଇଥିଲା। ମାତ୍ର ଯାହା ଜଣାଯାଏ ସେତେଟା ବ୍ୟବସାୟିକ ସଫଳତା ପାଇପାରି ନଥିଲା। ଏସବୁ ସତ୍ତ୍ୱେ ଏହା ଦ୍ୱିତୀୟ ଶ୍ରେଷ୍ଠ ଆଞ୍ଚଳିକ ଫିଲ୍ମ ଭାବରେ ରାଷ୍ଟ୍ରପତି ପୁରସ୍କାର ଲାଭ କରପାରିଥିଲା।


# ବିନ୍ଦୁ ସାଗର ନିକଟରେ ନିଶାଡ଼ିଙ୍କ ଆଡ୍ଡା

## ଐତିହ୍ୟ ପୁଷ୍କରିଣୀ ପାର୍ଶ୍ୱରେ ମଦ ବୋତଲ, ପୋଡ଼ା ସିଗାରେଟ୍

ଭୁବନେଶ୍ୱର, ୪।୪(ସମିସ): ଐତିହ୍ୟ ପୁଷ୍କରିଣୀରେ ତୁଠରେ ପୋଡ଼ା ସିଗାରେଟ୍ ପଡ଼ିବା ମଦ ବୋତଲ ଗଡୁଛି। ଯେଉଁ ଜଳାଶୟ ତୁଠରୁ ଜଳ ଗଲେ ଠାକୁରଙ୍କ କାର୍ଯ୍ୟ ହେଉଛି ଏବଂ ଶ୍ରାଦ୍ଧ ପାଇଲେ ପିତୃପୁରୁଷ ମୋକ୍ଷ ପ୍ରାପ୍ତି ହୋଇଥାନ୍ତି ଏବେ ସେଠାରେ ଏବେର ଯୁବପିଢ଼ି କଳୁଷିତ କରିଚାଲିଛନ୍ତି। ଫଳରେ ଦିନକୁ ଦିନ ଐତିହ୍ୟ ପୁଷ୍କରିଣୀରେ ତୁଠରେ ନିଶାଡ଼ିଙ୍କ ଆଡ୍ଡା ସ୍ଥଳ ପାଲଟିଛି।

ଏକାମ୍ରକ୍ଷେତ୍ରର ବିନ୍ଦୁସାଗର ଏବେ ବିନ୍ଦୁସାଗର ହୋଇ ଆଉ ନାହିଁ। ଦୂଷିତ ବିଷ ସାଗର ହୋଇ ଗଲାଣି। ପୁଷ୍କରିଣୀ ପ୍ରଦୂଷିତ ହେବା ସହ ପୁଷ୍କରିଣୀ ଭିତରେ ମଦ ବୋତଲ ସହ ଅନ୍ୟ ନିଶା ସାମଗ୍ରୀ ଆଦି ପୁଷ୍କରିଣୀ ତୁଠରେ ପଡ଼ିଥିବାର ଦେଖିବାକୁ ମିଳୁଛି। ଏଥିସହିତ ପୁଷ୍କରିଣୀ ଭିତରେ ବିଭିନ୍ନ ପ୍ରକାରର ପ୍ଲାଷ୍ଟିକ୍, ଜରି ଆଦି ପଡୁଛି। ଫଳରେ ଦିନକୁ ଦିନ ଏହି ପୁଷ୍କରିଣୀ ନିଜର ମାନ୍ୟତା ହରାଇ ଚାଲିଛି।

ଏହି ବିନ୍ଦୁ ସାଗରର ଜଳ ଲିଙ୍ଗରାଜ ମହାପ୍ରଭୁଙ୍କ ପାଇଁ ପୁଷ ପୂର୍ଣ୍ଣିମାରେ ୧୦୮ ଗରା ଜଳ ମନ୍ଦିରକୁ ଆସିଥାଏ। ଏଥିସହିତ ମହାଶିବରାତ୍ରିକୁ ମଧ୍ୟ ୧୦୮ ଗରା ଜଳ ଆସିଥାଏ। ଚନ୍ଦନ ଚାପ ପାଇଁ ୨୨ ଦିନ ଚାପ ଖେଳନ୍ତି। ପବିତ୍ରା ରୋହଣ ପୂର୍ବ ରାତ୍ରିରେ ପଇତା ଶୋଧ ପାଇଁ ଏହି ଜଳ ବ୍ୟବହାର ହୋଇଥାଏ। ଶିବ ବିବାହ ଚତୁର୍ଥୀ ଦିନ ମହାସ୍ନାନ ନିମନ୍ତେ ବିନ୍ଦୁ ସାଗରକୁ ବିଜେ ହୋଇଥାନ୍ତି। ଏହିପରି ରାଜ୍ୟ ତଥା ରାଜ୍ୟ ବାହାରୁ ଲୋକମାନେ ପିତୃ ପୁରୁଷଙ୍କ ଉର୍ଦ୍ଦେଶରେ ଶ୍ରାଦ୍ଧ ପକାଇଥାନ୍ତି। ହେଲେ ଏହି ଜଳ ସମେତ ଏହାର ଚତୁପାର୍ଶ୍ୱ ଏବେ ବ୍ୟବହାର ଉପଯୋଗୀ ହୋଇରହିନାହିଁ।



ଦିନ କେଇଟା ପରେ ଏହି ପୁଷ୍କରିଣୀରେ ଚାପ ଅନୁଷ୍ଠିତ ହେବ ଦୂର ଦୂରାନ୍ତରୁ ଲୋକେ ଏହି ଚାପ ଦେଖିବାକୁ ଆସିବେ ହେଲେ ପୁଷ୍କରିଣୀ ଠାରେ ବିଭିନ୍ନ ପ୍ରକାରର ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ବିଶେଷ କରି ଏହି ପୁଷ୍କରିଣୀ ଏବେ ତୀର୍ଥସ୍ଥଳ ନହୋଇ ଯୁବପିଢ଼ିଙ୍କ ପାଇଁ ରୋମାଣ୍ଟିକ୍ ନିରୋଳା ସ୍ଥାନ ପାଲଟିଛି। ଦିନ ହେଉ ଅବା ରାତି ଦଳ ଦଳ ହୋଇ ସାଧାରଣ ଯୁବପିଢ଼ି ହୁଅନ୍ତୁ ଅବା କଲେଜ ଛାତ୍ରଛାତ୍ରୀ ବିନ୍ଦୁ ସାଗର କୂଳକୁ ଆସି ବିଭିନ୍ନ ପ୍ରକାରର ନିଶା ସେବନ କରିବାରେ ବ୍ୟସ୍ତ ରହୁଛନ୍ତି। ଏଥିସହିତ ନିଶା ସେବନ କରି ଅସଭ୍ୟ ଭାଷାରେ ଗାଳି ଗୁଲୋଜ ମଧ୍ୟ କରୁଛନ୍ତି। ଏଥିପାଇଁ ଏହି ପୁଷ୍କରିଣୀ ନିକଟକୁ ପୁରୁଖା ଲୋକମାନେ ଆସିବା ବନ୍ଦ କରିଦେଇଛନ୍ତି। ଫଳରେ ଏହାକୁ ନେଇ ଏବେ ଏକାମ୍ରକ୍ଷେତ୍ର ବାସୀ ଚିନ୍ତା ପ୍ରକଟ କରିଛନ୍ତି।


ଏନେଇ ଜଣେ ସ୍ଥାନୀୟ ବାସିନ୍ଦା କୁହନ୍ତି ସନ୍ଧ୍ୟା ହେଲେ ଏହି ତୁଠ ପାଖରେ ବସି ହଉଥିଲା ହେଲେ ଏବେ ବସିବା ସମ୍ଭବ ହେଉନାହିଁ। ସିଗାରେଟ ଗନ୍ଧରେ ଏହାର ଜଳତୁଠ ଫାଟି ପଡୁଛି। ହେଲେ ଏହାର ରକ୍ଷଣା ବେକ୍ଷଣା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଛି। କେବଳ ପୁଷ୍କରିଣୀକୁ ଭିତରୁ ଦଳ କାଢ଼ି ଦେଲେ ଏହା ପରିଷ୍କାର ହୋଇଯିବନି। ବିନ୍ଦୁ ସାଗର କୂଳରୁ ନିଶାକୁ ଦୂର କରିବା ପାଇଁ ସ୍ଥାନୀୟ ଲୋକଙ୍କ ସମେତ ପ୍ରଶାସନ ମଧ୍ୟ ସଚେତନତା ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

# ଉତ୍କଳ ଗୌରବ ମଧୁସୂଦନଙ୍କୁ ଭାରତରତ୍ନ ଦାବି



ଭୁବନେଶ୍ୱର, ୪।୪(ସମିସ):ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ଆନୁକୂଲ୍ୟରେ ସଂସ୍କୃତି ବିଭାଗ ସୌଜନ୍ୟତାକ୍ରମେ ଉତ୍କଳ ଦିବସ ୟୁନିଟ୍-୮ସ୍ଥିତ ମଧୁସୂଦନ ସମବାୟ ପରିଚାଳନା ପ୍ରତିଷ୍ଠାନ ସଭାଗୃହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଭାରତରତ୍ନ ଉପାଧି ପ୍ରଦାନ କରିବାକୁ ଦାବି କରାଯାଇଛି। ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରତିଷ୍ଠାନ ପ୍ରାଙ୍ଗଣରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପୂର୍ବକ ଅତିଥିମାନେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ 'ସମୃଦ୍ଧ ଓଡ଼ିଶାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକରେ ବିଶିଷ୍ଟ ଗାନ୍ଧୀ ବିଚାରକ ତଥା ସ୍ତମ୍ଭକାର ପ୍ରହଲ୍ଲାଦ ସିଂହ, ବିଧାୟକ ତୁଷାରକାନ୍ତୀ ବେହେରା, ଭୁବନେଶ୍ୱର ହାଇଟେକ୍ ମେଡିକାଲ କଲେଜର ଅଧ୍ୟକ୍ଷ ତଥା ସମାଜସେବୀ ତିରୁପତି ପାଣିଗ୍ରାହୀ, ଦୈନିକ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ଓଡ଼ିଶା ଲେଖକ ସମବାୟ ସମିତିର ପରିଚାଳକ ତଥା ପୂଜ୍ୟପୂଜା ଓଡ଼ିଶାର ସମ୍ପାଦକ ରମାକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଉତ୍କଳର ସଂସ୍କୃତି, ପରମ୍ପରା, ଐତିହ୍ୟ, ଭାଷା, ବିଶେଷ କରି ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ପ୍ରାତଃ ସ୍ମରଣୀୟ ବରପୁତ୍ରମାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସମିତି ପକ୍ଷରୁ ଉତ୍କଳ ଦିବସ ସମାରୋହ ଶୀର୍ଷକ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏହାସହ ଗାୟକ ସୁଦର୍ଶନ ମହାପାତ୍ରଙ୍କୁ ଗାୟକ କଳା ସଂସ୍କୃତି ଗୌରବ ଉପାଧିରେ ସମ୍ବର୍ଦ୍ଧିତ କରାଯିବା ସହ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ନାତି ଗୋପୀକାନ୍ତ ମହାପାତ୍ରଙ୍କୁ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ସମ୍ମାନ ଓ ବିଶିଷ୍ଟ ଶିକ୍ଷାବିତ୍ ରବୀନ୍ଦ୍ର କୁମାର ମହାନ୍ତିଙ୍କୁ 'ଲବଣ ସତ୍ୟାଗ୍ରହ କୁହୁଡ଼ି' ଶୀର୍ଷକ ଏକାଙ୍କିକା ପାଇଁ ସମ୍ମାନୀତ କରାଯାଇଥିଲା। ଶେଷରେ ସୁରେଶ ଚନ୍ଦ୍ର ସ୍ୱାଇଁ ଓ ସାଥୀମାନେ ପାଲା ପରିବେଷଣ କରିଥିଲେ। ପ୍ରାରମ୍ଭରେ ସ୍ୱପ୍ନେଶ୍ୱର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଶୋକ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୭୦ ଦିନରେ ଚୋରକୁ ଦଣ୍ଡାଦେଶ



ଭୁବନେଶ୍ୱର, ୪।୪ (ସମିସ): ଖଣ୍ଡଗିରି ଥାନା ଅଞ୍ଚଳରେ ଘଟିଥିବା ଏକ ଚୋରି ମାମଲାର ରାୟ ମାତ୍ର ୭୦ ଦିନରେ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଜେଏମଏଫସି (ପଞ୍ଚମ) ର ବିଚାରପତି ଇତିଶ୍ରୀ ମହାପାତ୍ର ମାମଲାର ବିଚାର କରି ଆସାମୀ ଶେଖ ଅସରଫଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁଯାୟୀ, ଅସରଫ ଗତ ଜାନୁଆରୀ ୨୬ ତାରିଖ ସନ୍ଧ୍ୟାରେ ଡୁମୁଡୁମା ସ୍ଥିତ ପ୍ରଶାନ୍ତ କୁମାର ସାହୁଙ୍କ ଘରୁ ଏକ ଲୁହା ଗ୍ରିଲ୍ ଚୋରି କରିଥିଲା। ସିସିଟିଭି କ୍ୟାମେରା ଫୁଟେଜରୁ ଚୋରି ହୋଇଥିବା ଜାଣିବା ପରେ ପ୍ରଶାନ୍ତ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ କେସ୍ ନଂ - ୬୪/୨୬ ରେ ବିଏନ୍‌ଏସ୍ ଧାରା ୩୦୩(୨) ଅନୁଯାୟୀ ମାମଲା ରୁଜୁ କରିଥିଲା। ଏଏସ୍?ଆଇ ଲୋକନାଥ ସାହୁ ତଦନ୍ତ କରି ଅଭିଯୁକ୍ତ ଶେଖ ଅସରଫଙ୍କୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସମ୍ପୃକ୍ତ ସାକ୍ଷୀମାନଙ୍କ ବୟାନ ଓ ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ଅସରଫଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ବିଏନ୍‌ଏସ୍ ଧାରା ୩୦୩(୨) ଅନୁଯାୟୀ ୩ ମାସର ସରଳ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

# ସମ୍ଭାବନା ପକ୍ଷରୁ 'ଓଡ଼ିଆ ମହୋତ୍ସବ'

ଭୁବନେଶ୍ୱର, ୪।୪(ସମିସ): ସମ୍ଭାବନା ପକ୍ଷରୁ ଓଡ଼ିଆ ମହୋତ୍ସବ ଅବସରରେ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ଉତ୍ସବରେ ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା ଅନ୍ତର୍ଗତ ଓଡ଼ିଶୀ ଓ ଲଘୁ ନୃତ୍ୟ ପ୍ରତିଯୋଗିତା ଏକାମ୍ର ହାଟରେ ଅନୁଷ୍ଠିତ ହୋଇଛି। ଓଡ଼ିଶୀ ନୃତ୍ୟ ସହ ରଚିପୂର୍ଣ୍ଣ ଓଡ଼ିଆ ସଙ୍ଗୀତର ତାଳେ ତାଳେ ଲଘୁନୃତ୍ୟ ପରିବେଷଣ କରାଯାଇଥିଲା। ସମ୍ଭାବନାର ସମ୍ପାଦକ ଦେବ ପ୍ରସାଦ ପରିଜାଙ୍କର ପ୍ରାରମ୍ଭିକ ସୂଚନା ପରେ ମଞ୍ଚରେ ଉପସ୍ଥିତ ଥିବା ଦୂରଦର୍ଶୀର ସମ୍ପାଦକ ଦୁର୍ଗା ସାମନ୍ତରାୟ, ଗୁରୁ ଦେବବ୍ରତ ଦାସ, ଗୁରୁ ପଙ୍କଜ କୁମାର ପ୍ରଧାନ, ୨୦୨୫ର ଶ୍ରେଷ୍ଠ ଓଡ଼ିଆଣୀ ରୀତା ଶଙ୍ଖୁଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି, ସଦସ୍ୟ ରାଜଶ୍ରୀ ଶତପଥୀ, ମୀନାକ୍ଷୀ ପଟ୍ଟନାୟକ, ରଶ୍ମିତା ରଥ, ଶ୍ୱେତପଦ୍ମା ମିଶ୍ର ପରିଚାଳନା କରିଥିଲେ।

## ପରିଚୟ ହରାଉଛି ଐତିହ୍ୟ ପୁଷ୍କରିଣୀ

# ପୋଖରୀ ପାଲଟିଛି ଡଷ୍ଟବିନ୍

ଭୁବନେଶ୍ୱର, ୪।୪(ସମିସ): ଦିନ ଥିଲା ଏହି ପୁଷ୍କରିଣୀ ସ୍ଥାନୀୟ ଅଞ୍ଚଳର ଏକ ପରିଚୟ ପାଲଟିଥିଲା। ଏହାସହ ଆଖପାଖ ଅଞ୍ଚଳ ଲୋକଙ୍କ ଏକମାତ୍ର ଜୀବନଧାରା ସାଜିଥିଲା। ହେଲେ ବର୍ଷ ବର୍ଷ ଧରି ଐତିହ୍ୟ ବହନ କରୁଥିବା କରୁଥିବା ଏହି ପୁଷ୍କରିଣୀର ଆବଶ୍ୟକ ରକ୍ଷଣାବେକ୍ଷଣ କରାନଯିବାରୁ ତାହା ନଷ୍ଟ ହୋଇଗଲାଣି। ପୁଷ୍କରିଣୀର ପାଣି ଅପରିଷ୍କାର ହୋଇଯିବାରୁ ତାହା ବ୍ୟବହାରଯୋଗ୍ୟ ହୋଇ ନାହିଁ। ବର୍ତ୍ତମାନ ପୋଖରୀରେ ପାଣି ଦିଶୁ ନଥିବା ବେଳେ ତାହା ପଡ଼ିଆ ସଦୃଶ ଦେଖାଯାଉଛି। ତା ସହିତ ଡଷ୍ଟବିନ୍ ପାଲଟିଛି। ଭର୍ତ୍ତି ହୋଇଛି ଗଦା ଗଦା ଆବର୍ଜନା ସାଙ୍ଗକୁ ପ୍ଲାଷ୍ଟିକ୍ ସାମଗ୍ରୀ। ଏଭଳି ଅବ୍ୟସ୍ଥିତ ଭାବେ ରହିଛି ଭୀମଟାଙ୍ଗୀ ସ୍ଥିତ

### ଅର୍ଥ ଅଭାବରୁ ହୋଇପାରୁନି ପୁନରୁଦ୍ଧାର କାର୍ଯ୍ୟ

ଅନନ୍ତନଗର ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରସ୍ଥିତ ଲତିକା ପୁଷ୍କରିଣୀ। ହେଲେ ବର୍ଷ ବର୍ଷ ଧରି ପୁଷ୍କରିଣୀର ଏଭଳି ଅବସ୍ଥା ଥିଲେ ବି ଅର୍ଥ ଅଭାବରୁ ପୁନରୁଦ୍ଧାର କାର୍ଯ୍ୟ ହୋଇପାରୁ ନ ଥିବା ସୂଚନା ରହିଛି।

କିମ୍ବଦନ୍ତୀ ଅନୁସାରେ ହନୁମାନ ମନ୍ଦିର ନିକଟରେ ବହୁ ବର୍ଷ ତଳର ଏହି ପୁଷ୍କରିଣୀ ରହିଛି। ପୂର୍ବରୁ ଏହିଠାରୁ ପାଣି ନେଇ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ବ୍ୟବହାର କରାଯାଉଥିଲା। ଧିରେ ଧିରେ ନଳକୂପ, ବୋରୱେଲ, ଟ୍ୟୁବ୍‌ୱେଲ ଆଦି ନିର୍ମାଣ ପରେ ପୋଖରୀର ବ୍ୟବହାର କମ୍ ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ



ଏଠାରେ ପଥର ଖଣି ରହିଥିବାରୁ ପୂର୍ବପୁରୁଷମାନେ ଏହି ସ୍ଥାନକୁ ଗଭୀର ଭାବେ ଖୋଳିଥିଲେ। ତାହା ଏକ ପୋଖରୀ ଆକୃତି ହୋଇଯିବାରୁ ସେଠାରୁ ପାଣି ମଧ୍ୟ ଝରିବା ଆରମ୍ଭ କରିଥିଲା। ଧିରେ ଧିରେ ଏହି ପୋଖରୀ ଲୋକମାନଙ୍କ ଭରସା ପାଲଟିଥିଲା। ବିଶେଷ କରି ପୋଖରୀଟି ମନ୍ଦିର ନିକଟରେ ରହିଥିବାରୁ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ଏହି ପୁଷ୍କରିଣୀରେ ପାଦ ଧୋଇ ମନ୍ଦିର ଭିତରକୁ ପ୍ରବେଶ କରୁଥିଲେ। ବିଭିନ୍ନ ପର୍ବପର୍ବାଣୀରେ ମନ୍ଦିରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ହେଉ ଅବା ଭୋଜିରେ ଏହି ପାଣି ବ୍ୟବହାର କରାଯାଉଥିଲା। ଠାକୁରଙ୍କ ସମସ୍ତ କାର୍ଯ୍ୟରେ ଏହି ପୁଷ୍କରିଣୀର ପାଣି ବ୍ୟବହାର ହୋଇଥାଏ। ପୁଷ୍କରିଣୀରେ ମାଟି ତଳୁ ପାଣି ଝରୁଥିବାରୁ ନଦୀ ପାଣି ଭଳି ସର୍ବଦା ଚକ୍ ଚକ୍ କରୁଥିବାରୁ ଏହାକୁ ପାନୀୟ ଜଳ ଭାବେ ମଧ୍ୟ ବ୍ୟବହାର କରାଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ହେଲେ ଦିନକୁ ଦିନ ପୋଖରୀରେ ଆବର୍ଜନା ପଡ଼ି ରହି ଦୁର୍ଗନ୍ଧ ହେବାରୁ ବ୍ୟବହାର ହୋଇପାରିଲା ନାହିଁ। ପୁଷ୍କରିଣୀ ଚାରପାଖେ ରହିଛି ପାଚେରୀ। ହେଲେ କେଉଁଠି ପାଚେରୀର ଅଧା କାନ୍ଥ ଭାଙ୍ଗି ପଡ଼ିଛି ତ ଆଉ କେଉଁଠି ଗଦା ହୋଇଛି ପଥର। ସେହିପରି କେତେକ ସ୍ଥାନରେ ପାହାଚ ମଧ୍ୟ ଭାଙ୍ଗି ନଷ୍ଟ ହୋଇଗଲାଣି। ଶିଉଳିରେ ଅନେକ ସମୟରେ ଲୋକେ ପଡ଼ି ଆହତ ହେଉଛନ୍ତି। ପୁଷ୍କରିଣୀ ଭିତରେ ଅନାବନା ଗଛ ଭର୍ତ୍ତି ହୋଇଥିବାରୁ ବିଷାକ୍ତ ଜୀବଯନ୍ତୁ ରହୁଥିବା ମଧ୍ୟ କୁହାଯାଉଛି। କେବଳ ସେତିକି ନୁହେଁ, ଅପରିଷ୍କାର ପାଣିରେ ପାଦ ଥୋଇଲେ ବି ଚର୍ମ ରୋଗର ଶିକାର ହେଉଛନ୍ତି ଲୋକେ। ହେଲେ ଏହା କାହାରି ନଜରକୁ ଆସୁନି। ଧିରେ ଧିରେ ତାହା ପାଲଟିଲା ସ୍ଥାନୀୟ ଲୋକଙ୍କ ଅଳିଆ ଗଦା। ଏମିତିକି ଆବର୍ଜନା ପଡ଼ି ରହି ପୋଖରୀର ଝର ବି ପୋତି ହୋଇଯିବାରୁ ପାଣି ଝରିବା ଏକପ୍ରକାର ବନ୍ଦ ହୋଇଗଲା। ଫଳରେ ତାହ ଆଉ କୌଣସି କାମରେ ଲାଗୁନଥିବା କୁହାଯାଉଛି। ଏହାର ପୁନରୁଦ୍ଧାର ପାଇଁ ବର୍ଷ ବର୍ଷ ଧରି ଅଭିଯୋଗ କରାଯାଉଥିଲେ ବି ଏଯାଏ ହୋଇ ପାରି ନାହିଁ। ପୋଖରୀର ପୁନରୁଦ୍ଧାର କରାଗଲେ ଏହା ମନ୍ଦିର ସମେତ ସାଧାରଣ ଲୋକଙ୍କ ବ୍ୟବହାରରେ କାମରେ ଆସିବ ଏହାସହ ମାଟି ଭିତରେ ହଜି ଯିବାକୁ ବସିଥିବା ଏହି ପୁଷ୍କରିଣୀ ପୁଣିଥରେ ତାର ପରିଚୟ ଫେରିପାଇବ ବୋଲି ଅଞ୍ଚଳବାସୀ କହିଛନ୍ତି। ଏହି ପୁଷ୍କରିଣୀ ବିଏମ୍‌ସି ୱାର୍ଡ ନମ୍ବର ୬୧ ଅଧୀନରେ ରହିଥିବାରୁ ୱାର୍ଡର କର୍ପୋରେଟର ଶିବ ନାରାୟଣ ରୟ କହିଛନ୍ତି ଯେ, ମୁଁ ଏହି ଐତିହ୍ୟ ପୁଷ୍କରିଣୀର ପୁନରୁଦ୍ଧାର ପାଇଁ ସ୍ଥାନୀୟ ବିଧାୟକ ଓ ମେୟରଙ୍କ ସହ ଆଲୋଚନା କରିଛି। ସେମାନେ ଏହାର ଅନୁଧ୍ୟାନ କରିବା ପରେ କାମ ଆରମ୍ଭ ନେଇ ପ୍ରସ୍ତୁତି କରାଯିବ। ପୂର୍ବଭଳି ପୁଷ୍କରିଣୀଟି ତାର ଗାରିମା ବଜାୟ ରଖିବ।

## ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ବିକାଶ ଯୋଜନାକୁ କ୍ୟାବିନେଟ୍ ଅନୁମୋଦନ

# ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ସହ ପୂର୍ବ ସରକାରଙ୍କ ଚୁକ୍ତି ସମାପ୍ତ

ଭୁବନେଶ୍ୱର,୪।୪(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ୩୭ତମ ବୈଠକରେ ମୋଟ ୧୭ଟି ପ୍ରସ୍ତାବ ଉପରେ ମୋହର ବାଜିଛି । ଏ ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି ।



- ଅଙ୍ଗନବାଡ଼ି କର୍ମୀ, ମହିଳା ପରିଦର୍ଶିକା ଏବଂ ବ୍ଲକ୍ ସଂଯୋଜକଙ୍କୁ ସାମ୍‌ସଙ୍ଗ ସ୍ମାର୍ଟଫୋନ୍
- 'ଭିସୁଟ'ର ପୁନଃବିକାଶ କାର୍ଯ୍ୟରେ ଖର୍ଚ୍ଚ ହେବ ୯୩୯ କୋଟି ୯୬ ଲକ୍ଷ ଟଙ୍କା
- ଓଡ଼ିଶା ଶିକ୍ଷ ସେବା ଅଧିନିୟମ, ୨୦୧୫ର ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ
- ବ୍ୟାପକ ବନ୍ୟା ପରିଚାଳନା ଯୋଜନାରେ ୫ ବର୍ଷକୁ ଖର୍ଚ୍ଚ ହେବ ୨୭୮୧ କୋଟି
- ଖୋଲାବଜାରରେ ୧ ଲକ୍ଷ ମେଟ୍ରିକ ଟନ୍ ବଳକା ଚାଉଳର ହେବ ନିଲାମ
- ଓଡ଼ିଶା ରାଜ୍ୟ ବୃତ୍ତି, ବ୍ୟାପାର, ଆଜୀବିକା ଏବଂ ନିୟୋଜନ କର ଅଧିନିୟମ, ୨୦୦୦ର ହେବ ନିରସନ

କ୍ୟାବିନେଟରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, 'ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ବିକାଶ ଯୋଜନା'କୁ ଅନୁମୋଦନ ମିଳିଛି । ଏହି ଯୋଜନାରେ ୫ ବର୍ଷରେ ମୋଟ ୫୮୯.୧୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି । ରାଜ୍ୟରେ କର୍ମଶାଳା ନିର୍ମାଣ, ଭିତ୍ତିଭୂମି ବିକାଶ, ଦକ୍ଷତା ବିକାଶ, ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ, ବିପଣନ ପାଇଁ ପ୍ରୋତ୍ସାହନ, ବ୍ରାଣ୍ଡ ନିର୍ମାଣ, କଞ୍ଚାମାଲ ବ୍ୟାଙ୍କ ସୃଷ୍ଟି, ସୂଚନା ପ୍ରଯୁକ୍ତି ଓ ନବସୃଜନର ପ୍ରୟୋଗ, ମୁଖ୍ୟମନ୍ତ୍ରୀ ବୁଣାକାର ସମ୍ମାନ ଯୋଜନା କାର୍ଯ୍ୟକାରୀ ଆଦି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି ।

ସେହିପରି ଭୁବନେଶ୍ୱର ମେଟ୍ରୋ ରେଳ ସମ୍ପର୍କରେ ମଧ୍ୟ ରାଜ୍ୟ କ୍ୟାବିନେଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ(ଡିଏମଆରସି) ସହ ହୋଇଥିବା ଚୁକ୍ତିକୁ ସମାପ୍ତ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ସେହିପରି ବିଏମଆରସିଏଲର ଭୂମିକାକୁ ପରିବର୍ତ୍ତନ କରି ଏହାକୁ ରାଜ୍ୟରେ ଚାଲିଥିବା ସଷ୍ଟେନେବୁଲ ଅର୍ବାନ ମୋବିଲିଟି ଟ୍ରାଞ୍ଜିସନ ପ୍ଲାନ ପାଇଁ ବିଭାଗର ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଏକ ନୋଡାଲ ଏଜେନ୍ସି ଭାବରେ ନିଯୁକ୍ତି ଦେଇଛନ୍ତି । ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଏକ ପ୍ରସ୍ତାବକୁ ମୋହର ମାରିଛି କ୍ୟାବିନେଟ । ପୋଷଣ ଅଭିଯାନ ଅଧୀନରେ ୯୩.୧୩ କୋଟି ଟଙ୍କାର ଆର୍ଥିକ ବ୍ୟୟ ଅଟକଳରେ ମେସର୍ସ ଏନଏଫ୍ ଇନଫ୍ରାଟେକ ସର୍ଭିସ ପ୍ରା.ଲି.ଠାରୁ ଜେମ୍ ପୋର୍ଟାଲ ମାଧ୍ୟମରେ ୭୯୦୩୩ଟି ସାମସଙ୍ଗ ଏ୦୬ ସ୍ମାର୍ଟଫୋନ କ୍ରୟ କରାଯିବ । ସକ୍ଷମ ଅଙ୍ଗନବାଡି ଏବଂ ପୋଷଣ ୨.୦ ଅଧୀନରେ ହିତାଧିକାରୀଙ୍କ ପଞ୍ଜୀକରଣ ସହ ସମସ୍ତ କାର୍ଯ୍ୟକଳାପ ତଦାରଖ ପାଇଁ ଏହି ସ୍ମାର୍ଟଫୋନ ସମସ୍ତ ଅଙ୍ଗନବାଡି କର୍ମୀ, ମହିଳା ପରିଦର୍ଶିକା ଏବଂ ବ୍ଲକ ସଂଯୋଜକଙ୍କୁ ପ୍ରଦାନ କରାଯିବ । ସେହିପରି ସମ୍ବଲପୁର ଜିଲ୍ଲାର ବୁର୍ଲାଠାରେ ଅବସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ)ର ପୁନଃବିକାଶ(ପର୍ଯ୍ୟାୟ-୧, ପ୍ୟାକ୍‌ଜ-୧)କୁ କ୍ୟାବିନେଟ ମଞ୍ଜୁରୀ ମିଳିଛି । ଏହି ପ୍ରକଳ୍ପ ପାଇଁ ମୋଟ ୯୩୯ କୋଟି ୯୬ ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି । ମେସର୍ସ ଏନ୍‌ସିସି ଲିମିଟେଡକୁ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପାଇଁ ମନୋନୀତ କରାଯାଇଥିବା ବେଳେ ଏହାଦ୍ୱାରା ଭିସୁଟ୍‌କୁ ଜାତୀୟସ୍ତରର ଏକ ପ୍ରମୁଖ ବୈଷୟିକ ଶିକ୍ଷା ଏବଂ ଗବେଷଣା କେନ୍ଦ୍ରରେ ପରିଣତ କରାଯିବ । ସେହିପରି କ୍ଷମତା, ଶୈକ୍ଷିକ ବାତାବରଣ, ଛାତ୍ର ସୁବିଧା ବୃଦ୍ଧି ସହ ଗୁଣାତ୍ମକ, ବୈଷୟିକ ଶିକ୍ଷା ଏବଂ ଦକ୍ଷ ମାନବଶକ୍ତି ବିକାଶ ଏହି ଯୋଜନାର ଲକ୍ଷ୍ୟ ବୋଲି ସରକାର କହିଛନ୍ତି ।

ମୁଖ୍ୟ ସଚିବଙ୍କ ସୂଚନା ଅନୁଯାୟୀ, ୨୦୨୪-୨୫ ଖରିଫ ବିପଣନ ଋତୁରେ ରାଜ୍ୟ ସରକାର ରେକର୍ଡ ପରିମାଣର ଧାନ ସଂଗ୍ରହ କରିଥିଲେ । ସବୁ ବ୍ୟବହାର ପରେ ରାଜ୍ୟ ପାଖରେ ୨.୦୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ବଳକା ଭାବେ ରହିଛି । ଏହି ବଳକା ଚାଉଳର ସୁବିନିଯୋଗ ପାଇଁ ରାଜ୍ୟ କ୍ୟାବିନେଟ ଖୋଲା ବଜାରରେ ନିଲାମ ବିକ୍ରୟ ମାଧ୍ୟମରେ ୧ ଲକ୍ଷ ମେଟ୍ରିକ ଟନ୍ ବଳକା ଚାଉଳ ବିନିଯୋଗ କରିବାକୁ କ୍ୟାବିନେଟ ନିଷ୍ପତ୍ତି ନେଇଛନ୍ତି ।

ଅନ୍ୟ ଏକ ନିଷ୍ପତ୍ତି ଅନୁଯାୟୀ ଓଡ଼ିଶା ଶିକ୍ଷ ସେବା କ୍ୟାଡରର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସମାନତା ଆଣିବା ପାଇଁ ରାଜ୍ୟ କ୍ୟାବିନେଟ ଓଡ଼ିଶା ଶିକ୍ଷ ସେବା(ସହାୟକ ପରିଚାଳକ ଓ ସହାୟକ ନିର୍ଦ୍ଦେଶକମାନଙ୍କ ନିଯୁକ୍ତିର ବିଧି ମାନ୍ୟକରଣ) ଅଧିନିୟମ, ୨୦୧୫ର ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏହା ଓଡ଼ିଶା ଶିକ୍ଷ ସେବା(ସହାୟକ ପରିଚାଳକ ଓ ସହାୟକ ନିର୍ଦ୍ଦେଶକମାନଙ୍କ ନିଯୁକ୍ତିର ବିଧି ମାନ୍ୟକରଣ) (ସଂଶୋଧନ)ବିଧେୟକ, ୨୦୨୬ ନାମରେ ପରିଚିତ ହେବ । ଏଥିସହ ରାଜ୍ୟରେ ବନ୍ୟା ନିୟନ୍ତ୍ରଣ ପାଇଁ ସରକାର ଏକ ନୂଆ ଯୋଜନା ପ୍ରଣୟନ କରିବାକୁ ଯାଉଛନ୍ତି । ବ୍ୟାପକ ବନ୍ୟା ପରିଚାଳନା ଯୋଜନା ନାମରେ ନାମିତ ଏହି ଯୋଜନାକୁ କ୍ୟାବିନେଟର ଅନୁମୋଦନ ମିଳିଛି । ୨୦୨୫-୨୬ରୁ ୨୦୨୯-୩୦ ଯାଏଁ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଥିବାବେଳେ ଏଥିପାଇଁ ୨୭୮୧ କୋଟି ଟଙ୍କା ଖର୍ଚ୍ଚ ହେବ । ସେହିପରି ଅନ୍ୟ ଏକ ପ୍ରମୁଖ ନିଷ୍ପତ୍ତି ଅନୁଯାୟୀ ଓଡ଼ିଶା ରାଜ୍ୟ ବୃତ୍ତି, ବ୍ୟାପାର, ଆଜୀବିକା ଏବଂ ନିୟୋଜନ କର ଅଧିନିୟମ, ୨୦୦୦କୁ ନିରସନ କରିବାକୁ ନିଷ୍ପତ୍ତି ନେଇଛି କ୍ୟାବିନେଟ । ଏହା ବ୍ୟତୀତ ଆଇନ ବିଭାଗର ଦୁଇଟି ନିଷ୍ପତ୍ତି ଉପରେ କ୍ୟାବିନେଟ ମୋହର ମାରିଥିବା ମୁଖ୍ୟ ସଚିବ ସୂଚନା ଦେଇଛନ୍ତି ।

# ନିଆଳିରେ ପାଗଳ ଷଣ୍ଢ ଆତଙ୍କ; ଜଣେ ମୃତ, ୮ ଆହତ

ନିଆଳି, ୪।୪(ସମିସ): କଟକ ଜିଲ୍ଲା ନିଆଳି ଥାନା ଅନ୍ତର୍ଗତ ସିଠାଳ ଗ୍ରାମରେ ପାଗଳ ଷଣ୍ଢର କ୍ରମାଗତ ଆକ୍ରମଣରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ଷଣ୍ଢ ଆକ୍ରମଣରେ ଜଣେ ୮୦ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ସମେତ ମୋଟ ୮ ଜଣ ଆହତ ହୋଇଛନ୍ତି ।

- ସିଠାଳ ଗ୍ରାମରେ କୋକୁଆ ଭୟ
- କାବୁ କଲେ ସ୍ଥାନୀୟ ବାସିନ୍ଦା

ସୂଚନା ଅନୁଯାୟୀ, ଗତକାଲି ସିଠାଳ ଅଞ୍ଚଳରେ ଏକ ପାଗଳ ଷଣ୍ଢ ହଠାତ୍ ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲା । ଏହି ହିଂସ୍ରକ ଆକ୍ରମଣରେ ୮୦ ବର୍ଷୀୟ ବୃଦ୍ଧ ଦ୍ୱିଜବର ସ୍ୱାଇଁ ଗୁରୁତର ଭାବେ ଆହତ ହୋଇଥିଲେ । ତାଙ୍କୁ ତୁରନ୍ତ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ସେହିପରି ୭୫ ବର୍ଷୀୟ ବୃଦ୍ଧ ହରେକୃଷ୍ଣ ସ୍ୱାଇଁ ମଧ୍ୟ ଗୁରୁତର ଆହତ ହୋଇଥିବା ବେଳେ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଷଣ୍ଢ ଆକ୍ରମଣରେ ବିଶ୍ୱନାଥ ବଡୁ, ମଞ୍ଜୁଷା ମାଳିନୀ ବଡୁ, ଭୀମ ମାଲିକ, ସଂଯୁକ୍ତା ନାୟକ, ଜଗନ୍ନାଥ ନାୟକ ଏବଂ ରୂପାଲି ନାୟକ ମଧ୍ୟ ଆହତ ହୋଇଛନ୍ତି । ବର୍ତ୍ତମାନ ଏହି ୬ ଜଣଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି ।



ଷଣ୍ଢଟି ପାଗଳ ହୋଇଯାଇଥିବାରୁ ଗ୍ରାମରେ ଭୟର ବାତାବରଣ ଖେଳିଯାଇଥିଲା । ପରିସ୍ଥିତିକୁ ନଜରରେ ରଖି ସନ୍ଧ୍ୟା ସମୟରେ ଏକ ସଂଗଠନ ଓ ସ୍ଥାନୀୟ ବାସିନ୍ଦାଙ୍କ ମିଳିତ ଉଦ୍ୟମରେ ଷଣ୍ଢଟିକୁ କାବୁ କରାଯାଇଛି । ବର୍ତ୍ତମାନ ଷଣ୍ଢଟିର ମଧ୍ୟ ଚିକିତ୍ସା କରାଯାଉଥିବା ସୂଚନା ମିଳିଛି । ତେବେ ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଗୃହପାଳିତ ପଶୁଙ୍କ ସୁରକ୍ଷା ଓ ବୁଲା ଷଣ୍ଢଙ୍କ ନିୟନ୍ତ୍ରଣକୁ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ଗ୍ରାମବାସୀ ।

# ବିଶ୍ୱବିଦ୍ୟାଳୟରେ ନିଯୁକ୍ତ ହେବେ ୧୪୦୦ ଅଧ୍ୟାପକ

ଭୁବନେଶ୍ୱର, ୩।୪(ସମିସ): ଖୁବ୍‌ଶୀଘ୍ର ସ୍ଥାୟୀ କୁଳପତି ନିଯୁକ୍ତି ସହ ଖାଲି ଥିବା ପଦରେ ଅଧ୍ୟାପକ ଓ ଅଣଶିକ୍ଷକଙ୍କୁ ନିଯୁକ୍ତ କରାଯିବ । ଏଥିପାଇଁ ସମସ୍ତ ପ୍ରକ୍ରିୟା ଚୂଡ଼ାନ୍ତ ପ୍ରକ୍ରିୟାରେ ପହଞ୍ଚିଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ଗଣମାଧ୍ୟମକୁ କହିଛନ୍ତି । ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟରେ ଖୁବ୍‌ଶୀଘ୍ର ସ୍ଥାୟୀ କୁଳପତି ନିଯୁକ୍ତି କରାଯିବ । ଏଥିପାଇଁ ସମସ୍ତ ପ୍ରକ୍ରିୟା ଚୂଡ଼ାନ୍ତ ପ୍ରକ୍ରିୟାରେ ପହଞ୍ଚିଛି । ଖାଲି ପଡ଼ିଥିବା ପ୍ରାୟ ୧୪୦୦ ଅଧ୍ୟାପକ ପଦ ପୂରଣ ପାଇଁ ସମସ୍ତ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି । ସୁପ୍ରିମକୋର୍ଟଙ୍କ ସଂରକ୍ଷଣ ନିୟମକୁ ଅନୁସରଣ କରାଯାଉଛି । ନିୟମିତ ସଂରକ୍ଷଣ ସହ ମହିଳା ଓ ଦିବ୍ୟାଙ୍ଗମାନଙ୍କ ପାଇଁ ମଧ୍ୟ ସଂରକ୍ଷଣ ବ୍ୟବସ୍ଥା ରହିବ । ମାତ୍ର ସଂରକ୍ଷଣ ୫୦ପ୍ରତିଶତରୁ ଅଧିକ ହେବ ନାହିଁ । ସେହିପରି, ଅଣଶିକ୍ଷକ ପଦରେ ନିଯୁକ୍ତି ଦେବା ପାଇଁ ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି)କୁ ନିର୍ଦ୍ଦେଶ ଦିଆଯାଇଛି । ଏସ୍‌ଏସ୍‌ବି ପକ୍ଷରୁ ପ୍ରାୟ ୮୦୦ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଅବଶିଷ୍ଟ ଅଣଶିକ୍ଷକ ପଦ ପାଇଁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ମନ୍ତ୍ରୀ କହିଛନ୍ତି ।

# ବହି ଆଳରେ ଶୋଷଣ କଲେ ବାଜିବ ସରକାରୀ ଛାଟ

ଭୁବନେଶ୍ୱର, ୩।୪ (ସମିସ): ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ପ୍ରଦାନ କରିବା ନାମରେ ଅଭିଭାବକଙ୍କୁ ଘରୋଇ ବିଦ୍ୟାଳୟଗୁଡ଼ିକ ଶୋଷଣ କରୁଛନ୍ତି । ବଜାର ମୂଲ୍ୟଠାରୁ ଢେର୍ ଅଧିକ ମୂଲ୍ୟରେ ବିକ୍ରି କରୁଛନ୍ତି । ଏପରିକି, ଏନ୍‌ସିଇଆର୍‌ଟି ପୁସ୍ତକ ବଦଳରେ ନିଜସ୍ୱ ପୁସ୍ତକ ବିକ୍ରି କରୁଥିବା ଅଭିଯୋଗ ହେବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ରାଜ୍ୟସ୍ତରୀୟ ଖଡ଼ିଛୁଆଁ ଉତ୍ସବ ଅବସରରେ ସେ କହିଛନ୍ତି ଯେ ନୂତନ ଜାତୀୟ ଶିକ୍ଷାନୀତି ଅନୁସାରେ ପିଲାମାନଙ୍କୁ ସୁଲଭ ମୂଲ୍ୟରେ ଏନ୍‌ସିଇଆର୍‌ଟି ବହି ଯୋଗାଇ ଦିଆଯାଉଛି । ମାତ୍ର କେତେକ ବେସରକାରୀ ଶିକ୍ଷାନୁଷ୍ଠାନ ଅଧିକ ଲାଭ ଆଶାରେ ନିଜସ୍ୱ ବହି ପଢ଼ିବାକୁ ପିଲାଙ୍କୁ ବାଧ୍ୟ କରି ଶିକ୍ଷାନୀତିର ଉଲ୍ଲଂଘନ କରୁଛନ୍ତି । ସମସ୍ତ ଘରୋଇ ବିଦ୍ୟାଳୟ ସରକାରୀ ନିୟମ ମାନିବା ଜରୁରୀ; ଅନ୍ୟଥା କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ବହି ବିକ୍ରି ନାଁରେ ଅଭିଭାବକଙ୍କଠାରୁ ଅଧିକ ଟଙ୍କା ଆଦାୟ କରୁଥିବା ସ୍କୁଲ୍ ଉପରେ ନଜର ରହିଛି । ଅଭିଯୋଗ ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଭଳି ମନମାନି ଉପରେ ସ୍ଥାୟୀ ଅଙ୍କୁଶ ଲଗାଇବା ପାଇଁ ବିଭାଗ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରୁଥିବା ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ।

**କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ମନ୍ତ୍ରୀଙ୍କ ଚେତାବନୀ**

# ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶକ୍ତିକାନ୍ତ ଦାସ



ଭୁବନେଶ୍ୱର,୪।୪(ସମିସ): ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶକ୍ତିକାନ୍ତ ଦାସ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏଠାରେ ସେ ବିଭିନ୍ନ ଅତ୍ୟାଧୁନିକ ଲାବ୍ରୋଟୋରୀ ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଦିଗରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଜାଣି ଖୁସି ବ୍ୟକ୍ତ କରିଛନ୍ତି । ଯୁବପିଢ଼ିଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ସ୍କୁଲ ଅଫ ଇଞ୍ଜିନିୟରିଂ' ଏବଂ 'ସ୍କୁଲ ଅଫ ସର୍ଭିସେସ୍' ବିଭାଗ ଅଧୀନରେ ବିଭିନ୍ନ ଅତ୍ୟାଧୁନିକ ଲାବ୍ରୋଟୋରୀ ରହିଥିବା ବେଳେ ଶ୍ରୀ ଦାସ ଭର୍ଟିକାଲ ଟ୍ରାନ୍ସପୋର୍ଟେସନ, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନ, ବ୍ୟୁଟି ଆଣ୍ଡ ୱେଲନେସ୍ ଏବଂ ସ୍କୁଲ ଅଫ୍ ହସ୍ପିଟାଲିଟି ଆଦି ବିଭାଗ ବୁଲି ଦେଖିବା ସହ ଉନ୍ନତ ଭିତ୍ତିଭୂମି ଏବଂ ତାଲିମ ପାଠ୍ୟକ୍ରମକୁ ସେ ପ୍ରଶଂସା କରିଥିଲେ । ଏହି ପରିଦର୍ଶନ ବେଳେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଆୟୋଜିତ ଏକ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଜାତୀୟ ଢାଞ୍ଚାରେ ତାଲିମ ପ୍ରଦାନ କରି ଆସନ୍ତା କାଲିର ଶିଳ୍ପସଂସ୍ଥା ପାଇଁ ଦକ୍ଷମାନବସମ୍ବଳ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟକ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ମହାପାତ୍ର, ବିଭାଗୀୟ ଅତିରିକ୍ତ ଶାସନ ସଚିବ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକ, ଅଧ୍ୟକ୍ଷ ଡ. ଶୁଭାଙ୍ଗ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆପଡ଼ା ଏବଂ ବଲାଙ୍ଗିର ଜିଲ୍ଲା ଜାତୀୟ ରାଜପଥର ସମ୍ପ୍ରସାରଣ କରାଯିବ

ଭୁବନେଶ୍ୱର,୪।୪(ସମିସ): ନୂଆପଡ଼ା ଏବଂ ବଲାଙ୍ଗିର ଜିଲ୍ଲା ଜାତୀୟ ରାଜପଥର ସମ୍ପ୍ରସାରଣ କରାଯିବ । ଜାତୀୟ ରାଜପଥ-୩୫୩ ଏବଂ ଜାତୀୟ ରାଜପଥ-୫୯ରେ ଅବସ୍ଥିତ କୁରୁମପୁରୀ-ରାଜଖରିଆର ସେକ୍ସନର ୧୦୩.୫୨ କିଲୋମିଟର ରାସ୍ତା ସମ୍ପ୍ରସାରଣରେ ମୋଟ୍ ୪୪୭.୧୧କୋଟି ଟଙ୍କା ଖର୍ଚ୍ଚର୍ କରାଯିବ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ୍ ଗଡ଼କରୀ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସରେ ସୂଚନା ଦେଇଛନ୍ତି । ଏହା ଛତିଶଗଡ଼ର ରାୟପୁର-ମହାସମୁନ୍ଦ ଅଞ୍ଚଳକୁ ଓଡ଼ିଶା ସହିତ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତଃରାଜ୍ୟ କରିଡର, ଯାହା ପରବର୍ତ୍ତୀ ସମୟରେ ବ୍ରହ୍ମପୁର ଏବଂ ଗୋପାଳପୁର ବନ୍ଦର ପର୍ଯ୍ୟନ୍ତ ବିସ୍ତାର କରିବ । ଏହି ପ୍ରକଳ୍ପ ଆଞ୍ଚଳିକ ଏବଂ ଆନ୍ତଃରାଜ୍ୟ ସଂଯୋଗୀକରଣକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ ହେବ, ଯାହା ନୂଆପଡା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ ଏବଂ ଗଞ୍ଜାମ ଜିଲ୍ଲା ମଧ୍ୟରେ ଯାତ୍ରୀ ଏବଂ ମାଲ୍ ପରିବହନକୁ ସୁଗମ ଏବଂ ଅଧିକ ଦକ୍ଷ କରିବ । ରାଜପଥରେ ବ୍ଲାକ୍ ସ୍ପଟ୍‌ଗୁଡ଼ିକୁ ସଂଶୋଧନ ଏବଂ ପାଚେରି ବନ୍ଧ ବ୍ୟବସ୍ଥା ମାଧ୍ୟମରେ କରିଡର ଉନ୍ନତିକରଣ କରାଯାଇ ରାସ୍ତା ସୁରକ୍ଷାକୁ ବୃଦ୍ଧି କରାଯିବ । ବିଶେଷକରି ଦୁଇଚକିଆ ଯାନଗୁଡ଼ିକର ସୁବିଧା ଯାତାୟତ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ଏହା ଦାରିଙ୍ଗବାଡ଼ି, ସୁନାବେଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ନିକଟବର୍ତ୍ତୀ ପାହାଡ଼ି ଅଞ୍ଚଳ ଭଳି ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ମଧ୍ୟ ପ୍ରବେଶକୁ ଉନ୍ନତ କରିବ । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପର୍ଯ୍ୟଟନ ଏବଂ ସ୍ଥାନୀୟ ଅଞ୍ଚଳର ଆର୍ଥିକ ବିକାଶକୁ ବୃଦ୍ଧି କରିବ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗଡ଼କରୀ ଏକ୍ସରେ ଉଲ୍ଲେଖ କରିଛନ୍ତି ।

**୧୦୩.୫୨ କିମି. ରାସ୍ତା ପାଇଁ ୪୪୭.୧୧କୋଟି ଖର୍ଚ୍ଚ: ଗଡ଼କରୀ**

# କୋଟିଏ ଟଙ୍କାର ଗଞ୍ଜେଇ ଜବତ

- ଫୁଲବାଣୀରୁ ପୁଣେକୁ ଚାଲାଣ ହେଉଥିଲା
- ୨ କାର୍ ଜବତ, ୫ଗିରଫ

ସୋହେଲା,୪।୪(ସମିସ): ପଡୋଶୀ ରାଜ୍ୟ ଛତିଶଗଡ଼ର ସିଂଘୋଡା ପୁଲିସ ଶନିବାର ଫୁଲବାଣୀରୁ ମହାରାଷ୍ଟ୍ରର ପୁଣେକୁ ଗଞ୍ଜେଇ ଚୋରାଚାଲାଣ ବେଳେ ୨ କ୍ୱିଣ୍ଟାଲ ୮୨ କେଜି ଗଞ୍ଜେଇ ଜବତ କରିଛି । ସିଂଘୋଡା ପୁଲିସ ଏହି ଘଟଣାରେ ୫ଜଣ ଅନ୍ତଃରାଜ୍ୟ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ୨ଟି ବିଳାସପୂର୍ଣ୍ଣ କାର୍ ଏବଂ ୪ଟି ମୋବାଇଲ ଜବତ ହୋଇଛି । ଗତ ୨୭ ତାରିଖରେ ତରଭୁଜ ବୋଝେଇ ଗାଡ଼ିରେ ଓଡ଼ିଶାରୁ ୟୁପି ଚୋରାଚାଲାଣ ହେଉଥିବା କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ୨କ୍ୱିଣ୍ଟାଲ ୨୫କେଜି ଗଞ୍ଜେଇ ଜବତ କରିଥିବା ବେଳେ ଆଜି ଏହି ସଫଳତା ସିଂଘୋଡା ପୁଲିସକୁ ମିଳିଛି ।

ସୂଚନାନୁସାରେ, ସମ୍ବଲପୁର-ରାୟପୁର ଜାତୀୟ ରାଜପଥ ଦେଇ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ନିୟମିତ ବହୁ ମାତ୍ରାରେ ଗଞ୍ଜେଇ ଚୋରା ଚାଲାଣ ହେଉଛି । ଜିଲ୍ଲାର ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ ଏବଂ ସିଂଘୋଡା ପୁଲିସ ପକ୍ଷରୁ ଏଠାରୁ ପ୍ରାୟ ୧୨କିମି ଦୂର ଜାତୀୟ ରାଜପଥ ଉପରେ ରେହେଟିଖୋଲ ପୁଲିସ ଓଡ଼ିଶା ପଟୁ ଯାଉଥିବା ଗାଡ଼ିଗୁଡ଼ିକୁ ନିୟମିତ ଯାଞ୍ଚ କରିଥାନ୍ତି । ଫୁଲବାଣୀରୁ ଗଞ୍ଜେଇ ଚୋରା ଚାଲାଣ ହେବା ନେଇ ଖବର ପାଇବା ପରେ ସିଂଘୋଡା ପୁଲିସ ଏବଂ ଆଣ୍ଟି ନାର୍କୋଟିକ୍ସ ଟାସ୍କଫୋର୍ସ ରେହେଟିଖୋଲ ଯାଞ୍ଚ ନାକାରେ ଛକି ରହିଥିଲେ । ସୋହେଲା ପଟୁ ଆସୁଥିବା ଫର୍ଚ୍ୟୁନର କାର୍ ଏବଂ ଏକ ସ୍କର୍ପିଓକୁ ଯାଞ୍ଚ ପାଇଁ ଅଟକାଇଥିଲେ । ଯାଞ୍ଚ ବେଳେ ଉଭୟ ଗାଡ଼ି ପଛ ସିଟ୍‌ରେ ପ୍ଲାଷ୍ଟିକ୍ ଅଖାରୁ ଗଞ୍ଜେଇ ମିଳିଥିଲା । ଏଥିରେ ଗାଡ଼ିରେ ବସିଥିବା ମହାରାଷ୍ଟ୍ରର ସତାରା ଜିଲ୍ଲାର ସାଗ୍ନି ବାସିନ୍ଦା ପ୍ରଶାନ୍ତ ଶଙ୍କର ଗୋଲେ (୩୮), ଭୂଇଁଜ ଗାଁର କ୍ଷିତିଜ ବିରସେନ ଯାଦବ(୨୧) ଏବଂ ବାଇ ଗାଁର ଅକ୍ଷୟ ନନ୍ଦ ନିଗମ, ମହାରାଷ୍ଟ୍ର ଶୋଲାପୁର ଜିଲ୍ଲା ତିହେଁ ଗାଁର ଅଭିଷେକ ଡେଭିଡ ଜାଗଲେ (୨୭) ଏବଂ ସତାରା ଜିଲ୍ଲା ବେଲଦରେ ଗାଁର ମହେଶ କାଟକର (୩୯)ଙ୍କୁ ପୁଲିସ ଗିରଫ କରି ତଦନ୍ତ ଆରମ୍ଭ କରିଥିଲା । ପୁଲିସ ଉଭୟ କାରରୁ ମୋଟ ୨ କ୍ୱିଣ୍ଟାଲ ୮୧ କେଜି ୯ଶହ ଗ୍ରାମର ଗଞ୍ଜେଇ ଜବତ କରିଥିବା ବେଳେ ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧କୋଟି ୪୦ଲକ୍ଷ ୯୦ ହଜାର ହେବ ବୋଲି ସୂଚନା ଦେଇଛି । ସେହିପରି ପୁଲିସ ଏହି ଘଟଣାରେ ବ୍ୟବହାର ହୋଇଥିବା ୪୦ ଲକ୍ଷ ଟଙ୍କା ମୂଲ୍ୟର ଫର୍ଚ୍ୟୁନର କାର, ୨୫ଲକ୍ଷ ଟଙ୍କା ମୂଲ୍ୟର ସ୍କର୍ପିଓ କାର ସହିତ ୫୦ହଜାର ଟଙ୍କା ମୂଲ୍ୟର ୪ଟି ମୋବାଇଲ ଫୋନ ଜବତ କରିଛି ।

# କରଞ୍ଜିଆ ଘୂର୍ଣ୍ଣିଝଡ଼ ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି

ବାରିପଦା/କରଞ୍ଜିଆ,୪।୪(ସମିସ): କରଞ୍ଜିଆ ଉପଖଣ୍ଡରେ ଘଟିଥିବା ଘୂର୍ଣ୍ଣିଝଡ଼ରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି । ଏଥିରେ ଗୁରୁତର ଆହତ ହୋଇ ଭୁବନେଶ୍ୱରସ୍ଥିତ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ସାଲରପଡ଼ା ଗ୍ରାମର ରାମ ମାଝୀ (୩୧)ଙ୍କ ମୃତ୍ୟୁ ଘଟିଛି । ଏହାକୁ ମିଶାଇ ମୋଟ ମୃତ୍ୟୁ ସଂଖ୍ୟା ୪ରେ ପହଞ୍ଚିଛି । ସୂଚନା ମୁତାବକ, ଗତ ମାର୍ଚ୍ଚ ୧୫ ତାରିଖ ଅପରାହ୍ଣରେ କରଞ୍ଜିଆ ବ୍ଲକ୍ ବଳା ଓ ତାଟୋ ଦୁଇଟି ପଞ୍ଚାୟତର କିଆ, ପାନପୋଷି, ଡୁଭୁରିଆ, ବନ୍ଧସାହି, ତେନ୍ତୁଳିପୋଷି, ପୁରୁଣାପାଣି, ରଥିଆସାହି ଓ କଙ୍କଡାକୁ ମିଶାଇ ୮ଟି ଗ୍ରାମରେ ଘୂର୍ଣ୍ଣିଝଡ଼ ତାଣ୍ଡବ ରଚିଥିଲା ।

# ଅଦାଲତରୁ ଦୋଷମୁକ୍ତ ପରେ ସମାନ ଅଭିଯୋଗରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ବେଆଇନ: ହାଇକୋର୍ଟ

କଟକ, ୪।୪ (ସମିସ): ଯଦି ଜଣେ କର୍ମଚାରୀ ଫୌଜଦାରୀ ମାମଲାରେ ସମାନ ପ୍ରମାଣ ଆଧାରରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି, ତେବେ ସେହି ସମାନ ତଥ୍ୟକୁ ନେଇ ତାଙ୍କୁ ବିଭାଗୀୟ ସ୍ତରରେ ଦଣ୍ଡିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି । ଜଣେ ପୁଲିସ୍ କନଷ୍ଟେବଲଙ୍କୁ ଚାକିରିରୁ ବହିଷ୍କାର କରାଯିବା ଆଦେଶକୁ ରଦ୍ଦ କରିବା ସହ ହାଇକୋର୍ଟ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । ଜଣିକିଆ ବିଚାରପତିଙ୍କ ଆଦେଶକୁ ଚାଲେଞ୍ଜ କରି ରାଜ୍ୟ ସରକାରଙ୍କ ତରଫରୁ ରୁଜୁ ଆବେଦନକୁ ଖାରଜ କରି ଜଷ୍ଟିସ୍ ମାନସ ରଂଜନ ପାଠକ ଓ ଜଷ୍ଟିସ୍ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜଣିକିଆ ବିଚାରପତିଙ୍କ ଆଦେଶକୁ କାଏମ ରଖିବା ସହ ପ୍ରତିପକ୍ଷ କନଷ୍ଟେବଲ ବଂଶୀଧର ବାରିକଙ୍କୁ ତୁରନ୍ତ ଚାକିରିରେ ପୁନଃଅବସ୍ଥାପିତ କରିବା ସହ ତାଙ୍କର ସମସ୍ତ ବକେୟା ଏବଂ ଆନୁଷଙ୍ଗିକ ସେବା ସୁବିଧା ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାରୁ ପ୍ରକାଶ, ପ୍ରତିପକ୍ଷ ତଥା ଓଡ଼ିଶା ପୁଲିସର ଜଣେ କନଷ୍ଟେବଲଙ୍କ ବିରୋଧରେ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ମାମଲା ରୁଜୁ ହୋଇଥିଲା । ଏହି ଘଟଣା ପାଇଁ ତାଙ୍କ ବିରୋଧରେ ଉଭୟ ଅଦାଲତୀ ମାମଲା ଏବଂ ବିଭାଗୀୟ ତଦନ୍ତ ଚାଲିଥିଲା । ତେବେ ଅଦାଲତରେ ବିଚାର ସମୟରେ ପ୍ରମାଣିତ ହୋଇଥିଲା ଯେ ଯେଉଁ ସମୟରେ ଏହି ଅପରାଧ ଘଟିଥିଲା, ସେତେବେଳେ ସମ୍ପୃକ୍ତ କନଷ୍ଟେବଲଜଣଙ୍କ ନିଜ କାର୍ଯ୍ୟସ୍ଥଳରେ ନଥିଲେ ବରଂ ଏକ ସରକାରୀ ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଆଧାରରେ ଫୁଲବାଣୀ ଅତିରିକ୍ତ ଦୌରା ଅଦାଲତ ତାଙ୍କୁ ସମସ୍ତ ଅଭିଯୋଗରୁ ଦୋଷମୁକ୍ତ କରିଥିଲେ । କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହେବା ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ କନ୍ଧମାଳ ଏସ୍‌ପି ସେହି ସମାନ ସାକ୍ଷୀଙ୍କ ବୟାନକୁ ଆଧାର କରି ତାଙ୍କୁ ଗତ ୨୦୨୨ ଜୁଲାଇ ୫ରେ ଚାକିରିରୁ ବହିଷ୍କାର କରିଥିଲେ । ଏହାକୁ ପୁଲିସ ଆଇଜି କାଏମ ରଖିଥିଲେ । ଏହା ବିରୋଧରେ ସଂପୃକ୍ତ କର୍ମଚାରୀ ହାଇକୋର୍ଟରେ ଆବେଦନ କରିଥିଲେ । ଜଣିକିଆ ବିଚାରପତି ଏହି ବହିଷ୍କାର ଆଦେଶକୁ ରଦ୍ଦ କରି ବଂଶୀଧରଙ୍କୁ ଚାକିରିରେ ଅବସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶକୁ ଚାଲେଞ୍ଜ କରି ସରକାରଙ୍କ ତରଫରୁ ଦୁଇଜଣିଆ ଖଣ୍ଡପୀଠରେ ମାମଲା ରୁଜୁ ହୋଇଥିଲା ।

**ବହିଷ୍କୃତ କନଷ୍ଟେବଲଙ୍କୁ ପୁନଃନିଯୁକ୍ତି ପାଇଁ ନିର୍ଦ୍ଦେଶ**

## ବାକିରେ ଡିଜେଲ ଦେବାକୁ ମନାକଲେ ତେଲ ଟାଙ୍କି ମାଲିକ

# ୬ ରୁଟ୍‌ରେ ଓଏସ୍‌ଆର୍‌ଟିସିର ବସ୍ ଚଳାଚଳ ବନ୍ଦ

ଜୟପୁର, ୪।୪ (ସମିସ): ରାଜ୍ୟ ସରକାରଙ୍କ ଅଧୀନରେ ରହିଥିବା ଓଡ଼ିଶା ରାଜ୍ୟ ପରିହବନ ନିଗମ (ଓଏସ୍‌ଆର୍‌ଟିସି)ର ବର୍ତ୍ତମାନ ବିକଳ ରୂପ ଦେଖିବାକୁ ମିଳୁଛି । ବାକିରେ ଡିଜେଲ ଦେବାକୁ ପେଟ୍ରୋଲ ପମ୍ପ ମାଲିକ ମନା କରିବାରୁ କୋରାପୁଟ ଜିଲ୍ଲା ଜୟପୁରଠାରେ ଥିବା ଓଏସ୍‌ଆରଟିସିର ଡିପୋରୁ ୬ ରୁଟ୍‌ରେ ବସ୍ ଚଳାଚଳ ବନ୍ଦ ହୋଇଯାଇଛି ।

ସୂଚନାଯୋଗ୍ୟ, ଜୟପୁର ଓଏସ୍‌ଆର୍‌ଟିସି ଡିପୋରୁ ରାଜ୍ୟ ଏବଂ ପଡ଼ୋଶୀ ରାଜ୍ୟକୁ ବହୁ ସଂଖ୍ୟାରେ ଯାତ୍ରୀବାହୀ ବସ୍ ଚଳାଚଳ କରୁଛି । ଅଧିକାଂଶ ରୁଟ୍‌ରେ ଚଳାଚଳ କରୁଥିବା ବସ୍‌ଗୁଡ଼ିକ ଲାଭ ପ୍ରଦାନ କରିଥା'ନ୍ତି । କିନ୍ତୁ, ବର୍ତ୍ତମାନ ଉଧାରରେ ପେଟ୍ରୋଲ ପମ୍ପ ମାଲିକ ତେଲ ଦେବାକୁ ମନା କରିଦେଇଥିବାରୁ ଲାଭଦାୟକ ୬ଟି ରୁଟ୍‌ର ବସ୍ ଚଳାଚଳକୁ ବନ୍ଦ କରାଯାଇଛି । ଏହି ରୁଟ୍‌ରେ ବସ୍ ଚଳାଚଳ ବନ୍ଦ ରହିଥିବାରୁ ଜୟପୁର ଡିପୋକୁ ଦୈନିକ ୭୨ ହଜାର ଟଙ୍କା କ୍ଷତି ସହିବାକୁ ପଡୁଛି ।

ବସ୍ ଚଳାଚଳ ବନ୍ଦକୁ ନେଇ ଯାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଗତ ରାଜ୍ୟ ସରକାରଙ୍କ ସମୟରେ ରାଜ୍ୟରେ ଓଏସ୍‌ଆରଟିସିର ପୁନରୁଦ୍ଧାର କରାଯିବା ସହ ତାହାକୁ ଲାଭଦାୟକ ସଂସ୍ଥା ଭାବେ ପରିଣତ କରାଯାଇଥିଲା । ବର୍ତ୍ତମାନ ସରକାର ଏଥିପ୍ରତି ଦୃଷ୍ଟି ନଦେଲେ, ଆଗାମୀ ଦିନରେ ଏହି ସଂସ୍ଥା ପୁଣି ପୂର୍ବ ଅବସ୍ଥାକୁ ଫେରିଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।



ଉଧାରରେ ପେଟ୍ରୋଲ ଓ ଡିଜେଲ ବସ୍‌କୁ ପ୍ରଦାନ କରିବା ଓ ମାସିକ ବିଲ୍ ଆକାରରେ ଟଙ୍କା ପ୍ରଦାନ କରାଯିବାକୁ ଓଏସ୍‌ଆରଟିସି ସହ ବିଭିନ୍ନ ତେଲ କମ୍ପାନୀର ଏକ ବୁଝାମଣା ହୋଇଥିଲା । ଏହି କ୍ରମରେ ଓଏସ୍‌ଆର୍‌ଟିସି ପକ୍ଷରୁ ମାସିକ ବିଲ୍ ପ୍ରସ୍ତୁତ କରାଯାଇ ଉକ୍ତ ପେଟ୍ରୋଲ ପମ୍ପକୁ ଟଙ୍କା ପ୍ରଦାନ କରାଯାଉଥିଲା । ବର୍ତ୍ତମାନ ସାରା ବିଶ୍ୱରେ ଇନ୍ଧନ, ତେଲ ଓ ଗ୍ୟାସ୍‌ର ସଂକଟ ଦେଖାଦେଇଥିବାରୁ ପର୍ଯ୍ୟାପ୍ତ ପରିମାଣରେ ଡିଜେଲ ଓ ପେଟ୍ରୋଲ ଯୋଗାଣରେ ସାମାନ୍ୟ ବଧା ସୃଷ୍ଟି ହୋଇଛି ।

ଅଗ୍ରିମ ଟଙ୍କା ପୈଠ କରାଗଲେ କମ୍ପାନୀର ଡିପୋଗୁଡ଼ିକରୁ ପମ୍ପକୁ ଡିଜେଲ ଓ ପେଟ୍ରୋଲ ଆସୁଛି । ତାହା ପୁଣି ବିଳମ୍ବ ହେଉଛି । ତେଣୁ, ବର୍ତ୍ତମାନର ଏହି ସଙ୍କଟ ସମୟରେ ପମ୍ପ ମାଲିକମାନେ ମଧ୍ୟ ଉଧାରରେ ତେଲ ଦେଇ ଦୀର୍ଘ ଏକ ମାସ ଅପେକ୍ଷା କରିବା ପରିସ୍ଥିତିରେ ନଥିବା କହିବା ସହ ଉଧାରକୁ ସଂପୂର୍ଣ୍ଣ ଭାବେ ବନ୍ଦ କରିଛନ୍ତି । ଫଳରେ ଜୟପୁରଠାରୁ ପାର୍ବତୀପୁର, ଜୟପୁର-ସୋରଡ଼ା, ଜୟପୁର କଟକ ଭାୟା ରାୟଗଡ଼ା, ଜୟପୁର କଟକ ଭାୟା ଶ୍ରୀକାକୁଲମ, ଜୟପୁର-କମଳାଡିହ, ଜୟପୁର-ଫୁଲବାଣି ରୁଟରେ ବସ୍ ଚଳାଚଳ ସଂପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି । ଆଗାମୀ ଦିନରେ ଆହୁରି ଅଧିକ ରୁଟ୍‌ରେ ବସ୍ ଚଳାଚଳ ବନ୍ଦ ହେବାର ଆଶଙ୍କା ଦେଖାଦେଇଛି । ଏହାଦ୍ୱାରା ପରୋକ୍ଷରେ ଘରୋଇ ବସ୍‌ଗୁଡ଼ିକ ଲାଭବାନ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏନେଇ ଓଏସ୍‌ଆର୍‌ଟିସି ଜୟପୁର ଡିଟିଏମ୍ ଆଲୋଶ୍ରୀ ସାହୁଙ୍କ ପ୍ରତିକ୍ରିୟା ନେବା ସମ୍ଭବ ହୋଇନାହିଁ ।

ସୃଜନିକା

ସକାଳ
THE SAKALA
www.sakalaepaper.com

# ଦାରିଦ୍ର୍ୟ



ପୀତାମ୍ବର ତରାଇ



ସରକାରୀ କର୍ମଚାରୀ ଭାବରେ ନିଶିକାନ୍ତ ନିଜର ମାସିକ ଦରମା ଗଣ୍ଡାକ ଉପରେ ନିର୍ଭରଶୀଳ। ସେଥିରୁ ବଡ଼ ଖର୍ଚ୍ଚ ହେଉଛି ତେଜରାତି ଦୋକାନରୁ ଏକକାଳୀନ ଗୋଟେ ମାସର ସଉଦାପତ୍ର ସାରିଦେଲେ ଝିନ୍‌ଝଟ ଯାଏ। ମାସ ଦୁଇ ତାରିଖରେ ଦରମା ଗଣ୍ଡାକ ମିଳିଥିବାରୁ ନିଶିକାନ୍ତ ବ୍ୟାଗ୍ ଧରି ଚାଲିଲେ କୁଜଙ୍ଗ ବଜାର। ସଦା ଭାଇନା ତେଜରାତି ଦୋକାନରେ ପହଞ୍ଚି ମାସିକିଆ ସଉଦା ବରାଦ ଦେଲେ। ସଦା ମଉସା ତାଲିକାନୁଯାୟୀ ଜିରା, ଲଙ୍କା, ପିଆଜ, ଅଦା ଦେବା ପରେ ଡାଲି କେଜିଏ ଓଜନ କରିବାକୁ ବରାଦ ଦେଲେ ମାଧକୁ। ମାଲିକ ଆଦେଶ ଅନୁଯାୟୀ ଚାକର ମାଧ ଡାଲି ଓଜନ କରି ନିଶିକାନ୍ତ ବାବୁଙ୍କ ହାତକୁ ଦେବା ପାଇଁ ଯାଉଛି ତ, ନିଶିକାନ୍ତ ବାବୁଙ୍କର ଡାଲି ଓଜନରେ ସନ୍ଦେହ ହେଲା, ସେ ଆଉଥରେ ଓଜନ କରିବାକୁ କହିବାରୁ ଦୋକାନ ମାଲିକ ନିଜେ ଓଜନ କରି ଦେଖିଲେ ଏକ କେଜି ଡାଲି ବଦଳରେ ନଶହ ଗ୍ରାମ, ଶହେ ଗ୍ରାମ କମ୍ ଅଛି।

ନିଶିକାନ୍ତ ବାବୁ ବିରକ୍ତ ହୋଇ କହିଲେ,"ସଦା ଭାଇନା! ମୁଁ ତମର ନାଗୁଆ ଗରାଖ। ସାରା ବର୍ଷ ତମ ପାଖରୁ ଘରର ସମସ୍ତ ସଉଦାପତ୍ର ନେଉଛି। ଯଦି ଆଜି କିଲେ ଡାଲିରେ ଶହେ ଗ୍ରାମ ଠକିଲ, ତାହେଲେ ସାରା ବର୍ଷ କେତେ ଠକିଛ !"

ନିଶିକାନ୍ତଙ୍କ କଥା ସରି ନାହିଁ, ଦୋକାନୀ ସଦାନନ୍ଦ ଚାକର ପିଲାର ଗାଲରେ ବ୍ରହ୍ମ ଚାପଡ଼ାଟାଏ ଲଗାଇ କହିଲା, "ହାରାମଜାଦା ! ଗରାଖ ଈଶ୍ୱର, ତୁ ମୋ ଈଶ୍ୱରଙ୍କୁ ଠକୁଛୁ।" ଆଉ ଚାପଡ଼ାଏ ମାରିବାକୁ ଯାଉଛି ତ ନିଶିକାନ୍ତ ଅଟକାଇ କହିଲେ, "ଥାଉ। ପିଲାଲୋକ। ନିକିତି କଥା, କ'ଣ କେମିତି ଚହଲି ଯାଇଥିବ। ଏଇଥର କ୍ଷମା କରିଦିଅ।"

ଦୋକାନୀ ପିଲା ଗାଲରେ ମାଲିକର ବ୍ରହ୍ମ ଚାପୁଡ଼ା ନିଶିକାନ୍ତଙ୍କୁ ସହ୍ୟ ହେଲା ନାହିଁ। ସାଇକେଲରେ ଘରକୁ ଫେରିଲା ବେଳେ ଭାବୁଥିଲେ, ଶହେଗ୍ରାମ ଡାଲି ଠକାମିରେ ଯାଇଥିଲେ ଯାଇଥାନ୍ତା ପଛେ, ଅଭିଯୋଗ କରି ସେ ଭୁଲ୍ କଲେ। ବିଚରା ପିଲାଟି ମାଡ଼ଖାଇ କାନ୍ଦି ପକାଇଲା, ସେହି ଲୁହ ଜଡ଼ସଡ଼ ଉଦାସ ମୁହଁଟି ନିଶିକାନ୍ତଙ୍କୁ ଦୋଷୀ କଲାଭଳି ଲାଗୁଥାଏ। ଘର ଧରିବା ଯାଏ ତାଙ୍କ ମନରୁ ପିଲାଟିର ବିକଳ ମୁହଁର ଚିତ୍ର ଯାଉ ନଥାଏ। ଆହାଃ, ବିଚରା ନିରୀହ ପିଲାଟି ! କାହାକୁ କିଛି ନକହି ଖବରକାଗଜ ପଢ଼ି ଭୁଲି ଯିବାକୁ ଚେଷ୍ଟା କରିବାକୁ ଲାଗିଲେ ସେ।

ଦୁଇମାସ ପରେ ନିଶିକାନ୍ତ ବାବୁ କୁଜଙ୍ଗ ବଜାରରେ ହଠାତ୍ ଦେଖିଲେ ସେଦିନ ଦୋକାନୀ ସଦାନନ୍ଦ ପାଖରୁ ମାଡ଼ ଖାଇଥିବା ମାଧ ଗୋଟେ ହୋଟେଲ୍ ପାଖରେ ଛିଡ଼ା ହୋଇଛି। ବହୁତ ଶୁଖି ଯାଇଛି। ତା' ପାଖକୁ ଯାଇ ପଚାରିଲେ, "ମାଧ କିରେ ! ତୁ କ'ଣ ସେ ଦୋକାନରେ ନାହୁଁ କି ? ଭଲ କଲୁ ସେଠାରେ ନରହି। ଏମିତି କ'ଣ ମାଡ଼ ମାରନ୍ତି। ମୁଁ ସେଦିନ ଭଲରେ ଶୋଇ ପାରି ନାହିଁ। କିଲେ ଡାଲିର ଓଜନ ଧରିଲି ବୋଲି, ମାଡ଼ ଖାଇଲୁ। ତୋ ମାଡ଼ ଖାଇବା ମୋତେ ବି କଷ୍ଟ ଦେଇଛି।"

ମାଧ କହିଲା, "ନାଇଁ ଆଜ୍ଞା। କିଲେକୁ ନଶହ କରିବାକୁ ମାଲିକର ନିର୍ଦ୍ଦେଶ ଥାଏ। ଯୋଉଦିନ ଗ୍ରାହକ ଆଖିରେ ଠକାମି ଧରା ପଡ଼ିଯାଏ, ସେଦିନ ମୁଁ ଗୋଟାଏ ବ୍ରହ୍ମ ଚାପୁଡ଼ା ଖାଇଥାଏ। ଏଇ ମାଡ଼ ପାଇଁ ମୁଁ ଅଧିକ ଦଶ ଟଙ୍କା ବକ୍‌ସିସ୍ ପାଇଥାଏ।"

ମାଧର କଥା ଶୁଣି ନିଶିକାନ୍ତ ବାବୁଙ୍କ ମୁଣ୍ଡ ଭିତରଟା ଯେମିତି ନିସ୍ପନ୍ଦ ହୋଇ ଆସୁଥିଲା। ସେ ଆଉ କିଛି ଭାବି ପାରୁ ନଥିଲେ। ଦାରିଦ୍ର୍ୟ ପାଇଁ ଏମିତି କିଛି ପୀଡ଼ା ଭୋଗିବାକୁ ପଡ଼େ, ଏ ଭାଗ୍ୟର ବିଡ଼ମ୍ବନା ନୁହେଁ ତ ଆଉ କ'ଣ କୁହାଯିବ? ■

ଅଶ୍ରୁନୀଡ଼, ମଙ୍ଗରାଜପୁର
କୁଜଙ୍ଗ, ଜଗତସିଂହପୁର
ମୋ: ୯୪୩୭୧୬୩୪୨୧

## ଗୋଟେ ଗୀତର ଶେଷଧାଡ଼ି

ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ



ଏମିତି ଏମିତି ଶେଷ ହୋଇଯିବ
ବସନ୍ତ ଓ ଖରାବେଳଠୁ
ଧାର ଆଣିଥିବା
କିଛି ଗୀତର ଧାଡ଼ି,
ଶ୍ରୋତା ନାହାଁନ୍ତି କେହି,
ଏମିତି କି ପବନ
ସ୍ଥିର ଅବିଚଳ ନଈଘାଟ
ଅନ୍ୟମନସ୍କ ଘରଚଟିଆ
ନାହିଁ
କେହି ବି କେହି।
ଶୁଣିବାକୁ ଋତୁର ଗୀତ ଧାଡ଼ି।
ଆହା!
ସେଇମାନଙ୍କ ପାଇଁ ସାଇତିଲି
ଭଙ୍ଗ କଣ୍ଠରେ ସ୍ୱର
ସାଇତିଥିଲି ଦିଗ୍‌ବଳୟରେ
ଆଲୋକର ଅବିର।
ହାର୍ମୋନିୟମରେ
ବାନ୍ଧିଥିଲି
ଅଳନ୍ଧୁର ସ୍ୱର।
କାହାକୁ ମନେ ପକେଇବି ଆଉ
ବେଳକୁ ବେଳ
ଭୁଲିଯାଉଛ।
ପୁରୁଣା ଦରଜ ଓ ବିମ୍ବ।
ବେଳକୁ ବେଳ
ଖଣ୍ଡିଉଡ଼ା ଦେଇଥିବା ପକ୍ଷୀର
କୂଜନ ହଜିଯାଉଛି
ବର୍ଷାର ଛମ୍ ଛମ୍‌ରେ
ଯାଃ
ଆଉ ଗୀତ ପିତ ନାହିଁ
ଏତେକାଳ ଆଉ
ସ୍ୱର ଓ ବୟସକୁ
ବାନ୍ଧି ରଖିବାର ମାନେ କିଛି ନାହିଁ। ■

ପୂର୍ବତନ ବିଧାୟକ, ଖୋର୍ଦ୍ଧା
ସେନାଧକ୍ଷ, ପ୍ରେରଣା ଗ୍ରୀନ୍ ଆର୍ମି
ମୋ: ୯୪୩୭୨୮୭୮୦୬



## ଗୀତ

ରବି ଶତପଥୀ



ମୋର ସବୁ
ନୀରବତାକୁ ଭାଙ୍ଗିଦେଇ
କେହି ଜଣେ ଗୀତଟିଏ
ଗାଇଦେଇ ଯାଏ,
କୁଆଡ଼େ ସେ ଯାଏ ?
ଗୋଟେ ପ୍ରଶ୍ନଚିହ୍ନ ମୋ ମନରେ
ବାଡ଼ ହୋଇ ଠିଆହୁଏ।
ମୁଁ ବ୍ୟସ୍ତ ହୋଇ ସେ ବାଉଳା
ପବନକୁ ଡାକି ପଚାରେ,
ଯିଏ ଟିକେ ହସିଦେଇ ଚାହୁଁ ଚାହୁଁ
ଚୋରେଇ ନିଏ ସେ ଗୀତ।


କେହି ନଥିଲା ବେଳେ ବି
ମୁଁ ସେଇ ମନଛୁଆଁ ଗୀତ ଶୁଣିପାରେ
କିଏ ଶୁଣାଏ, ମୁଁ ତାକୁ ଖୋଜେ
ପାଏ ପୁଣି ପାଏନାହିଁ।
ଦଲକାଏ ପବନ ମୋତେ ଛୁଇଁଦେଇ
ଲୁଚିଯାଏ ଅନ୍ଧାରରେ
ମୁଁ କାନ୍ଦ କାନ୍ଦ ହୋଇ
ଅବୁଝା ମନକୁ ବୁଝାଏ।

ସ୍ୱର, ଲୟ କି ତାଳ ସଂପର୍କରେ
ସାମାନ୍ୟ ଧାରଣା ନଥିବା
ବେରସିକ ମଣିଷଟେ ମୁଁ
ସେଇ ଗୀତ ପଛରେ ହିଁ ପଡ଼ିଥାଏ,
ଯେଉଁ ଗୀତ କିଏ କେଉଁଠି
ନଗାଇଲେ ବି
କେବେ ପାଖରୁ ତ,
କେବେ ଦୂରରୁ ମୋତେ ଶୁଭେ।
ଶେଷରେ ମୁଁ ଫୁ କରି
ଦଗାଦିଆ ପବନ ସାଥିରେ
ଉଡ଼େଇ ଦିଏ ସେ ଗୀତକୁ,
ଯେତେବେଳେ ମୁଁ ଜାଣିପାରେ
ଗୀତ ଗାଉଥିବା ସେ ପକ୍ଷୀ
କେଉଁକାଳରୁ ନୀରବରେ ବସିଛି
ମୋ ମନର ଅଦୃଶ୍ୟ ଡାଳରେ। ■

ଅଧ୍ୟାପକ ଓଡ଼ିଆ ବିଭାଗ
ନନ୍ଦପୁର କଲେଜ, କୋରାପୁଟ
ମୋ: ୯୪୩୭୭୮୪୮୫୯

# "ସୃଜନୀ ପ୍ରକ୍ରିୟା ଅନ୍ତଃପ୍ରେରଣାଗତ ଏକ ପ୍ରଗାଢ଼ ପରିପ୍ରକାଶ"



ଗିରିଜାକୁମାର ବଳୀୟାରସିଂହ

'ମୁଁ କାହିଁକି ଲେଖେ' - ଏହା ଯଦି 'ମୁଁ କାହିଁକି ଭାବେ' ଭଳି ଜରୁରୀସ୍ତରୀୟ କୌଣସି ପ୍ରଶ୍ନ ପ୍ରକୃତରେ, ତା'ହେଲେ ତାହାର ଉଚିତ ଉତ୍ତର ହୁଏତ ହୋଇପାରେ: 'ମୁଁ କାହିଁକି ନିଃଶ୍ୱାସପ୍ରଶ୍ୱାସ ନିଏ' ଭଳି ପ୍ରଶ୍ନଟିର ଯାହା ସ୍ୱାଭାବିକ ସଦୁତ୍ତର ହେବା କଥା, ତାହା ହିଁ।

ଅପରପକ୍ଷରେ, ଆତ୍ମଜାଗରିତ ଏକ ଏକ ଅତଳ ଆହ୍ୱାନର ପ୍ରତ୍ୟୁତ୍ତର ପରି ପ୍ରତେ ହୋଇଥାଏ, ଏ ମୁଁ କାହିଁକି ଲେଖେ ସୂଚକୀୟ ସୃଜନୀ ପ୍ରକ୍ରିୟାଟିର ଅନ୍ତଃପ୍ରେରଣାଗତ ଏକ ପ୍ରଗାଢ଼ ପରିପ୍ରକାଶ। ଅତଏବ ଏହା ହେଉଛି ସେହି ଅବଧାରିତ ଅଭିବ୍ୟକ୍ତି, ଯାହା ଅନନ୍ୟୋପାୟ ହିଁ ଏକ ଏକ ଅନୁସ୍ୱନନାତ୍ମକ ଅନାମୟ ଆପାତୋକ୍ତି। ଅର୍ଥାତ୍ ଯେତେବେଳେ ଲେଖିବାକୁ ବାଦ୍ ଦେଇ, ଏ ଆପାତଲେଖକ ପକ୍ଷେ, ଅବିକଳ୍ପ ଅନ୍ୟୋପାୟ ନାସ୍ତି - ସେତେବେଳେ ଏହି ଅନ୍ତର୍ଭୂତ ଉପାୟହୀନତାର ହାର୍ଦ୍ଦିକ ହୁକୁମ୍‌ନାମାକୁ ମୁଣ୍ଡ ନୋଇଁ ମାନି ନେଉନେଉ ଲେଖେ ଅଲବତ୍, ଲେଖୁଥାଏ ଛାଏଁ, ଲେଖୁଥିବି ଅତଏବ। ହଜାରେ-ଏକ୍ ହରଫର୍ ହର୍‌ବାର ଏଇ ଏକ୍ ହେତୁ : ରହିହୁଏ ନାହିଁ ବୋଲି କହିବାକୁ ହୁଏ ହିଁ ଯେହେତୁ। କହିବାକୁ ଗଲେ ଗୋଟାଏ କେମିତି ଗୁଞ୍ଜନଶୀଳିତ ସୃଜନକ୍ରିୟାର ଗତ୍ୟନ୍ତରହୀନତା ଏ- ଆତ୍ମୋଦ୍ଭୂତ ସ୍ପନ୍ଦନ ସବୁକୁ ଅବତାରୀ ଶବ୍ଦ କରିବାରେ ଆଉ ଅମାୟିକ ଇଚ୍ଛାକୁ ଅମୋଘ ଅକ୍ଷର।

କେଉଁଠୁ କେଜାଣି, ଅନେକ ଅନେକ ଥର, ଆପଣାର ଏକାନ୍ତ ନିଭୃତ ଅନ୍ତର୍ଲୋକକୁ ଅଚିରାତ୍ ଆସି ଆଲୋଡ଼ାଇ ଦେଇଯାଏ ସେଇ ତୁମୂଳ ତାଡ଼ନା : ଦେଖ୍ ଆଖି ମୁଦି ସେଇସବୁ ଅନନୁଭୂତ ଅଦୃଶ୍ୟର ଅପୂର୍ବ ଅପରପାର୍ଶ୍ୱ ବି ... ଲେଖ୍, ଲେଖ୍, ଲେଖ୍ - ଅଲକ୍ଷିତ, ଅଲିଖିତ ଅବଧୂତୋବାଚୀ ଅବତରଣିକା ଯେତେ ଯାହା !

କିଏ ଏଇ 'ମୁଁ'ଟିକୁ ଆସି ତାଡୁଥାଏ ତନାଘନା : ଆରେ, ଲେଖ୍ - ଲେଖ୍ - ଲେଖ୍ ?

ଉପରକୁ ଅନାଏ ତ ତରା। ମନେହୁଏ, ତରା ଠାରୁଥାଏ : ଲେଖ୍ ! ତଳକୁ ତଲାସେ ତ ତୃଣ। ବୋଧହୁଏ, ତୃଣ ବି ତିଆରୁ ଥାଏ : ଲେଖ୍! ଏକଡ଼ ସେକଡ଼ ଘୂରି ଫେରି ଚାହୁଁଥାଏ ତ ଛାଡ଼ିଛାଡ଼ିକା ଛାଇଛିଟା ଫେର୍ ଧାଡ଼ିଧାଡ଼ିକା। ଲାଗୁଥାଏ, କାହୁଁ କୁଆଡୁ କା' ଛଟପଟ ଛାଇର ଛାର୍‌ଖାର୍ ନିଃଶ୍ୱାସ ମଧ୍ୟ କାହିଁକି କେଜାଣି ନିହାତି କତିକୁ ଚାଲିଆସି ଚୁପ୍‌ଚାପ୍ ଚିଆଁଇ ଦେଉଥାଏ : ଲେଖ୍ !

ରାତ୍ରିଚର ରୋଦନାର୍ତ୍ତ ପକ୍ଷୀଟି ସୁଦ୍ଧା ନିଜ ଶେଷ ପଇଁତରା ସାରୁ ନସାରୁଣୁ ଭୋରଭଙ୍ଗା ଭାବାଂଶକୁ ବି ତା' ରାବରେ ରଟିଯାଉଥାଏ : ଲେଖ୍ !

ଏମିତି ଅନେକାନେକ ଅଦୂରଦୂର ଆଜ୍ଞା, ଅନୁଜ୍ଞା, ଆଦେଶ, ଅଧ୍ୟାଦେଶ, ଆହ୍ୱାନ, ଅନୁଶାସନ, ଅନୁକଂପନ, ଅନୁରୋଧ, ଅନୁନୟାଦିର ଅନ୍ତର୍ଧ୍ୱନି : ଲେଖ୍, ଲେଖ୍, ଲେଖ୍ !

କାହିଁକି ସତରେ ଲେଖେ ବୋଲି କେବେହେଲେ ନିଜକୁ ଥରେ ସୁଦ୍ଧା ପଚାରିନଥିବା ଏଇ 'ମୁଁ' କିନ୍ତୁ ବିଲ୍‌କୁଲ୍ ଭିନେ 'ମୁଁ' - ଅନ୍ତର୍ବ୍ୟକ୍ତିତ୍ୱକୁ ଯିଏ ବିବର୍ତ୍ତିତ କରାଇଦେଇପାରେ ଅଭିବ୍ୟକ୍ତିତ୍ୱରେ।

ଲେଖେ କାହିଁକି ମୁଁ ?

ମନେହୁଏ, ନିଜସ୍ୱ ଅଖଣ୍ଡ ଏକକତାକୁ ଖଣ୍ଡ ଖଣ୍ଡ କେତେ ବିସ୍ମିତ ବିହ୍ୱଳ ବହୁକତା ରୂପେ ବର୍ଣ୍ଣୀଭୂତ କରିରଖିବାର ଏକ ଅନବଦମିତ ଅନୁମିତି ହିଁ ଲେଖାଇ ଆସିଛି ମୋତେ, କାହିଁ କେଉଁ କାଳୁ ଏଯାବତ୍। ଅଭିବ୍ୟକ୍ତି ମଧ୍ୟରେ ବ୍ୟକ୍ତିର ବିମୋକ୍ଷସାଧନ ପାଇଁ ଏ ଅନୁମିତି ମଧ୍ୟ ଜାଗରୁକ କରାଇପାରେ ଏକପ୍ରକାର ଅନୁପ୍ରାଣନାପ୍ରାପ୍ତ ଆତ୍ମପ୍ରବୃତ୍ତି - ଯାହା ଯେକୌଣସି ସୃଜନଭୋଳ ସତ୍ତାର ଅନ୍ତର୍ନିହିତ ଏକ ଆକାଂକ୍ଷାକୁ ଏକାଧିକ ବହିଃପ୍ରକାଶିତ ଆକୃତିରେ ପରିଣତ କରିଥାଏ ବୋଲି ମୋର ବିଶ୍ୱାସ। ପ୍ରକାରାନ୍ତରେ କହିବାକୁ ଗଲେ, ଏପରି ଆକାଂକ୍ଷା ପୁଣି ସେଇ ଅପରିହାର୍ଯ୍ୟ ଅଙ୍ଗୀକାର, ଯାହା ସଂସ୍କୃତି ସହିତ ସ୍ତରେସ୍ତରେ ଯେପରି ରକ୍ତସଂପର୍କିତ କରିରଖିବାକୁ ଚାହେ ଅକ୍ଷରନିବଦ୍ଧ କୃତିପୁଂଜକୁ ବି !

ଆମର ଐତିହ୍ୟ, ପରଂପରା, ପର୍ଯ୍ୟାୟକ୍ରମିକ ମୂଲ୍ୟବୋଧ ଓ ବିବର୍ତ୍ତାୟମାନ ଭାଷିକ-ବ୍ୟକ୍ତିତ୍ୱ ଆମ ଏଇ ଅସମୟ-ଦୁଃସମୟମୟ ସମୟଖଣ୍ଡକୁ ଦମ୍ଭ ଦେଇଛି, ଦୃପ୍ତି ଦେଇଛି, ଦିଶା ଦେଇଛି, ଦୃକ୍ ଦେଇଛି ଆଉ ଦେଇଛି ବି ପୁଣି ଅବଧାରିତ ଅର୍ଥାନ୍ତରର ଅଭିମଂତ୍ରସିଦ୍ଧ ରକ୍, ଯାହା ଯୁଗପତ୍ ଅନୁପେକ୍ଷଣୀୟ ଓ ଅଙ୍ଗୀକରଣୀୟ।

ପ୍ରକୃତ ପକ୍ଷରେ କହିବାକୁ ଗଲେ ଶିଳ୍ପକଳାଠାରୁ ଆରମ୍ଭ କରି ସାରସ୍ୱତ ସର୍ଜନାଂଶ ପର୍ଯ୍ୟନ୍ତ ଅନେକାନେକ ଅଭିବ୍ୟକ୍ତିର ଅସଲ ଉତ୍ସ ତ ଏକପ୍ରକାର ଅନ୍ତହୀନ ଅତୃପ୍ତିର ଆବେଦକ ଅବଦାନ।

କାବ୍ୟକାରିତାର କ୍ରମ ଓ କୃତିର କ୍ରାନ୍ତିକଳନା କ୍ଷେତ୍ରରେ ସାଢ଼େ ପାଞ୍ଚଟି ଦଶକର ଅତିକ୍ରାନ୍ତି ମୋର। ଏହା ସତ୍ତ୍ୱେ ସମସ୍ତ ସର୍ଜନା, ଏହି ବିଚାରଧାରାରେ, ମୋ ନିଜ ପାଇଁ ମଧ୍ୟ ଅଶେଷାଶେଷ ଅତୃପ୍ତିର ଏକ ଏକ ଅପରିପୂର୍ଣ୍ଣ ଅବଶିଷ୍ଟାଂଶ ହିଁ ଯେପରି! ଏ କ୍ଷେତ୍ରରେ କାହାରିକୁ କେବେ ମିଳିପାରେ, - ନା ପରିତୃପ୍ତି ନା ପରିପୂର୍ତ୍ତି : ଏହି ପରୀପ୍ରେକ୍ଷିତରେ, ମୁଁ କାହିଁକି ଲେଖେ, ମୋ ପକ୍ଷରେ ଏକ ପ୍ରଶ୍ନ ଅପେକ୍ଷା ବରଂ ଅଧିକ ଭାବରେ ଏକ ପ୍ରତିଭାଷ - ନିଜ ସୃଷ୍ଟିଶୀଳତାର ସନ୍ଦିଗ୍ଧ ସ୍ୱଗତ ପ୍ରତି।

ଆପାତତଃ, ଏଇ ପଣପୂରଣର ପତିଆରୀ ପରିଣାମ ହେଉଛି କବିତାରୁ ମହାକବିତାମୁଖୀ ଏକ ଅଭିନିବେଶିତ ଅଭିଯାତ୍ରା।

ଯେଉଁ ହଜାରେ ବର୍ଷର ଅଭ୍ୟସ୍ତତା ଆମକୁ ଆମର ଗତବିଗତକାଳୀନ କାବ୍ୟଧାରାକୁ ଅଧୀତ କରାଇବାରେ ସହାୟତା ପ୍ରଦାନ କରିଆସିଛି, ଆଗକୁ ଆଉ ଶହେବର୍ଷର କବି-କବିତାର୍ଥୀକୁଳର ସୃଜନୀଧାରାକୁ ଅନୁଧ୍ୟାନ କଲାବେଳେ, ଏକ ଅବଶ୍ୟମ୍ଭାବୀ ସହାୟକ-ସୂତ୍ର ହିସାବରେ, ସେଇ ପୂର୍ବାନୁବୃତ୍ତ ଅଭ୍ୟସ୍ତତାଟି ମଧ୍ୟ କ'ଣ ବଜାୟ ରହିବା ବିଧେୟ ଏକ ବାଧ୍ୟତାମୂଳକ ବିଧିରକ୍ଷା ଭଳି? ଏହି ପ୍ରସଙ୍ଗରେ ଅତଏବ ଆପାତମୌନ ବା ଅର୍ଦ୍ଧନୀରବ ରହିବାକୁ ଚାହୁଁଛି ମୁଁ। ତଥାପି ଯଦି ପଚରାଯାଏ ଯେ, ମୁଁ କାହିଁକି ଲେଖେ, ତହୁଁ ସନ୍ଦିଗ୍ଧଭାବରେ କହିପାରେ : ଲେଖେ ଭବିଷ୍ୟତର ପ୍ରିୟପାଠକପାଠିକାଙ୍କ ପାଇଁ ସଂଭବତଃ !

ସମୁତ୍ତୀର୍ଣ୍ଣ ସମକାଳକୁ ବିଚାରି ନେଇଥାଏ, ମୋ ପକ୍ଷରେ ଯେପରି ଗୋଟିଏ ବିଦୀର୍ଣ୍ଣ ବିଷମକାଳ- ଯେହେତୁ ଏ ଅମଳର ପ୍ରଚଳମାନ କାବ୍ୟପଠନକୁ କେବଳ ଏକପ୍ରକାର ବହିଃରୂପାତ୍ମକ ବାକ୍ୟଗଠନର ବିକଳ୍ପ ଭାବରେ ଘେନା କରିବା ଦିଗରେ କାହିଁକି କେଜାଣି ଘୋର କୁଣ୍ଠା ମୋ ଭିତରେ ଏଯାବତ୍। ପ୍ରକାର ପ୍ରକାର ପଦଚର୍ଯ୍ୟାର ପ୍ରକାଣ୍ଡ ଦୁନିଆଦିରୁ ଆରମ୍ଭ କରି କ୍ରମେ ଲୋକଛନ୍ଦ, ଦାଣ୍ଡୀ, ନବାକ୍ଷରୀ, ରାଗ, ବୃତ୍ତାଦିରୁ ଛନ୍ଦଛଳଛଳ ଛତ୍ରପୁଞ୍ଜର ପାହାଡ଼ୀ ଝରଣା ଯାଏଁ ପ୍ରସାରିତ ଏକ ମହାନ୍ ଐତିହାସିକ କାବ୍ୟସଂସ୍କୃତିର ପାଦପୂରଣ ଯେ ପରିଶେଷରେ ଅପ୍ରାକୃତିକ ତଥା କୃତ୍ରିମ ଗଦ୍ୟର କାନ୍ତାରରେ, ଏଭଳି ଆସି ନେଇଯାଇପାରେ ନିଜସ୍ୱ ଗତିର ନିର୍ଘାତ୍ ମୋଡ଼ବୁଲାଣି - ଏ ବାବଦରେ ଏବ ସୁଦ୍ଧା ପୂର୍ଣ୍ଣସଂଶୟମୁକ୍ତ ନୁହେଁ ମୁଁ।

ସାରାଜୀବନର ସାରାଂଶକୁ ଭାବ-ସ୍ୱଭାବସିଦ୍ଧ ସ୍ୱଗତଭାଷୀ ସ୍ୱରଶବ୍ଦମୟ କରୁକରୁ କେବେ କେବେ ଅନୁଭବିଛି ଯେ ବଡ଼ ଉଭଟ ଭାବରେ ଉଚ୍ଛଳ ମୁଁ, ଉଷ୍ଣମ୍ ଉପକବିତା ସବୁରେ ମୋର। ମୁଁ କାହିଁକି ଲେଖେ ପ୍ରଶ୍ନଟିର ଉତ୍ତର ତା'ହେଲେ କଅଣ ଏଇ ଉତ୍ସରିତ ଉଚ୍ଛଳତା ?

କେବେ ଏମିତି ଉତ୍ତର ଖୋଜିବାର ଅବକାଶଟିଏ ମୋତେ ଦେଇପାରିନି ମୋ ସୃଜନୀକ୍ରିୟାର ନାନା ମଧ୍ୟାନ୍ତର ସୁଦ୍ଧା। କିଛି କିଛି ଉଦାସ ବର୍ଷ ତ ମୋ ସକାଶେ ପାଲଟିଯାଇଛି ନିରଳଂକୃତ ନୀରବତାର ନାମାନ୍ତରମାତ୍ର ! ଏହାପରେ ୨୦୦୩ରୁ ୨୦୨୦ - ଏଇ ୧୮ ବର୍ଷର ଅବଶିଷ୍ଟ କୃତି-ପ୍ରକାଶନର କାଳଖଣ୍ଡଟି ହେଉଛି : ସ୍ୱରଚିତ ସର୍ଜନାତ୍ମକ ପୁନରଭ୍ୟୁଦୟର ଏକ ବିଳମ୍ବିତ ବିଶେଷକ୍ରମ ମୋ ପକ୍ଷରେ। ଇତିମଧ୍ୟରେ ପ୍ରକାଶ ପାଇଛି 'ନୀଳନିର୍ବାଣ' ଓ 'ଭାରତବର୍ଷ' ଠାରୁ 'ପାଦପୂରଣ' ପର୍ଯ୍ୟନ୍ତ ନାନା କୃତି, କିନ୍ତୁ ନମୁନା-ପରଖ ବିଚାରରୁ ନିଜନିଜଠୁ ନିଆରା ବେଶ୍ ସେସବୁ - ଅର୍ଥାତ୍ ପରସ୍ପରଠାରୁ ପୃଥକ୍ ପୃଷ୍ଠାର ପୃଥିବୀ ପ୍ରାୟେକ ପ୍ରତୀତ ପ୍ରତ୍ୟେକେ ! ନିଜସ୍ୱ ଅବିଚ୍ଛିନ୍ନ ଏକକତାକୁ ଏଇଭଳି ଭିନ୍ନ ଭିନ୍ନ ବହୁକତା ରୂପେ ଭୋଗିବାକୁ ମୁଁ କଅଣ ତା'ହେଲେ ଭେଦି ଆସିଛି ଶବ୍ଦ ସଂସ୍କୃତିର ସେଇସବୁ ଶ୍ରମଣୀୟ ବର୍ଷାବାସ ନା ସାଧିଆସିଛି ସତରେ କ୍ରମକ୍ରମାନ୍ତରୀ କାବ୍ୟକାରିତାର କୃଚ୍ଛ୍ରକାୟାକଳ୍ପ ?

ନା, ନଜାଣେ କାହିଁକି ଲେଖେ ମୁଁ, ଏତେସବୁ ସତ୍ତ୍ୱେ। ■

କଟକ

## ପୁସ୍ତକ ପରିଚୟ

### ମୁହୂର୍ତ୍ତ

ସୁଚରିତା ବେହେରା





ବ୍ଲାକ୍ ଇଗଲ୍ ବୁକ୍ସ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ : ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ଘଟଣା ବହୁଳ ଜୀବନର ବାସ୍ତବ ଚିତ୍ର ପ୍ରସ୍ଫୁଟିତ ହୋଇଉଠିଛି ଗାଳ୍ପିକା ସୁଚରିତା ବେହେରାଙ୍କ 'ମୁହୂର୍ତ୍ତ' ପୁସ୍ତକର ଗପଗୁଡ଼ିକରେ। ଏହି ପୁସ୍ତକରେ ସଂକଳିତ 'ଗ୍ଲାନି', 'ସଂପର୍କ', 'ଆଲୋକର ରଙ୍ଗ', 'ଲୋଭ', 'ମୁକ୍ତି', 'ମୁଖା', 'ବିଦଗ୍ଧ ଯନ୍ତ୍ରଣା', 'କୋହ', 'ଅପ୍ରତ୍ୟାଶିତ', 'ବିଶ୍ୱାସଘାତକତା', 'ଅବ୍ୟକ୍ତ ବେଦନା', 'ବେଲୁନବାଲା', 'କାଳୀ ଝିଅ', 'ଭୋକ', 'ଅଭିଶପ୍ତ', 'ନିରବ ପ୍ରେମ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। 'ମୁକ୍ତି' ଗପରେ ଜଣେ ନାରୀର ସଂଘର୍ଷମୟ ଜୀବନ ଚିତ୍ର ପ୍ରସ୍ଫୁଟିତ ହୋଇଉଠିଛି। ଯିଏ ସ୍ୱାମୀର ନିର୍ଯାତନା ଅପେକ୍ଷା ସ୍ୱାବଲମ୍ବୀଭାବେ ଆନନ୍ଦମୟ ଜୀବନ ବଞ୍ଚିବାକୁ ଶ୍ରେୟସ୍କର ମଣିଛି। ସେହିପରି 'ମୁଖା' ଏକ ସାମାଜିକ ବାସ୍ତବଧର୍ମୀ ଗପ। ଅନେକ ମଣିଷଙ୍କ ବାହାରେ ଗୋଟିଏ ରୂପ ଓ ଭିତରେ ଅନ୍ୟ ଏକ ରୂପ ଥାଏ। ଏଭଳି ଚରିତ୍ରକୁ ଗାଳ୍ପିକା ନିଜ ଗଳ୍ପରେ ଚିତ୍ରିତ କରି ଏକ ସାମାଜିକ ବାର୍ତ୍ତା ପ୍ରଦାନ କରିଛନ୍ତି। ସୁଚରିତାଙ୍କ ଗଳ୍ପଗୁଡ଼ିକ ସଂକ୍ଷିପ୍ତ, ଅଥଚ ଗଭୀର ଆବେଦନଧର୍ମୀ। ଅନେକ ଗପରେ ସାମାଜିକ ବାସ୍ତବତା, ମାନବୀୟ ଭାବାବେଗ, ମଣିଷର ସୁଖ, ଦୁଃଖ, କୋହ, ଲୁହ ଓ ଯନ୍ତ୍ରଣାର ଚିତ୍ର ପ୍ରତିଫଳିତ ହୋଇଛି। 'ମୁହୂର୍ତ୍ତ'ର ଗଳ୍ପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ଜୀବନର ପରିଭାଷା

ଚନ୍ଦ୍ରଶେଖର ରାଉତ





ଏମ୍.ଆର୍. ଏଣ୍ଟରପ୍ରାଇଜେସ୍
ଏମ୍. ଆର୍. ପ୍ରେସ୍
ବରଗଡ଼
ପ୍ରଥମ ସଂସ୍କରଣ : ୨୦୨୬
ମୂଲ୍ୟ: ୧୪୦ ଟଙ୍କା

କବି କେବେ ସ୍ୱପ୍ନ ଦେଖନ୍ତି ଫୁଲଟିଏ ହୋଇ ଫୁଟିବା ପାଇଁ, ପୁଣି କେବେ ପକ୍ଷୀଟିଏ ହୋଇ ଖୋଲା ଆକାଶରେ ଉଡ଼ିବୁଲିବାକୁ। ଏଭଳି କିଛି ସ୍ୱପ୍ନ, ଅନୁଭବ ଓ ଅନୁଭୂତି ପ୍ରକାଶ ପାଇଛି କବି ଚନ୍ଦ୍ରଶେଖର ରାଉତଙ୍କ 'ଜୀବନର ପରିଭାଷା' ପୁସ୍ତକର କବିତାଗୁଡ଼ିକରେ। ଏହି ପୁସ୍ତକରେ ସଂକଳିତ 'ଠିକଣା ଖୋଜୁଛି ମଳୟ', 'ଅପେକ୍ଷା', 'ବର୍ଷା', 'ମୌସୁମୀର ଚିଠି', 'ମୋକ୍ଷ', 'ମାଟିର କବି', 'ପ୍ରେମ', 'ମୋ ବିନା ତମେ', 'ଜୀବନର ପରିଭାଷା', 'ଅନ୍ୟ ଏକ ପୃଥିବୀ', 'ଆକାଶ', 'ଅବ୍ୟକ୍ତ' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଏହି ପୁସ୍ତକର କବିତାଗୁଡ଼ିକରେ ପ୍ରକୃତି ପ୍ରୀତି, ମାନବୀୟ ପ୍ରେମ, ସାମାଜିକ ବାସ୍ତବତା, ଜୀବନର ଛଳ ଛଳ ଭାବ ଓ ଅନୁଭବ ଅତ୍ୟନ୍ତ ସରଳ ଓ ବୋଧଗମ୍ୟ ଭାଷାରେ ପ୍ରତିଫଳିତ ହୋଇଛି। କବି କେତେବେଳେ କଲମ ମୁନରେ ଜୀବନ ଓ ଜଗତର ବାସ୍ତବ ଚିତ୍ର ଅଙ୍କନ କରନ୍ତି କବିତା ମାଧ୍ୟମରେ, ପୁଣି କେତେବେଳେ ଚିତ୍ରଶିଳ୍ପୀଭାବେ ରଙ୍ଗ ଓ ତୂଳୀରେ ଅପରୂପ ପ୍ରକୃତିର ସୌନ୍ଦର୍ଯ୍ୟକୁ ପରିପ୍ରକାଶ କରନ୍ତି ଚିତ୍ର ମାଧ୍ୟମରେ। ଏହି କବିତା ପୁସ୍ତକର ଶେଷରେ କବି ତଥା ଚିତ୍ରଶିଳ୍ପୀ ଚନ୍ଦ୍ରଶେଖରଙ୍କ ଅନେକ ଆକର୍ଷଣୀୟ ଚିତ୍ର ସ୍ଥାନ ପାଇଛି। 'ଜୀବନର ପରିଭାଷା' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ଶରତଚନ୍ଦ୍ରଙ୍କ ପରିଣୀତା

ଅନୁବାଦ: ବିପ୍ଳବ ଚୌଧୁରୀ




ସାଇ ଯମୁନା ପବ୍ଲିକେଶନ୍ସ
ଝାଞ୍ଜିରୀ ମଙ୍ଗଳା, କଟକ- ୯
ପ୍ରଥମ ସଂସ୍କରଣ : ୨୦୨୬
ମୂଲ୍ୟ: ୧୬୦ ଟଙ୍କା

ବିଶିଷ୍ଟ ଔପନ୍ୟାସିକ ଶରତଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ 'ପରିଣୀତା' ଏକ ବହୁ ପାଠକାଦୃତ ଉପନ୍ୟାସ। ବଙ୍ଗଳା ଭାଷାର ଏହି କ୍ଲାସିକ୍ ଉପନ୍ୟାସକୁ ଓଡ଼ିଆରେ ବିପ୍ଳବ ଚୌଧୁରୀ ଅନୁବାଦ କରିଛନ୍ତି। ବିଂଶ ଶତାବ୍ଦୀ ପ୍ରାରମ୍ଭର କୋଲକାତାର ବାସ୍ତବ ଚିତ୍ର ଏହି ଉପନ୍ୟାସରେ ଚିତ୍ରିତ ହୋଇଛି। ଭାରତୀୟ ସମାଜର ପ୍ରେମ, ପ୍ରଣୟ ଓ ମାନବୀୟ ମଧୁର ସଂପର୍କ ବେଶ୍ ପ୍ରଭାବଶାଳୀ ଭାବେ ପ୍ରସ୍ଫୁଟିତ ହୋଇଛି ଏହି ଉପନ୍ୟାସରେ। କୋଲକାତାର ଜଣେ ଅନାଥ ଗରିବ ଝିଅ ଲଳିତା ଓ ଧନୀ ଶେଖରଙ୍କ ପ୍ରେମ ସଂପର୍କ ଉପରେ ଏହା ଆଧାରିତ। ପ୍ରେମ, ସାମାଜିକ ଶ୍ରେଣୀ ପାର୍ଥକ୍ୟ, ସାମାଜିକ ଦ୍ୱନ୍ଦ୍ୱ, ନାରୀର ଦୁର୍ଦ୍ଦଶା 'ପରିଣୀତା'ର କାହାଣୀକୁ ଅଧିକ ରୋମାଞ୍ଚକର କରିଛି। କେବଳ ପ୍ରେମ କାହାଣୀ ନୁହେଁ, ବଙ୍ଗୀୟ ସାମାଜିକ, ସାଂସ୍କୃତିକ ବୈଭବ ମଧ୍ୟ ଫୁଟି ଉଠିଛି ଏହି ଉପନ୍ୟାସରେ। ରୋମାଞ୍ଚକର କାହାଣୀ, ନିଆରା ରଚନା ଶୈଳୀ, ସରଳ ଭାଷା ପ୍ରୟୋଗ ଯୋଗୁଁ ଉପନ୍ୟାସଟି ମନଛୁଆଁ ହୋଇଛି। 'ପରିଣୀତା'ର କାହାଣୀ ନିଶ୍ଚୟ ପାଠକମାନଙ୍କୁ ଭଲ ଲାଗିବ। ■





### ଅପରାଧୀଙ୍କୁ ଢାଲ କରୁଛନ୍ତି ରେପୋ ସଂସ୍ଥା

# ରିକଭରୀ ଆଳରେ ଦାଦାଗିରି

ଭୁବନେଶ୍ୱର, ୪।୪(ସମିସ): ରାଜଧାନୀରେ ରେପୋ (ରିକଭରୀ) ଏଜେଣ୍ଟଙ୍କ ଦାଦାଗିରି ବଢ଼ିବାରେ ଲାଗିଛି। କିସ୍ତି ଖିଲାପ କରିଥିଲେ, ରାସ୍ତାରୁ ହଉ ଅବା ଘରୁ ଗାଡ଼ି ଉଠାଇ ନେଉଛନ୍ତି। ଗାଡ଼ି ଛଡ଼ାଇ ନେବାକୁ ବିଭିନ୍ନ କୋର୍ଟ ବାରମ୍ବାର ବାରଣ କରୁଥିଲେ ମଧ୍ୟ ତାକୁ ଖାତିର କରୁନାହାନ୍ତି ରେପୋ ଏଜେଣ୍ଟ। ଏମିତିକି ଆପଣ କିସ୍ତି ଦେଇ ସାରିଥିଲେ ମଧ୍ୟ ସେମାନେ ଜୋରଜବରଦସ୍ତ ଗାଡ଼ି ଛଡ଼ାଇ ନେଉଛନ୍ତି। ଖାଲି ଗାଡ଼ି ନୁହେଁ; ବିନା ନୋଟିସରେ କୋଠା ସିଲ୍ ବା ଦଖଲ ନେବାକୁ ମଧ୍ୟ ପଛାଉନାହାନ୍ତି। ଗାଡ଼ି କିମ୍ବା ଯେ କୌଣସି ସମ୍ପତ୍ତି ସିଲ୍ କରିବା ପୂର୍ବରୁ ସ୍ଥାନୀୟ ଥାନାକୁ ଖବର ଦେବାକୁ ନିୟମ ରହିଥିଲେ ମଧ୍ୟ ସଂସ୍ଥା ଗୁଡ଼ିକ ତାହା ମାନୁନାହାନ୍ତି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ରିକଭରୀ ସଂସ୍ଥାମାନେ ଅପରାଧୀ ମାନଙ୍କୁ ଢାଲ କରି ଏଭଳି ଜୁଲମ ଚଳାଇଛନ୍ତି। ଗାଡ଼ି ଜବତ କରିବାକୁ ନେଇ ରେପୋ ଏଜେଣ୍ଟମାନେ ବିଶୃଙ୍ଖଳା ସୃଷ୍ଟି କରିବାର ନଜିର ରହିଥିବା ବେଳେ ହତ୍ୟା କରିବାକୁ ମଧ୍ୟ ପଛାଇ ନାହାନ୍ତି।



■ ପୂର୍ବରୁ ଗାଡ଼ି ଜବତକୁ ନେଇ ଗଡ଼ିଛି ମୁଣ୍ଡ
■ ପୁଲିସ ପାଖରେ ରହୁନି ସଂସ୍ଥାର ତଥ୍ୟ

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ କଲେଜ ଋଣ ଆଣି ପରିଶୋଧ କରିନଥିଲା। ନିକଟରେ ଏକ ରିକଭରୀ ସଂସ୍ଥା (ରେପୋ) କର୍ମଚାରୀମାନେ ବେଆଇନ ଭାବେ ସମ୍ପୃକ୍ତ କଲେଜ କୋଠାକୁ ସିଲ୍ କରିବାକୁ ଯାଇଥିଲେ। ଏମିତିକି କୋଠା ସିଲ୍ ନେଇ ସ୍ଥାନୀୟ ପୁଲିସକୁ ଖବର ଦେଇନଥିଲେ। କଲେଜ ପକ୍ଷରୁ ଏନେଇ ଏତଲା ଦିଆଯିବା ପରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ରିକଭରୀ ସଂସ୍ଥାର ୮ ଜଣଙ୍କୁ ଗିରଫ କରିଥିଲା। ସେହିପରି ଗତବର୍ଷ ଡିସେମ୍ବର ମାସରେ ଜଣେ ରେପୋ ଏଜେଣ୍ଟ ବ୍ୟାଙ୍କ କର୍ମଚାରୀ ପରିଚୟ ଦେଇ କିସ୍ତି ଖିଲାପ କରିଥିବା ମୟୁରଭଞ୍ଜର ଜଣେ ଡାକ୍ତରଙ୍କ ଗାଡ଼ିକୁ ଜବତ କରିଥିଲା। ଡାକ୍ତର ଜଣକ କିସ୍ତି ଟଙ୍କା ଦେବାପରେ ମଧ୍ୟ ଗାଡ଼ି ଛାଡ଼ିବାକୁ ଆହୁରି ୩୦ ହଜାର ଟଙ୍କା ଦାବି କରିଥିଲା। ଡାକ୍ତରଙ୍କ ଡ୍ରାଇଭର ଏନେଇ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏଜେଣ୍ଟଙ୍କୁ ଗିରଫ କରିଥିଲା। ତେବେ ଇଏ କେବଳ ଦୁଇଟି ଘଟଣା ନୁହଁ, ଗାଡ଼ି ରିକଭରୀକୁ ନେଇ ପୂର୍ବରୁ ହତ୍ୟା ମଧ୍ୟ ହୋଇଛି। ୨୦୨୧ ଅଗଷ୍ଟ ମାସରେ ଡେଲିଭରୀ ବୟ ସୁପ୍ରଭାସ ମାନ୍ଧାତା ବାଇକ୍ ଉପରେ ବସିଥିବା ବେଳେ ରେପୋ ଏଜେଣ୍ଟମାନେ କିସ୍ତି ଟଙ୍କା ବାକି ଅଛି କହି ଗାଡ଼ି ଚାବି ଛଡାଇ ନେଇଥିଲେ। ଗାଡ଼ିଟି ୯ ବର୍ଷ ପୁରୁଣା ଗାଡ଼ି ହୋଇଥିବାରୁ କୌଣସି କିସ୍ତି ବାକି ନଥିବା ସୁପ୍ରଭାସ କହିଥିଲେ। ହେଲେ ମଧ୍ୟ ସେମାନେ କିଛି ନଶୁଣି ସୁପ୍ରଭାସଙ୍କୁ ହଠାତ୍ ମାଡ଼ ମାରିଥିଲେ। ପାଟିତୁଣ୍ଡ ଶୁଣି ଫୋନ ଯୋଗେ ଲାଇନ ରେ ଥିବା ବଡ଼ଭାଇ ସୌମ୍ୟରଞ୍ଜନ ମାନ୍ଧାତା ଘଟଣାସ୍ଥଳରେ ପହଞ୍ଚିବା ପରେ ଏଜେଣ୍ଟମାନେ ତାଙ୍କ ଅନ୍ୟମାନଙ୍କୁ ଡକାଇ ଦେଇଥିଲେ। ରେପୋ ଏଜେଣ୍ଟ ଓ ସହଯୋଗୀମାନେ ଦୁଇ ଭାଇଙ୍କୁ ଖଣ୍ଡା ଭୁଜାଲିରେ ଆକ୍ରମଣ କରିଥିଲେ। ସୁପ୍ରଭାସ ଆହତ ହୋଇଥିବା ବେଳେ ଗୁରୁତର ସୌମ୍ୟରଞ୍ଜନ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ।

ଲୋକମାନେ ଋଣରେ ଗାଡ଼ି କିଣିଥିବା ବେଳେ କିସ୍ତି ଅର୍ଥ ଦେବାରେ ଖିଲାପ କରୁଛନ୍ତି। କେତୋଟି ନିର୍ଦ୍ଦିଷ୍ଟ କିସ୍ତି ନଦେବା ପରେ ଋଣ ଦେଇଥିବା ସଂସ୍ଥା ଖିଲାପ ତାଲିକା କରି ରିକଭରୀ ସଂସ୍ଥାକୁ ଦେଉଛନ୍ତି। ଗାଡ଼ି ଜବତ କରିବାକୁ ରିକଭରୀ ସଂସ୍ଥାମାନେ ଅଭ୍ୟାସଗତ ଅପରାଧୀ ଓ ଜେଲ୍ ଫେରନ୍ତାଙ୍କୁ ଏଜେଣ୍ଟ ଭାବେ ନିୟୋଜିତ କରୁଛନ୍ତି। ସମ୍ପୃକ୍ତ ଏଜେଣ୍ଟମାନେ ରାସ୍ତା କଡ଼ରେ ତାଲିକା ଧରି ବସି ରହି ନମ୍ବରକୁ ନଜର କରୁଛନ୍ତି। ଗାଡ଼ି ଅତିକ୍ରମ କରିବା ମାତ୍ରେ ଗୋଡ଼ାଇ ଗୋଡ଼ାଇ ଗାଡ଼ି ଚାଳକଙ୍କୁ ଅଟକାଇ ଦେଉଛନ୍ତି। ସଙ୍ଘବଦ୍ଧ ଭାବେ ଚାଳକଙ୍କୁ ଘେରିଯାଇ ଗାଡ଼ି ଛଡ଼ାଇ ନେଉଛନ୍ତି। କୌଣସି ଜରୁରୀ କାମରେ ଯାଉଥିଲେ ମଧ୍ୟ ଏଜେଣ୍ଟମାନେ ଜୋରଜବରଦସ୍ତ ଗାଡ଼ି ଛଡ଼ାଇ ନେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗାଡ଼ି ଏଜେଣ୍ଟ ଭାବେ କାମ କରୁଥିବା ୯୦ ପ୍ରତିଶତ ଲୋକ ରିକଭରୀ ସଂସ୍ଥାର କର୍ମଚାରୀ ନୁହନ୍ତି। ସହଜରେ କାମ ହାସଲ କରିବା ସହ ଖର୍ଚ୍ଚାନ୍ତରୁ ବର୍ତ୍ତିବା ପାଇଁ ସଂସ୍ଥାମାନେ ଅପରାଧୀ ବା ଏଜେଣ୍ଟମାନଙ୍କୁ ଦରମା ଦେବା ବଦଳରେ କମିସନ ହିସାବରେ ନିଯୁକ୍ତି ଦେଉଥିବା ବେଳେ ଲୋକମାନେ ଜୁଲମର ଶିକାର ହେଉଛନ୍ତି।

କିସ୍ତି ନଦେବାରୁ ଗାଡ଼ି ଗୁଡ଼ିକ ଖିଲାପ ତାଲିକାଭୁକ୍ତ ହୋଇ ରେପୋ ସଂସ୍ଥା ପାଖକୁ ପଳାଉଛି। ଫଳରେ ସେମାନେ ଗାଡ଼ି ଜବତ କରିବାକୁ ଉଦ୍ୟମ କରୁଛନ୍ତି। ସେହି ସମୟ ମଧ୍ୟରେ ଗାଡ଼ି ମାଲିକ କିସ୍ତି ପୈଠ କରି ଦେଉଛନ୍ତି। ତଥାପି ଖିଲାପ ତାଲିକାରୁ ଗାଡ଼ି ହଟୁନି। ଫଳରେ ଅନେକ ଲୋକମାନେ ଟଙ୍କା ଦେଇ ସାରିବା ପରେ ମଧ୍ୟ ଏଜେଣ୍ଟମାନେ ତାଙ୍କ ଗାଡ଼ିକୁ ଜବତ କରି ନେଉଛନ୍ତି। ଋଣ ଦେଇଥିବା ବ୍ୟାଙ୍କ ଓ ରେପୋ ସଂସ୍ଥା ମଧ୍ୟରେ ସମନ୍ୱୟ ଅଭାବରୁ ଲୋକମାନେ ସେମାନଙ୍କ ଶୋଷଣର ଶିକାର ହେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗତ କିଛିବର୍ଷ ମଧ୍ୟରେ ରାଜଧାନୀରେ ରେପୋ ସଂସ୍ଥାର ସଂଖ୍ୟା ଢେର୍ ବଢ଼ିଛି। ସଂସ୍ଥା ଗୁଡ଼ିକ ଯେ କୌଣସି ସ୍ଥାନରୁ ଜୋରଜବରଦସ୍ତି ଗାଡ଼ି ଉଠାଇ ନେଉଛନ୍ତି। ହେଲେ ଏହି ସଂସ୍ଥା କେତୋଟି ରହିଛି, ତା ତଥ୍ୟ ମଧ୍ୟ ପୁଲିସ ପାଖରେ ନାହିଁ।

# ବିବାହ ଆଳରେ ଦୁଷ୍କର୍ମ

**ଗର୍ଭବତୀ ହେବାପରେ ଛାଡ଼ି ପଳାଇଲା ପ୍ରେମିକ**




ଭୁବନେଶ୍ୱର, ୪।୪ (ସମିସ): ରାଜଧାନୀରେ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ବିବାହ କରିବା ଆଳରେ ଯୁବତୀଙ୍କୁ ଦୁଷ୍କର୍ମ କରିଛି ପ୍ରେମିକ। ପ୍ରେମିକା ଗର୍ଭବତୀ ହୋଇଯିବାରୁ ଏକା ଛାଡ଼ି ଚାଲିଯାଇଛି। ଶିଖରଚଣ୍ଡୀ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ପ୍ରେମିକକୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶିଖରଚଣ୍ଡୀ ନଗରରେ ରହୁଥିବା କ୍ଷୀରୋଦ କୁମାର ଜେନା ଓରଫ୍ ସୁମନ (୨୯)।

ପୁଲିସ ସୂଚନାନୁଯାୟୀ, କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ୨୯ ବର୍ଷୀୟା ଯୁବତୀ ରାଜଧାନୀରେ ରୁହନ୍ତି। ପ୍ରାୟ ୪ ବର୍ଷ ପୂର୍ବେ କ୍ଷୀରୋଦ ସହିତ ତାଙ୍କର ପରିଚୟ ହେବା ସହ ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କ୍ଷୀରୋଦ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେବାପରେ ଉଭୟ ଅନେକ ସମୟରେ ଏକାଠି ରହୁଥିଲେ। ଏହାରି ଭିତରେ କ୍ଷୀରୋଦ ତାଙ୍କୁ ବିବାହ ଆଳରେ ଜୋରଜବରଦସ୍ତି ଦୁଷ୍କର୍ମ କରିଥିଲା। ଏକାଧିକ ଥର ଶାରୀରିକ ସମ୍ପର୍କ ରଖି ଆସୁଥିଲା। ନିକଟ ଅତୀତରେ ଯୁବତୀ ଜଣକ ଗର୍ଭବତୀ ହୋଇଥିବା ଜାଣିବା ପରେ କ୍ଷୀରୋଦକୁ ଜଣାଇଥିଲେ। କ୍ଷୀରୋଦ ମଧ୍ୟ ବିବାହ କରିବା କଥାକୁ ପୁଣିଥରେ ଦୋହରାଇଥିଲା।

ଯୁବତୀ ବାରମ୍ବାର ଦାବି କରିବାରୁ ଗତ ଫେବୃଆରୀ ମାସରେ କ୍ଷୀରୋଦ ପରିବାର ଲୋକଙ୍କୁ ଜଣାଇ ବିବାହ କରିବ ବୋଲି କହିଥିଲା। ଏହାପରେ ଯୁବତୀଙ୍କୁ ସାଙ୍ଗରେ ଧରି ନିଜ ଘରକୁ ଯାଇଥିଲା। ଘର ପାଖରେ ଥିବା ଏକ ଦୋକାନରେ ଯୁବତୀଙ୍କୁ ଛିଡ଼ା କରି ଘରୁ ଆସୁଛି ବୋଲି କହି ଯାଇଥିଲା। ଯୁବତୀ ଜଣକ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥିଲେ ମଧ୍ୟ କ୍ଷୀରୋଦ ଆଉ ଫେରିନଥିଲା। ଏମିତିକି ମୋବାଇଲ ଫୋନ ମଧ୍ୟ ଅଫ୍ କରି ଦେଇଥିଲା। ଏହାପରେ ଯୁବତୀ ଜଣକ କ୍ଷୀରୋଦ ଘରକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ। ହେଲେ ପରିବାର ଲୋକେ ମଧ୍ୟ କଥାକୁ ଏଡ଼ାଇ ଯାଇଥିଲେ। ଏନେଇ ଯୁବତୀ ଜଣକ ଇନଫୋସିଟି ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଶନିବାର କ୍ଷୀରୋଦକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ରୋମାନିଆରେ ଓଡ଼ିଶାର ସାନ୍ତାଳି ନୃତ୍ୟ

ଭୁବନେଶ୍ୱର, ୪।୪(ସମିସ): କିସ୍‌ର ଦଶ ଜଣ ଛାତ୍ରଛାତ୍ରୀ ଏକ ଅନ୍ତର୍ଜାତୀୟ ସାଂସ୍କୃତିକ ମହୋତ୍ସବରେ ଅଂଶଗ୍ରହଣ କରିବା ପାଇଁ ରୋମାନିଆ ଗସ୍ତରେ ଅଛନ୍ତି। ସେଠାରେ ସେମାନେ ଓଡ଼ିଶାର ଆଦିବାସୀ ଭାଷାରେ ସେକ୍ସପିଅରଙ୍କ ନାଟକ ପରିବେଷଣ କରିବେ। ଏହି କାର୍ଯ୍ୟକ୍ରମରେ ୩୦ଟି ଦେଶର ପ୍ରାୟ ୧୫୦ରୁ ଅଧିକ




ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ପ୍ରଦର୍ଶନକୁ ପ୍ରଶଂସା କରାଯାଇଛି। ଛାତ୍ରଛାତ୍ରୀମାନେ ରୋମାନିଆର କ୍ରାୟୋଭା ବିଶ୍ୱବିଦ୍ୟାଳୟରେ ପହଞ୍ଚିବା ପରେ ଭାରତର ରାଷ୍ଟ୍ରଦୂତ ଡ. ମନୋଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କ୍ରାୟୋଭା ବିଶ୍ୱବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାବ୍ୟତୀତ ସେଠାରେ ଆଦିବାସୀ ସାନ୍ତାଳି ନୃତ୍ୟ ପ୍ରଦର୍ଶନ ସହ ସାଂସ୍କୃତିକ ବିନିମୟ କରିଥିଲେ। ଏରାସମସ୍ ଷ୍ଟୁଡେଣ୍ଟ ମୋବିଲିଟି କାର୍ଯ୍ୟକ୍ରମ ସହାୟତାରେ କିସ୍‌ର ଛାତ୍ରଛାତ୍ରୀମାନେ ଏହି ଦୁଇ ମାସିଆ ଶୈକ୍ଷିକ ଓ ସାଂସ୍କୃତିକ ଇଣ୍ଟର୍ନସିପ୍‌ରେ ଅଂଶଗ୍ରହଣ କରିଛନ୍ତି। କିସ୍ ଛାତ୍ରଛାତ୍ରୀଙ୍କ ସହ କିଟ୍ ୧୦ ଜଣ ଛାତ୍ରଛାତ୍ରୀ ମଧ୍ୟ ଏହି ଗସ୍ତରେ ଅଛନ୍ତି। ସେଠାରେ ସେମାନେ ୨ ମାସ କାଳ ରହି ଓଡ଼ିଶାର ଜନଜାତି ଭାଷାରେ ପ୍ରଖ୍ୟାତ ନାଟ୍ୟକାର ସେକ୍ସପିଅରଙ୍କ ନାଟକ ପରିବେଷଣ କରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଉଭୟ କିଟ୍ ଓ କିସ୍‌ର ଛାତ୍ରଛାତ୍ରୀମାନେ ଏକାଠି ରୋମିଓ-ଜୁଲିଏଟ୍, ମ୍ୟାକବେଥ୍-ହାମଲେଟ୍ ଉପରେ ସେକ୍ସପିୟରଙ୍କ ଲିଖିତ ସାନ୍ତାଳୀ ଭାଷାରେ ଅଭିନୟ କରିବେ। ଏହାସହ ଛାତ୍ରଛାତ୍ରୀମାନେ ରୋମାନିଆନ୍ ସଂସ୍କୃତି ଓ ଭାଷା ଉପରେ ପାଠ୍ୟକ୍ରମ ପାଇଁ ଏକ ପ୍ରମାଣପତ୍ର ପାଇବେ। ଏଥିରେ ଖୁସିବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, କିସ୍ ଛାତ୍ରଛାତ୍ରୀମାନେ ପୂର୍ବରୁ କ୍ରୀଡ଼ା ଓ ଶିକ୍ଷା ଆଦି କ୍ଷେତ୍ରରେ ଦେଶ ବିଦେଶ ଯାଇ ସୁନାମ ଆଣୁଥିଲେ। ଏବେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଅନ୍ତର୍ଜାତୀୟସ୍ତରରେ ସୁନାମ ଆଣିବେ। ଏହା ସମସ୍ତଙ୍କ ପାଇଁ ଖୁସିର ବିଷୟ।

# ଗାଡ଼ି ଚୋରି ରାକେଟ୍ ଠାବ: ୬ ଗିରଫ; ୭ ଗାଡ଼ି ଜବତ



ବାରଙ୍ଗ, ୪।୪(ସମିସ): ବାରଙ୍ଗ ଥାନା ପୁଲିସକୁ ମିଳିଛି ବଡ଼ ସଫଳତା। ଏକ ଗାଡ଼ି ଚୋର ରାକେଟକୁ ଠାବ କରି ୬ ଜଣ ଚୋରକୁ ଗିରଫ କରିଛି। ସେମାନଙ୍କଠାରୁ ଏକ ନମ୍ବର ବିହୀନ ବାଇକ୍ ସହ ୭ଟି ଗାଡ଼ି ଜବତ କରାଯାଇଛି। ଏହାସହ ୧୬ଟି ମୋବାଇଲ ଫୋନ, ୬ ସୋଲାର ପ୍ୟାନେଲ, ଓଜନ ମେସିନ, ବ୍ୟାଟେରି, ତାର ବଣ୍ଡଲ, କଟର ମେସିନ ଆଦି ଜବତ କରିଛି ବାରଙ୍ଗ ଥାନା ପୁଲିସ। ଅଭିଯୁକ୍ତମାନେ ହେଲେ ବାଙ୍କୀ ଥାନା ଅଧୀନସ୍ଥ କୁଅମଡ଼ା ଗ୍ରାମର ରାକେଶ ଭୋଇ (୨୧), ସନାତନ ଭୋଇ (୨୦), ବିନୋଦ ଭୋଇ(୨୭) ଓ ଇରାନ ଭୋଇ(୧୯), ବାଙ୍କୀ ଥାନା ଅଧୀନସ୍ଥ ଭାଗିପୁରର ପ୍ରଫୁଲ୍ଲ ଭୋଇ(୩୮), ଢେଙ୍କାନାଳ ଗୁରୁଡ଼ିଆର ବିଭୂତି ସାହୁ(୪୫)।

ପୁଲିସ ସୂଚନା ଅନୁସାରେ, କଟକ ଅଞ୍ଚଳର ବ୍ରହ୍ମାନନ୍ଦ ପରିଡ଼ା ବାରଙ୍ଗ ଥାନା ଗୋଡିସାହି ଫାଣ୍ଡି ଅଧୀନରେ ଥିବା ଗୋବିନ୍ଦପୁରରେ ତାଙ୍କ ନୂତନ ଘରର ନିର୍ମାଣ କାର୍ଯ୍ୟ ତଦାରଖ କରୁଥିବା ସମୟରେ ଗତ ୨ ତାରିଖ ରାତି ପ୍ରାୟ ୨ଟା ସମୟରେ ଦୁଇଜଣ ବାଇକ ଚାଳକ ସେଠାରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ତାଙ୍କ କ୍ୟାମ୍ପସ ବାହାରେ ଅପେକ୍ଷା କରିଥିଲେ। ଅନ୍ୟ ଜଣେ ତାଙ୍କ କଳା ରଙ୍ଗର ଟିଭିଏସ୍ ଜୁପିଟର ଗାଡିର ତାଲା ଭାଙ୍ଗି ଚୋରି କରି ପଳାଇ ଯାଇଥିଲେ। ଏନେଇ ବ୍ରହ୍ମାନନ୍ଦ ଗୋଡିସାହି ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଥାନାଧିକାରୀ ଦେବେନ୍ଦ୍ର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଏହି ରାକେଟକୁ ଧରିବାକୁ ବ୍ଲୁ ପ୍ରିଣ୍ଟ ତିଆରି କରିଥିଲେ। ବିଶେଷ ସୂତ୍ରରୁ ଖବର ପାଇଁ ପୁଲିସ ଉକ୍ତ ଥାନା ଅଧୀନରେ ଥିବା ନିଗମ କଲେଜ ନିକଟରେ ପୁଣି ଏକ ଗାଡ଼ି ଚୋରି କରିବାକୁ ଯୋଜନା କରୁଥିବା ବେଳେ ଏହି ରାକେଟକୁ ମାଡି ବସିଥିଲେ। ସେମାନଙ୍କଠାରୁ ଚୋରି ହୋଇଥିବା ଜୁପିଟର ଗାଡ଼ି ଜବତ କରିଥିଲେ। ଅଧିକ ପଚରା ଉଚରା ସମୟରେ ଅଭିଯୁକ୍ତମାନେ ବିଭିନ୍ନ ଜାଗାରୁ ଚୋରି କରିଥିବା ଗାଡ଼ି ସହ ଅନ୍ୟାନ୍ୟ ଜିନିଷ ଚୋରି କରିଥିବା ସେମାନଙ୍କର ଅପରାଧ ସ୍ୱୀକାର କରିଥିଲେ। ସେମାନଙ୍କଠାରୁ ଏକ ନମ୍ବର ବିହୀନ ବାଇକ୍ ସହ ୭ଟି ଗାଡ଼ି, ୧୬ଟି ମୋବାଇଲ ଫୋନ, ୬ ସୋଲାର ପ୍ୟାନେଲ, ଓଜନ ମେସିନ, ବ୍ୟାଟେରି, ତାର ବଣ୍ଡଲ, କଟର ମେସିନ ଆଦି ଜବତ କରି ପୁଲିସ ୧୬୦/୨୬ କେସ ନମ୍ବରରେ ଏକ ମାମଲା ରୁଜୁ କରି ୬ ଜଣ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ପଠାଇ ଦିଆଯାଇଛି।

● ଓଡ଼ିଆ ଅସ୍ମିତା ପରିଷଦର ଦାବି

## ବଂଶଧାରା ଟ୍ରିବ୍ୟୁନାଲ ରାୟକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରନ୍ତୁ ସରକାର

ଭୁବନେଶ୍ୱର, ୪।୪(ସମିସ): ପଲାସା - ଇଚ୍ଛାପୁରମ ରେଳ ଲାଇନ ଓଡ଼ିଶାରୁ ଅଲଗା ହେବା ପରେ, ବଂଶଧାରା ନଦୀ ଉପରେ ନେରେଡି ବ୍ୟାରେଜ ନିର୍ମାଣକୁ ନେଇ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ସବୁଜ ସଂକେତ ଦେବା ଓଡ଼ିଶା ପାଇଁ ଆଉ ଏକ ବଡ଼ ଧକ୍କା। ଆନ୍ଧ୍ର ଚାପରେ କେନ୍ଦ୍ର ସରକାର ଗୋଟାକ ପରେ ଗୋଟାଏ ପଦକ୍ଷେପ ନେଉଛନ୍ତି ଯାହା ଓଡ଼ିଶାର ସ୍ୱାର୍ଥର ପରିପନ୍ଥୀ। ନେରେଡି ବ୍ୟାରେଜ ନିର୍ମାଣକୁ ଅନୁମତି ଏହାର ଉଜ୍ୱଳ ଉଦାହରଣ। ପୋଲାଭରମ ପରେ ନେରେଡି ବ୍ୟାରେଜ ନିର୍ମାଣ ହେଲେ ରାୟଗଡ଼ା ତଥା ଅବିଭକ୍ତ କୋରାପୁଟ ଜିଲ୍ଲାର କୃଷିକ୍ଷେତ୍ର ଗଭୀର ପ୍ରଭାବିତ ହେବ। ତେଣୁ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ଓଡ଼ିଶା ସରକାର ତୁରନ୍ତ ବଂଶଧାରା ଟ୍ରିବୁନାଲ ରାୟକୁ ସୁପ୍ରିମ କୋର୍ଟରେ ଚାଲେଞ୍ଜ କରନ୍ତୁ ବୋଲି ସେ ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ଆଜି ଏକ ଚିଠି ଲେଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛନ୍ତି। ଏହା ବ୍ୟତୀତ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କର ହସ୍ତକ୍ଷେପ ଲୋଡି ଆନ୍ଧ୍ର - ଓଡ଼ିଶା ମଧ୍ୟରେ ଥିବା ସୀମା ବିବାଦ ଓ ଜଳ ବିବାଦର ଆପୋଷ ଆଲୋଚନା କରିବାକୁ ସେ ମଧ୍ୟ ଏହି ଚିଠିରେ ଉଲ୍ଲେଖ କରିଛନ୍ତି।

## କର୍ଣ୍ଣାଟକରେ ଉତ୍କଳ ଦିବସ

ଭୁବନେଶ୍ୱର, ୪।୪(ସମିସ): କର୍ଣ୍ଣାଟକର ଐତିହାସିକ ବିଜୟନଗର ଜିଲ୍ଲାରେ ହୋସାପେଟ ସହରରେ ପ୍ରତିଷ୍ଠିତ ଓଡ଼ିଆ ଅନୁଷ୍ଠାନ 'ହୋସା' ତରଫରୁ ଅନୁଷ୍ଠାନର ଦଶମ ବାର୍ଷିକ ଉତ୍କଳ ଦିବସ ପାଳିତ ହୋଇଛି। ହୋସା ଟ୍ରଷ୍ଟ ଦ୍ୱାରା ହୋସପେଟେର ପ୍ରତିଷ୍ଠିତ ହୋଟେଲ ମଲ୍ଲିଗୀରେ ଉତ୍କଳ ଦିବସ ତଥା ଜିଲ୍ଲା ପ୍ରତିଷ୍ଠା ଦିବସ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ଟ୍ରଷ୍ଟର ସଭାପତି ମାନସ ରଞ୍ଜନ ଦାସ ସଭାପତିତ୍ୱ କରିଥିବାବେଳେ ଜିନ୍ଦଲ ଷ୍ଟିଲର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଦେବାଶିଷ ମିଶ୍ର ମୁଖ୍ୟଅତିଥି ଭାବେ ମଞ୍ଚାସୀନ ଥିଲେ। ଏସ.ଏଲ.ଆର ଷ୍ଟିଲର ସୁରକ୍ଷା ଉପାଧ୍ୟକ୍ଷ ଆଶିଷ କୁମାର ପଣ୍ଡା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ଇତିହାସ, ଜଗନ୍ନାଥ ସଂସ୍କୃତି, ଗୌରବ ଓ ରାଜ୍ୟକୁ ପ୍ରତିଷ୍ଠିତ କରିଥିବା ମହାମନୀଷୀଙ୍କ ଉପରେ ଆଲୋକପାତ କରାଯାଇଥିଲା। ପରେ ଅତିଥିମାନଙ୍କ ଦ୍ୱାରା ନୃତ୍ୟ, ଓଡ଼ିଆ ଝୋଟି, ମିଠା ପିଠା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ହୋସା ଟ୍ରଷ୍ଟ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ପ୍ରତିଷ୍ଠିତ କରିବା ପାଇଁ ଚେଷ୍ଟା କରିଚାଲିବ ବୋଲି ସମସ୍ତ ସଦସ୍ୟ ଦୃଢୋକ୍ତି ପ୍ରକାଶ କରିଥିଲେ।

### ଅନ୍ଧାରରେ ବାଡ଼ି ବୁଲାଉଛି କମିସନରେଟ୍ ପୁଲିସ

# ଦେବାଳୟରୁ ଚୋରି: ମିଳୁନି ଲୁଟେରାଙ୍କ ଟେର୍

କଟକ, ୪।୪(ସମିସ): ଦେବାଳୟରେ କଳାକନା ବୁଲାଇ ସହଜରେ ଖସି ଯାଇଥିବା ଚୋରଙ୍କୁ ଗିରଫ କରିବାରେ କମିସନରେଟ୍ ପୁଲିସ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି। ଦୀର୍ଘ ଦେଢ଼ ବର୍ଷ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରୁନି ପୁଲିସ। କେବଳ ଅନ୍ଧାରରେ ବାଡ଼ି ବୁଲାଇ ନିରବଦ୍ରଷ୍ଟା ସାଜିଛି। ଗତ ଦେଢ଼ ବର୍ଷ ମଧ୍ୟରେ ସହରରେ ୩ଟି ମନ୍ଦିରରୁ ସମାନ ଢଙ୍ଗରେ ୪୪ଲକ୍ଷ ଟଙ୍କାର ସୁନା ଅଳଙ୍କାର, ହୁଣ୍ଡି ଏବଂ ସୁନା ମୁକୁଟ ଚୋରି ହୋଇଛି। କମିସନରେଟ୍ ପୁଲିସ ସିସିଟିଭି ଫୁଟେଜ, ସାଇଣ୍ଟିଫିକ ଟିମ ଓ ଡଗ୍ ସ୍କ୍ୱାଡ ସହାୟତାରେ ତଦନ୍ତ କରିଥିଲେ ବି ଏହା କେବଳ ତଦନ୍ତରେ ହିଁ ରହିଯାଇଛି।

■ ପଞ୍ଚମୁଖୀ ହନୁମାନ ମନ୍ଦିର ଓ ଦରଖାପାଟଣା ପୂଜା ମଣ୍ଡପରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି
■ ସିସି କ୍ୟାମେରା ଅଚଳ ଥିବାରୁ ତଦନ୍ତ ବାଧାପ୍ରାପ୍ତ
■ ଦେଢ଼ ବର୍ଷ ପରେ ବି ଧରାପଡ଼ିନାହାନ୍ତି ଚୋର

ଖାନନଗରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିରରୁ ୨୦୨୫ ଜାନୁଆରୀ ୩ ତାରିଖ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ମନ୍ଦିରର ତାଲା ଭାଙ୍ଗି ପ୍ରଭୁ ହନୁମାନଙ୍କର ସର୍ବସ୍ୱ ଅଳଙ୍କାର ଲୁଟି ନେଇଥିଲେ। ପ୍ରାୟ ୫୦ ଲକ୍ଷ ଟଙ୍କାର ଠାକୁରଙ୍କ ସମେତ ପାର୍ଶ୍ୱ ଦେବାଦେବୀଙ୍କ ସୁନା ଓ ଚାନ୍ଦିର ଅଳଙ୍କାର ଚୋରାଇ ନେଇଥିଲେ। ମଧୁପାଟଣା ଥାନା ପୁଲିସ ସାଇଣ୍ଟିଫିକ ଟିମ ଓ ଡଗ୍ ସ୍କ୍ୱାଡ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ମାତ୍ର ଏପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ସୂରାକ୍ ମିଳି ପାରିନାହିଁ। ଘଟଣାସ୍ଥଳରୁ କେବଳ ଗୋଟିଏ ତାଲା ଓ ଲୁହା ଗେଟରେ ଥିବା ଭଙ୍ଗା କଡି ଛଡା ଅନ୍ୟ କିଛି ପ୍ରମାଣ ପୁଲିସକୁ ମିଳିନଥିଲା। ଦୁର୍ବୃତ୍ତମାନେ ହନୁମାନଙ୍କ ଶ୍ରୀଅଙ୍ଗରୁ ପ୍ରାୟ ୪ କିଲୋ ଓଜନର ଚାନ୍ଦିର ଗଦା, ୫ କିଲୋର ଚାନ୍ଦିର ଗରା, ୧ କିଲୋ ୨ଶହ ଗ୍ରାମର ଦୁଇଟା ଚାନ୍ଦି ହାର, ୧୨୦ ଗ୍ରାମର ସୁନାର ମୁଖା, ପ୍ରାୟ ୨ କିଲୋର ୪ଟି ରୁପା ମୁକୁଟ, ସାରଳାଙ୍କ ୫ଶହ ଗ୍ରାମର ଚାନ୍ଦି ମକୁଟ, ୨୫୦ ଗ୍ରାମର ଗଣେଶଙ୍କ ଚାନ୍ଦି ମକୁଟ, ଦେଢ କିଲୋର ପିତଳ ଗଦା, ରାମ ମନ୍ଦିରର ସୀତାଙ୍କ ପ୍ରତିମୂର୍ତ୍ତିର ୪ଶହ ଗ୍ରାମର ଚାନ୍ଦି ମୁକୁଟ, ୧୬ ଶହ ଗ୍ରାମର ଚାନ୍ଦି ଚେନ ଓ ଅଢେଇ କିଲୋର ଚାନ୍ଦିର କଂଠଉ ଚୋରାଇ ନେଇଥିବା ସମ୍ପର୍କରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଏହି ଘଟଣାରେ ମଧୁପାଟଣା ଥାନା ପୁଲିସ ଚୋରଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ଯଦିଓ ମନ୍ଦିରରେ ସିସିଟିଭି ରହିଛି, ଏହା ସମ୍ପୂର୍ଣ୍ଣ ଅଚଳ ହୋଇଥିବାରୁ ସିସିଟିଭି ଫୁଟେଜ୍ ପୁଲିସକୁ ମିଳି ନଥିଲା। ତେଣୁ ତଦନ୍ତରେ ଏହା ବାଧକ ସାଜିଥିଲା। କାହିଁକି ସିସିଟିଭି ଅଚଳ ହୋଇପଡ଼ିଥିଲା, ସେ ସମ୍ପର୍କରେ ପରିଚାଳନା କମିଟି ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା। ସେହିପରି ଏହି ଘଟଣାର ଅଢ଼େଇ ମାସ ପୂର୍ବରୁ ଦରଖାପାଟଣା ପୂଜା ମଣ୍ଡପରୁ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମା'ଙ୍କ ମୂଲ୍ୟବାନ ସୁନା ଅଳଙ୍କାର, ୨ଟି ମୁକୁଟ ସମେତ ହୁଣ୍ଡି ବାକ୍ସରୁ ୧୦ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ପୂଜା ମଣ୍ଡପ ଗୃହରେ ପ୍ରବେଶ କରି ଏହି କାଣ୍ଡ ଘଟାଇଥିଲେ। ସକାଳୁ ମା'ଙ୍କ ମୁଖ୍ୟ ପୂଜକ ଜ୍ୟୋତିରଞ୍ଜନ ତ୍ରିପାଠୀ ପୂଜା କରିବା ପାଇଁ ଆସିବା ବେଳକୁ ମଣ୍ଡପ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଏହାପରେ ସେ ଗୃହ ମଧ୍ୟକୁ ପ୍ରବେଶ କରି ଦେଖିଲେ ଯେ ମା'ଙ୍କ ଅଳଙ୍କାର, ମୁକୁଟ୍ ଓ ହୁଣ୍ଡି ବାକ୍ସରେ ଥିବା ଟଙ୍କା ଚୋରି ହୋଇଯାଇଛି। ପୂଜକ ଶ୍ରୀ ତ୍ରିପାଠୀ ପୂଜା କମିଟି ସଦସ୍ୟଙ୍କୁ ଚୋରି ସମ୍ପର୍କରେ ଜଣାଇବା ସହିତ ଥାନାରେ ଏତଲା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ତଦନ୍ତ ଜାରି ରଖିଥିଲା। ଉଭୟ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲା। ସିସିଟିଭି ଫୁଟେଜ୍‌ରୁ ୩ଜଣ ସନ୍ଦିଗ୍ଧଙ୍କ ଚେହେରା ପୁଲିସ ଚିହ୍ନଟ କରିଥିବା ବେଳେ ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି କହିଥିଲା। ଅନ୍ୟପକ୍ଷରେ ସନ୍ଧାନୀ କୁକୁର ଘଟଣାସ୍ଥଳରୁ ବାହାରି ଗୋଶାଳା ପର୍ଯ୍ୟନ୍ତ ଯାଇଥିଲା। ଏହା ପଛରେ ସାଇଣ୍ଟିଫିକ୍ ଟିମ୍ ଓ ତଦନ୍ତକାରୀ ପୁଲିସ ଟିମ୍ ଯାଇଥିଲେ। ଦୁର୍ବୃତ୍ତମାନେ ଚୋରି କରି ସାରିବା ପରେ ଗୋଶାଳ ନିକଟସ୍ଥ ଏକ ବଣୁଆ ବୁଦା ମୂଳେ ଚୋରି ସାମଗ୍ରୀ ଭାଗବାଣ୍ଟ କରିଥିବା ପୁଲିସ ସନ୍ଦେହ କରିଥିଲା। ଏହାପରେ ନୂଆବଜାର ଛକକୁ ଯାଇ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିଲେ ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଥିଲା। ଏହା ପୂର୍ବରୁ ଭଦ୍ରକରେ ହୋଇଥିବା ସିରିଜ୍ ଚୋରି ଘଟଣାରେ ଦୁର୍ବୃତ୍ତମାନେ ଲୁଙ୍ଗି ପିନ୍ଧିବା ସହିତ ଦେହରେ ଚାଦର ଘୋଡି ହୋଇ ଚୋରି ଓ ଡକାୟତି କରୁଥିବା ଜଣାପଡ଼ିଥିଲା। ଅନୁରୂପ ଭାବେ ଏଭଳି ବେଶଭୂଷା ପରିଧାନ କରି କଟକର ଦରଖାପାଟଣା ପୂଜା ମଣ୍ଡପରେ ଚୋରି କରିଥିବାରୁ ସେମାନେ ଗୋଟିଏ ଗ୍ୟାଙ୍ଗ୍‌ର ବୋଲି ଅନୁମାନ କରାଯାଇଥିଲା। ସେହିପରି ମଧୁପାଟଣା ଥାନା ଅନ୍ତର୍ଗତ ସମ୍ରାଟ୍ ସିନେମା ହଲ୍ ନିକଟରେ ଥିବା ମା'ଙ୍କ ମନ୍ଦିରକୁ ଦୁର୍ବୃତ୍ତମାନେ ଟାର୍ଗେଟ କରି ପ୍ରାୟ ୧୫ଲକ୍ଷ ଟଙ୍କାର ସୁନା ଗହଣା ଚୋରି କରି ନେଇଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଚୋରଙ୍କୁ ଏ ପର୍ଯ୍ୟନ୍ତ ଗିରଫ କରାଯାଇ ପାରିନାହିଁ।





# ରାଜଧାନୀରେ ଆନ୍ଧ୍ର ଓ କେରଳ ଆମ୍ବ

ଭୁବନେଶ୍ୱର, ୪।୪(ସମିସ): ରାଜଧାନୀ ଫଳ ବଜାରରେ ଏବେ ଆମ୍ବର ପସରା ଦେଖିବାକୁ ମିଳୁଛି। ବିଶେଷକରି ଆନ୍ଧ୍ର ଓ କେରଳରୁ ଏହି ଆମ୍ବ ରାଜଧାନୀ

- ପ୍ରତିଦିନ ଆସୁଛି ଦେଢ଼ ଟନ ଦକ୍ଷିଣୀ ଆମ୍ବ
- ମେ ମାସ ବେଳକୁ ମିଳିବ ଓଡ଼ିଶା ଆମ୍ବ

ବଜାରକୁ ଆସୁଛି। ବର୍ତ୍ତମାନ ଆମ୍ବ ପାଚିବାର ସମୟ ହୋଇନଥିବାରୁ ଓଡ଼ିଶାର ଆମ୍ବ ଏ ପର୍ଯ୍ୟନ୍ତ ବଜାରକୁ ଆସିନାହିଁ। ସେଥିପାଇଁ ବଜାରରେ ଏବେ ଆନ୍ଧ୍ର ଓ କେରଳ ଆମ୍ବ ରାଜ କରୁଛି। ଖରା ବଢ଼ିବାରୁ ବିଭିନ୍ନ ପ୍ରକାର ଜୁସ ଦୋକାନରେ ଏହାର ଭଲ ଚାହିଦା ଦେଖିବାକୁ ମିଳୁଛି।

ଆମ ରାଜ୍ୟରେ ଦୋଳ ପୂର୍ଣ୍ଣିମା ସମୟରେ ଗଛରେ କଷି ଆମ୍ବ ଧରେ। ଯାହା ପାଚିବାକୁ ମେ ମାସ ଯାଏଁ ସମୟ ଲାଗେ। ପରେ ବଜାରକୁ ଆସିଲା ପରେ ଦୁଇ ମାସ ଯାଏଁ ରହିଥାଏ। ହେଲେ ଚଳିତ ବର୍ଷ ବାହାର ରାଜ୍ୟର ଆମ୍ବ ଗତ ବର୍ଷ ଅପେକ୍ଷା ଟିକିଏ ଜଲଦି ମାର୍କେଟକୁ ଆସିଛି।



ବିଭିନ୍ନ ଜୁସ ଦୋକାନୀ ମଧ୍ୟ ଏହାକୁ କିଣୁଛନ୍ତି। ବର୍ତ୍ତମାନ ବଜାରରେ ପଣ୍ଡୁପଲ୍ଲୀ ଓ ବାଇଗଣ ପଲେଇ ଭଳି ଦୁଇ କିସମର ଆମ୍ବ ପରିଲକ୍ଷିତ ହେଉଛି। ପଣ୍ଡୁପଲ୍ଲୀ ଆମ୍ବ କିଲୋ ପିଛା ୧୫୦ ଟଙ୍କା ଥିବାବେଳେ ବାଇଗଣପଲେଇ ୨ଶହ ଟଙ୍କାରେ ବିକ୍ରି ହେଉଛି। ବଜାରରେ ଏବେ ବାଇଗଣ ପଲେଇ ଆମ୍ବର ପରିମାଣ ଆବଶ୍ୟକଠୁ ଟିକେ କମ ଆସିଥିବାରୁ ତାର ମୂଲ୍ୟ ଅଧିକ ରହୁଥିବା ଫଳ ବ୍ୟବସାୟୀଙ୍କଠୁ ଜାଣିବାକୁ ମିଳିଛି। ଏନେଇ ଜଣେ ଗ୍ରାହକ କୁହନ୍ତି, ବଜାରରେ ମିଳୁଥିବା ଆମ୍ବର ମୂଲ୍ୟ ଟିକେ ଅଧିକ ରହୁଛି। ହେଲେ ସ୍ୱାଦରେ ଯେଉଁଭଳି ମିଠା ଲାଗିବା କଥା ତାହା ସେତେ ମିଠା ନାହିଁ। ହୁଏତ ସମୟଠୁ ଶିଘ୍ର ବଜାରକୁ ଆସିଥିବାରୁ ମିଠା ସେତେ ଲାଗୁନି। ସେହିଭଳି ଜଣେ ଫଳ ଦୋକାନୀ ଗଣେଶ କୁହନ୍ତି, ବର୍ତ୍ତମାନ ଓଡ଼ିଶାର ବାଇଗଣପଲେଇ ଆମ୍ବ ବଜାରକୁ ଆସିବାର ସମୟ ହୋଇନାହିଁ। ସେଥିପାଇଁ ଆନ୍ଧ୍ର ଆମ୍ବ ଉପରେ ଆମକୁ ଅଧିକ ନିର୍ଭର ହେବାକୁ ପଡୁଛି। ଆଉ ୨୦ ଦିନ ଭିତରେ ଓଡ଼ିଶାର ଶିଘ୍ର ଫଳୁଥିବା କିଛି ଆମ୍ବ ଯେପରି- ଗୁଲାପଖାସ, ନୀଳାଚଳ କେଶରୀ ଆସିଯିବ। ହେଲେ ଆମ୍ରପଲ୍ଲୀ ମେ ମାସରେ ହିଁ ଆସିବ। ଏଥର ସବୁଠି ଭଲ ଆମ୍ବ ଫଳିଥିବାରୁ ବଜାରକୁ ବି ଅଧିକ ଆମ୍ବ



ଆସିବ। ରାଜଧାନୀକୁ ଦୈନିକ ପ୍ରାୟ ଦେଢ ଟନ ଆମ୍ବ ଆନ୍ଧ୍ର ଓ କେରଳରୁ ଆସୁଛି। କିସମ କଥା ଯଦି କହିବା, କେବଳ ପଣ୍ଡୁପଲ୍ଲୀ ଓ ବାଇଗଣପଲେଇ ଆସିଛି। ଆଉ କିଛିଦିନ ପରେ ସୁନ୍ଦରୀ ଆସିଯିବ। ଏହାପରେ ୟୁପିରୁ ଲେଙ୍ଗଡ଼ା, ଚୌଷା ଆସିବ। ଆମ ରାଜ୍ୟର ଆମ୍ବ ପ୍ରାୟ ମେ ମାସ ଆଡକୁ ଆସିଯିବ। ଅନୁଗୁଳରୁ ଆମ୍ରପଲ୍ଲୀ, ବାଇଗଣପଲେଇ, ସୁନ୍ଦରୀ ଏବଂ ଆଉ କିଛି କୋରାପୁଟ, ଢେଙ୍କାନାଳ, କେଉଁଝରର କେତେକ ସ୍ଥାନରୁ ଆସୁଛି।

## ଶ୍ରାଦ୍ଧ ଦିବସରେ ବିଜେଡି ପକ୍ଷରୁ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୪।୪(ସମିସ): ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ରଘୁ ଦିବାକରଙ୍କ ଶ୍ରାଦ୍ଧଦିବସ ଅବସରରେ ଶନିବାର କଳିଙ୍ଗ ହସ୍ପିଟାଲ ଛକରେ ଗଙ୍ଗାଧର ମେହେରଙ୍କ ପୂର୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଏବଂ ଜନକଲ୍ୟାଣ କ୍ଲବ୍ ନିକଟରେ ଅବସ୍ଥିତ ରଘୁ ଦିବାକରଙ୍କ ଆବକ୍ଷ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିକ୍ଷାବିତ୍ ବିଭୂତି ସାମଲ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସୁଜାତା ସିଂ, ବିଜୟ କୁମାର ସାହୁ, ଶୁଭ୍ର ଜ୍ୟୋତି ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ସୁଶ୍ରୀ ଶୁଭଶ୍ରୀ ଭୋଇ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ଏବଂ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୪।୪(ସମିସ): ସ୍ୱଭାବ କବି ଗଙ୍ଗାଧର ମେହେର ହେଉଛନ୍ତି ଓଡ଼ିଆ ଜାତିର ଗର୍ବ ଓ ଗୌରବ। ତାଙ୍କର ସାରସ୍ୱତ ସାହିତ୍ୟ କୃତି ଓଡ଼ିଆ ଭାଷା ଓ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଛି। ସ୍ୱଭାବ କବି ଗଙ୍ଗାଧର ମେହେର ହେଉଛନ୍ତି ଆମ ସମସ୍ତଙ୍କ ପାଇଁ ଆଦର୍ଶ ବୋଲି ମତପ୍ରକାଶ ପାଇଛି। ଶନିବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବିଧାନସଭା ପାର୍ଶ୍ୱରେ ଥିବା ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ସ୍ୱଭାବ କବିଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ସରକାରୀ ମୁଖ୍ୟ ସଚେତକ ସୂରଜ କୁମାର ପ୍ରଧାନଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ପ୍ରମୁଖ ଉପସ୍ଥିତ ରହି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତି ଚାରଣ କରିଛନ୍ତି।

## କିଟ୍‌ରେ ଅଟିଜିମ୍ ସଚେତନତା ଦିବସ



ଭୁବନେଶ୍ୱର, ୪।୪(ସମିସ):କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ 'ସେଣ୍ଟ ଗ୍ଲୋବ' ପକ୍ଷରୁ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ସେଣ୍ଟ ଗ୍ଲୋବ୍‌ରେ ଭିନ୍ନକ୍ଷମଙ୍କ ଯତ୍ନ ନେଉଥିବା କର୍ମଚାରୀ ଓ ଶିକ୍ଷକଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଚେୟରାପର୍ସନ ଡ. ମୋନାଲିସା ବଳ ସ୍ୱାଗତଭାଷଣ ଦେଇଥିବା ବେଳେ ସ୍କୁଲ୍‌ର ଅଧ୍ୟକ୍ଷ ଡ.ସଞ୍ଜୟ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ସେଣ୍ଟ ଗ୍ଲୋବର ୱେବ୍‌ସାଇଟ୍ ଉନ୍ମୋଚନ ହେବା ସହ ସେଣ୍ଟ ଗ୍ଲୋବ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## 'ଜାଗ୍ରତ ମଣିଷ ଓ ନିଃଶୁଳ୍କ ଧ୍ୟାନ ଅଭିଯାନ' ଉନ୍ମୋଚିତ

ଭୁବନେଶ୍ୱର, ୪।୪(ସମିସ): ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୃଷ୍ଟି ଓ ସ୍ରଷ୍ଟା ସାହିତ୍ୟ କଳା ସଂସ୍କୃତି ବିକାଶ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଉତ୍କଳ ଦିବସ ସାହିତ୍ୟ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବ ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଭବ୍ୟ ସାରସ୍ୱତ ସମାରୋହରେ ଅନେକ କବି ଉତ୍କଳ ଦିବସ କବିତା ପାଠ କରିଥିଲେ।

ଏହି ଭବ୍ୟ କବିତା ପାଠୋତ୍ସବରେ ମନୋରମା ମହାନ୍ତି ସଂଯୋଜନା କରିଥିଲେ। ସୃଷ୍ଟି ଓ ସ୍ରଷ୍ଟା ସାହିତ୍ୟ କଳା ସଂସ୍କୃତି ବିକାଶ ଟ୍ରଷ୍ଟର ଯୁଗ୍ମ ସମ୍ପାଦିକା ସୁସ୍ମିତା ପଟ୍ଟନାୟକଙ୍କ ମଞ୍ଚ ପରିଚାଳନାରେ କବିତା ପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ଏଥିରେ ଅତିଥି ଭାବେ ଗୀତାଞ୍ଜଳି ମହାପାତ୍ର, ଲକ୍ଷ୍ମୀ ନାରାୟଣ ମହାନ୍ତି, ସଂଯୁକ୍ତା ଦାସ, କବିତା ପାଠୋତ୍ସବରେ ଅଲେଖ ଚରଣ ରାଉତ ସଭାପତିତ୍ୱ କରିଥିଲେ। ସାହିତ୍ୟ ଆଲୋଚନାଚକ୍ରରେ ଆଚାର୍ଯ୍ୟ ଶ୍ରୀ ଜଗନ୍ନାଥଙ୍କ 'ଜାଗ୍ରତ ମଣିଷ ଓ ନିଃଶୁଳ୍କ ଧ୍ୟାନ ଅଭିଯାନ' ପୁସ୍ତକ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଭାଷାବିତ ସୁସାହିତ୍ୟିକ ଡକ୍ଟର ଦେବାଶିଷ ମହାପାତ୍ର, ଅତିଥି ଭାବେ ନ୍ୟୁଜ ୭ ର ସାମ୍ବାଦିକ ସୁସାହିତ୍ୟିକ ଲଳିତେନ୍ଦୁ ପଳାଉରୀ, ଅନ୍ୟତମ ଅତିଥି ଭାବେ ସୁସାହିତ୍ୟିକ ଧ୍ୟାନ ଗୁରୁ ଆଚାର୍ଯ୍ୟ ଶ୍ରୀଜଗନ୍ନାଥ, ଯୋଗ ଦେଇଥିଲେ। ଦୂରଦର୍ଶନ ଉପସ୍ଥାପିକା ସୁସ୍ମିତା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଟ୍ରଷ୍ଟର ସଭାପତି ଅଲେଖ ଚରଣ ରାଉତ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା, ସମ୍ପାଦକ ବିଶ୍ୱ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସୃଷ୍ଟି ଓ ସ୍ରଷ୍ଟା ସାହିତ୍ୟ କଳା ସଂସ୍କୃତି ବିକାଶ ଟ୍ରଷ୍ଟ ଡକ୍ଟର ଇନ୍ଦିରା ମିଶ୍ରଙ୍କ ପୁସ୍ତକ ଅନ୍ ଡିଫିଟେଡ୍ ୱିମେନ ଏବଂ କବିତା କଲି କଳିକା ହିନ୍ଦୀ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଲୋକାର୍ପଣ ହୋଇଥିଲା। କବି ମାନସ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୪।୪(ସମିସ): ବଡ଼ଗଡ଼ ବ୍ରିଟ୍ କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ୩୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ବାର୍ଷିକ ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଦିଲ୍ଲୀପ ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ବ୍ରହ୍ମାନନ୍ଦ ରାଉତ ଏବଂ ମୁଖ୍ୟବକ୍ତା ଡ.ଅନିଲ୍ କୁମାର ମିଶ୍ର ଉପସ୍ଥିତ ଥିଲେ। ଉତ୍ସବରେ ନୃସିଂହ ଚରଣ ମିଶ୍ର ଏବଂ ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ଦେବେନ୍ଦ୍ର ତରାଇ, କୋଷାଧ୍ୟକ୍ଷ ଅମରେଶ ଦାସ, ସଦସ୍ୟା ସୁକାନ୍ତି ସ୍ୱାଇଁ ଓ ସସ୍ମିତା ଧଳଙ୍କ ସମେତ ଉଚ୍ଚମାଧ୍ୟମିକ ବିଜ୍ଞାନ ବିଭାଗ ଅଧ୍ୟକ୍ଷ ମାନବେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟର ସମ୍ପାଦକ ତତ୍ତ୍ୱଜ୍ଞ ତ୍ରିବେଦୀ ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଭାସ ଚନ୍ଦ୍ର ବେଜ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ ପରେ ଅତିଥି ଅଧିକାରୀଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର 'ଜାଗୃତି'ର ଉନ୍ମୋଚନ କରିଥିଲେ।

## 'ଓଡ଼ିଆ ଅସ୍ମିତା: କବିସମ୍ରାଟ ଉପେନ୍ଦ୍ର ଭଞ୍ଜ' ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର, ୪।୪(ସମିସ): ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବିଜେବି କଲେଜ ଆନୁକୂଲ୍ୟରେ ଓଡ଼ିଆ ଅସ୍ମିତା : କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଶୀର୍ଷକ ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଗ୍ମୀ ଡ. ପାର୍ଥସାରଥି ଅଜୟ ବାରିକ୍ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଭଞ୍ଜଙ୍କ 'ବୈଦେହୀଶ ବିଳାସ', 'ଲାବଣ୍ୟବତୀ', ଓ 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟର ବହୁ ଅଂଶ ଉଦ୍ଧାର କରି ଭଞ୍ଜ କିଭଳି ଓଡ଼ିଆ ଅସ୍ମିତାର ପ୍ରତୀକ, ତାର ସାରଗର୍ଭତା ଆଲୋଚନା କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଅଭୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଡ. ଶୁଭଶ୍ରୀ ସୌମ୍ୟା ସାହୁ ସ୍ୱାଗତ ଭାଷଣ ଦେଇଥିଲେ ଓ ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ର ରୁଦ୍ରନାରାୟଣ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରତୀୟ ସଙ୍ଗୀତ ବିଭାଗ ମୁଖ୍ୟ ଡ. ସୁକାନ୍ତି ବଳ ଉପସ୍ଥିତ ରହିଥିଲେ। ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ ମଧୁସ୍ମିତା ନାୟକ ମଞ୍ଚ ପରିଚାଳନା କରିଥିଲେ। ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ ସମୀକ୍ଷା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ରର ଚତୁର୍ଥ ବାର୍ଷିକ ନୃତ୍ୟ ଉତ୍ସବ

ଭୁବନେଶ୍ୱର, ୪।୪(ସମିସ): ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ରର ଚତୁର୍ଥ ବାର୍ଷିକ ନୃତ୍ୟ ଉତ୍ସବ ଶନିବାର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ କମିଶନର ଆୟକର ବିଭାଗ ଅଶୁତୋଷ ପ୍ରଧାନ, ସମ୍ମାନିତ



ଅତିଥି ଭାବେ ପୋଲାଚି ତାମିଲ ଇସାଇ ସଙ୍ଗମର ପରିଚାଳକ କାଲିମୁଥୁ ଏ, କଣ୍ଠଶିଳ୍ପୀ ତଥା ପଞ୍ଚମ ମ୍ୟୁଜିକ ଏକାଡେମୀର ସମ୍ପାଦକ ଦିବ୍ୟ ରଞ୍ଜନ ପଟ୍ଟନାୟକ, ସଭାପତି ରବୀନ୍ଦ୍ର କୁମାର ଜେନା, ଉପସଭାପତି ମାନସ ରଞ୍ଜନ ସାହୁ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଅନୁଷ୍ଠାନର ବାର୍ଷିକ ସ୍ମରଣିକା ସୌରପ୍ରଭା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ନୃତ୍ୟ କଳା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀରଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରଥମେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା 'ନୀଳାଚଳ ନିବାସାୟ' ଜଗନ୍ନାଥ ଅଷ୍ଟକମ୍‌ରୁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପରେ ପରେ ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ର ଅନୁଷ୍ଠାନର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଅଭିନୟରେ 'ଦଶ ଅବତାର', 'ସରସ୍ୱତୀ ମଙ୍ଗଳାଚରଣ', 'ଜୟ ଭଗବତୀ ଦେବୀ' ଏବଂ 'ଗଙ୍ଗା ତରଙ୍ଗ' ଓଡ଼ିଶୀ ଦଳ ଗତ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ସ୍ୱାଇଁ, ସଭାପତି ରବୀନ୍ଦ୍ର ଜେନା, ଉପସଭାପତି ମାନସ ରଞ୍ଜନ ସାହୁ, ସମ୍ପାଦିକା ଜ୍ୟୋତିର୍ମୟୀ ଦାସ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ ।

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନୂତନ ପାଠାଗାର ଉଦ୍‌ଘାଟିତ

ଭୁବନେଶ୍ୱର, ୪।୪(ସମିସ): ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନୂତନ ପାଠାଗାରକୁ ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ପାଠାଗାରରେ ଥିବା ସମ୍ବିଧାନ ପୁସ୍ତକର କିଛି ପୃଷ୍ଠା ପଢ଼ିବା ସହ ପାଠାଗାରର ପ୍ରଥମ ପାଠକ ଭାବେ ରେଜିଷ୍ଟରରେ ମନ୍ତବ୍ୟ ଲେଖିବା ସହ ଦସ୍ତଖତ କରିଥିଲେ। ରାଜସ୍ୱ ବିଭାଗରେ ଏହି ପାଠାଗାର ବିଭାଗୀୟ ଅଧିକାରୀମାନଙ୍କ ଦକ୍ଷତା ବିକାଶ କରିବା ସହ ଉଭୟ ବ୍ୟକ୍ତିଗତ ଏବଂ ପ୍ରଶାସନିକ ସ୍ତରରେ ଖୁବ୍ ଉପଯୋଗୀ ହେବ ବୋଲି କହିଛନ୍ତି। ଏହି ପାଠାଗାରରେ କମ୍ପ୍ୟୁଟର ମାଧ୍ୟମରେ ଡିଜିଟାଲ୍ ପାଠାଗାର ସୁବିଧା ଉପଲବ୍ଧ ହେବା ସହ ଓଡ଼ିଆ ଭର୍ଚୁଆଲ ଏକାଡେମୀ ମାଧ୍ୟମରେ ବିଭିନ୍ନ ଅନନ୍ୟ ଓଡ଼ିଆ ସାହିତ୍ୟ ପୁସ୍ତକ ଉପଲବ୍ଧ ରହିଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ଆବଶ୍ୟକୀୟ ସୂଚନା, ପୁସ୍ତକ ତଥା ପ୍ରଶାସନିକ ବିଷୟ ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ସର୍କୁଲାର୍ ବିଭାଗୀୟ ଅଧିକାରୀମାନଙ୍କ ପାଇଁ ଉପଲବ୍ଧ ହେବା ସହ ପ୍ରଶାସନିକ କାର୍ଯ୍ୟରେ ସହାୟକ ହେବ ବୋଲି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ଏହି ଅବସରରେ ଅଧିକାରୀମାନେ ସ୍ୱଲିଖିତ ପୁସ୍ତକ ସହ ଅନ୍ୟାନ୍ୟ ଉପାଦେୟ ପୁସ୍ତକ ମଧ୍ୟ ପାଠାଗାରକୁ ପ୍ରଦାନ କରିପାରିବେ ବୋଲି ରାଜସ୍ୱ ସଚିବ ଆଗ୍ରହ ପ୍ରକାଶ କରିଛନ୍ତି। ତେବେ ପାଠାଗାରରେ ଶୃଙ୍ଖଳା ବଜାୟ ରଖିବା ସହ ଏହାର ସର୍ବୋତ୍ତମ ବ୍ୟବହାର ନିମନ୍ତେ ପାଠାଗାରରେ ମୋବାଇଲ୍ ଫୋନ୍‌ର ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ରାଜେଶ ପ୍ରଭାକର ପାଟିଲ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ବିଜେବି କଲେଜରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଭୁବନେଶ୍ୱର, ୪।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ



ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସ, ଏନ୍‌ଏସ୍‌ଏସ୍, ଏନ୍ ସିସି ଓ ରୋଭର ରେଞ୍ଜରର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ୨୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ ରେଡକ୍ରସ ଓ ଏନ୍‌ଏସ୍‌ଏସ୍ ଅଧିକାରୀ ଡକ୍ଟର ରମେଶ ଚନ୍ଦ୍ର ବେହେରା ଯୋଗଦେଇ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ଅବଗତ କରିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ରୀତା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମ୍ପ୍ରସାରଣ ବିଭାଗ ମୁଖ୍ୟ ଲେଖା ଦାସ, ଡ.କଲ୍ୟାଣୀ ବିଶ୍ୱାଳ, କ୍ୟାପ୍‌ଟେନ ଅଭିମନ୍ୟୁ ଦାସ, ତରୁଣ କୁମାର ସାହୁ ଓ ଡ. ମିଳନ୍ ତା ପ୍ରମୁଖ ପରିଚାଳନା କରିଥିଲେ। ରେଡକ୍ରସ ବ୍ଲଡ ବ୍ୟାଙ୍କ ଭୁବନେଶ୍ୱର ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା।

## ନବମ ସନ୍ଧ୍ୟାରେ ଲଙ୍କାପୋଡ଼ି



ଯାଁଳା, ୪।୪(ସମିସ): ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ଐତିହାସିକ ରାମ ନାଟକ ସ୍ୱର୍ଗତ ପ୍ରଭାକର ମହାପାତ୍ରଙ୍କ ବିରଚିତ ରାମଲୀଳା ନାଟକ। ଶ୍ରୀଶ୍ରୀ ରଘୁନାଥ ଦେବ ନାଟ୍ୟ ପରିଷଦର କୁଶଳୀ କଳାକାରମାନଙ୍କ ଅଭିନୟକୁ ଆଧାର କରି ନାଟକ ପରିବେଷଣ ହୋଇଛି। ନାଟକ ନବମ ସନ୍ଧ୍ୟାରେ ଐତିହାସିକ ରାମନାଟକ ଲଙ୍କାପୋଡ଼ି ପରିବେଷିତ ହୋଇଯାଇଛି। ବାଳୀବଧ ପରେ ମା' ସୀତାଙ୍କୁ ରାବଣ କେଉଁଠାରେ ଲୁଚାଇଛି। ରାମଙ୍କ ନିର୍ଦ୍ଦେଶରେ ହନୁମାନ ସାତ ସମୁଦ୍ର ଡେଇଁ ଲଙ୍କାକୁ ଯାଇଥିଲେ। ଲଙ୍କାରେ ତାଙ୍କୁ ତିନୋଟି ଦେବୀ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଅଶୋକ ବନରେ ମା' ସୀତାଙ୍କୁ ଠାବ କରିଥିଲେ। ରାମଙ୍କ ରତ୍ନମୁଦି ଦେଖି ମା'ସୀତା ହନୁମାନଙ୍କୁ ବିଶ୍ୱାସ କରିଥିଲେ। ପରେ ହନୁମାନ ଅଶୋକ ବନ ଛାରଖାର କରିଥିଲେ। ଅନେକ ରାକ୍ଷାସଙ୍କ ସହିତ ଅକ୍ଷୟ ବୀରକୁ ବଧ କରିଥିଲେ। ଇନ୍ଦ୍ରଜିତଙ୍କ ନାଗଫାସରେ ହନୁମାନ ବାନ୍ଧି ହୋଇ ରାବଣ ନିକଟକୁ ଯାଇଥିଲେ, ସେଠାରେ ତାଙ୍କ ଲାଙ୍ଗୁଡ଼ରେ ନିଆଁ ଲଗାଇ ଦେବାରୁ ସେ ଲଙ୍କାକୁ ପୋଡ଼ି ଜାଳି ରାମଚନ୍ଦ୍ରଙ୍କ ପାଖକୁ ଫେରିଆସିଥିଲେ। ଲଙ୍କାପୋଡ଼ି ଦୃଶ୍ୟକୁ କଳାକାରମାନେ ଅତ୍ୟନ୍ତ ସୁନ୍ଦର ଭାବରେ ପ୍ରଦର୍ଶନ କରିଥିଲେ, ବିଭିନ୍ନ ଭୂମିକାରେ, ସଙ୍କର୍ଷଣ ମଙ୍ଗରାଜ (ହନୁମାନ), ବିଚିତ୍ର ପରିଡ଼ା (ସୀତା), ରବୀନ୍ଦ୍ର ବାରିକ (ରାବଣ), ସୁକାନ୍ତ ପରିଡ଼ା (ଲଙ୍କା ଦେବୀ), ବେଣୁଧର ପ୍ରଧାନ (ଇନ୍ଦ୍ରଜିତ), ଶିବ ମଙ୍ଗରାଜ (ଅକ୍ଷୟ ବୀର), ଅନା ଭୋଳ (ଅଙ୍ଗଦ), ଅନିଲ ମଙ୍ଗରାଜ (ସୁରକ୍ଷା), ପ୍ରମୁଖ କଳାକାର ଅଭିନୟ କରିଥିଲେ।

# ଓଡ଼ିଆ ନାମଫଳକ ପାଇଁ ସଚେତନତା ପଦଯାତ୍ରା

ଭୁବନେଶ୍ୱର, ୪।୪(ସମିସ): 'ଓଡ଼ିଶା ଦିବସ' ରୁ ୧୪ ଏପ୍ରିଲ ଓଡ଼ିଆ ନବବର୍ଷ ଯାଏ ସାରା ରାଜ୍ୟରେ 'ଓଡ଼ିଆ ପକ୍ଷ-୨୦୨୬' ପାଳନ କରାଯାଉଛି। ଏହି ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଗୁଡ଼ିକରେ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବେ ନାମଫଳକ ପ୍ରଦର୍ଶନ କରିବା ପାଇଁ ଏକ ବ୍ୟାପକ ସଚେତନତା ଅଭିଯାନ ଓ ପଦଯାତ୍ରା ଆଜି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଲୋୟର ପିଏମ୍‌ଜି ଠାରୁ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆୟୋଜିତ ଏହି ପଦଯାତ୍ରାରେ ପ୍ରାୟ ୨୦୦ରୁ ଅଧିକ ବ୍ୟକ୍ତି ସାମିଲ ହୋଇ ଓଡ଼ିଆ ଭାଷାର ପ୍ରସାର ପାଇଁ ସଂକଳ୍ପ ନେଇଥିଲେ। ପଦଯାତ୍ରାକୁ ଶ୍ରମ ଆୟୁକ୍ତ ଇନ୍ଦ୍ରମଣୀ ତ୍ରିପାଠୀ ଉଦ୍‌ଘାଟନ କରି କହିଥିଲେ ଯେ, ୪ ଏପ୍ରିଲ ରୁ ୭ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ୪ଦିନ ଧରି ବିଭାଗୀୟ ଅଧିକାରୀମାନେ ବିଭିନ୍ନ ଦୋକାନ ଓ ବ୍ୟବସାୟିକ




ଅନୁଷ୍ଠାନ ପରିଦର୍ଶନ କରିବେ। ଯେଉଁ ସ୍ଥାନରେ ଓଡ଼ିଆ ନାମଫଳକ ସ୍ପଷ୍ଟ ଭାବେ ଲଗାଯାଇନାହିଁ, ସେଠାରେ ବ୍ୟବସାୟୀମାନଙ୍କୁ ନିର୍ଭୁଲ ଭାବେ ଓଡ଼ିଆ ନାମଫଳକ ଲେଖିବାକୁ ଅନୁରୋଧ କରାଯିବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶ୍ରମ ଆୟୁକ୍ତ ମଦନ ମୋହନ ପାଇକ, ଯୁଗ୍ମ ଶ୍ରମ ଆୟୁକ୍ତ ବିଘ୍ନଜିତ ମହନ୍ତ ମହାପାତ୍ର ଓ ଭାରତୀ ସିଥା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ବନାନୀ ମହାପାତ୍ର, ଖୋର୍ଦ୍ଧା ପ୍ରଭାଗୀୟ ଶ୍ରମ ଆୟୁକ୍ତ ଅଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁସାରେ, ଓଡ଼ିଶା ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନ ଆଇନ ଅନୁଯାୟୀ ପ୍ରତ୍ୟେକ ବ୍ୟବସାୟିକ ଅନୁଷ୍ଠାନରେ ଓଡ଼ିଆ ଭାଷାରେ ସ୍ପଷ୍ଟ ଓ ନିର୍ଭୁଲ ଭାବେ ନାମଫଳକ ଲେଖିବା ଏକ ବାଧ୍ୟତାମୂଳକ ନିୟମ। ଏହି ଆଇନର ଧାରା ୩୫ ଅନୁଯାୟୀ, ଯଦି କୌଣସି ପ୍ରତିଷ୍ଠାନ ଏହି ନିୟମର ଉଲ୍ଲଂଘନ କରନ୍ତି, ତେବେ ସେମାନଙ୍କୁ କଠୋର ଆର୍ଥିକ ଜରିମାନାର ସମ୍ମୁଖୀନ ହେବାକୁ ପଡ଼ିବ। ପ୍ରଥମ ଥର ନିୟମ ଖିଲାପ ପାଇଁ ୫୦୦୦ ଟଙ୍କାରୁ ୧୦୦୦୦ ଟଙ୍କା ଏବଂ ଦ୍ୱିତୀୟ ବା ପରବର୍ତ୍ତୀ ଉଲ୍ଲଂଘନ ପାଇଁ ୧୦, ୦୦୦ ଟଙ୍କାରୁ ୨୦, ୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି। ଏହି ସଚେତନତା ଅଭିଯାନ ମାଧ୍ୟମରେ ସହରର ବ୍ୟବସାୟୀଙ୍କୁ ଆଇନ ସମ୍ପର୍କରେ ଅବଗତ କରାଯିବା ସହ ଓଡ଼ିଆ ଭାଷାର ମର୍ଯ୍ୟାଦା ରକ୍ଷା ପାଇଁ ଆହ୍ୱାନ ଦିଆଯାଇଛି।

**ମୁଦ୍ରା ବିନିମୟ ମୂଲ୍ୟ**
ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୮୪ ● ପାଉଣ୍ଡ ୧୨୩.୭୬
- ୟୁରୋ ୧୦୭.୮୬ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**
୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୮,୩୫୦ (ଭୁବନେଶ୍ୱର)
- ରୁପା : ୨,୫୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**
ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୩୧୯.୦୦
- ନିଫ୍ଟି ୨୨,୭୧୩.୦୦

**ପେଟ୍ରୋଲ-ଡିଜେଲ୍**
ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

**ଗହଣା ବଜାରରେ ଯୁଦ୍ଧ ସଙ୍କଟ**

# ସୁନା ୧୦%, ରୁପା ମୂଲ୍ୟରେ ୧୮% ହ୍ରାସ

ନୂଆଦିଲ୍ଲୀ,୪।୪(ଏଜେନ୍ସି): ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧରେ ସୁନା ଓ ରୁପାର ଚମକ ଫିକା ହୋଇଯାଇଛି। କାରଣ ଏହି ସମୟରେ ଉଭୟ ଧାତୁର ମୂଲ୍ୟରେ ବୃହତ୍ ହ୍ରାସ ଘଟିଛି। ଫେବୃଆରୀ ୧୨୮ରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ପରଠାରୁ ଉଭୟ ଧାତୁ ମୂଲ୍ୟ ନିମ୍ନ ସ୍ତରକୁ ଖସିଯାଇଛି। କାରଣ ଚଳିତବର୍ଷ ଜାନୁଆରୀ ୨୯ରେ ଘରୋଇ ବଜାରରେ ସୁନା ଏବଂ ରୂପା ମୂଲ୍ୟ ସର୍ବୋଚ୍ଚ ସ୍ତର ଛୁଇଁଥିଲା। ସେହି ସମୟରେ, ଏମ୍‌ସିଏକ୍ସରେ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୧.୯୦ ଲକ୍ଷ ଟଙ୍କା ଅତିକ୍ରମ କରିଥିବାବେଳେ ରୁପା କିଲୋଗ୍ରାମ ପିଛା ୪.୨୫ ଲକ୍ଷ ଟଙ୍କା ସ୍ତର ଟପିଯାଇଥିଲା। ଇରାନ୍ ଯୁଦ୍ଧ ଆରମ୍ଭ ଦିନ ହିଁ ସୁନା ମୂଲ୍ୟ ପ୍ରାୟ ୧.୬୫ ଲକ୍ଷ ଟଙ୍କା ଏବଂ ରୁପା ମୂଲ୍ୟ ପ୍ରାୟ ୨.୮୨ ଲକ୍ଷ ଟଙ୍କା ରହିଥିଲା। ଆଜି ବଜାର କାରବାର ବନ୍ଦ ହେବା ସମୟରେ ସୁନା ପ୍ରାମୂଲ୍ୟ ୧୦ ଗ୍ରମା ପିଛା ୧.୪୯ ଲକ୍ଷ ଟଙ୍କା ଏବଂ ରୁପା ପ୍ରାୟ ୨.୩୨ ଲକ୍ଷ ଟଙ୍କା ରହିଛି। ଫଳସ୍ୱରୂପ, ଯୁଦ୍ଧ ଆରମ୍ଭ ହେବା ପରଠାରୁ ସୁନା ମୂଲ୍ୟରେ ପ୍ରାୟ ୧୦% ଏବଂ ରୁପା ପ୍ରାୟ ୧୮% ହ୍ରାସ ପାଇଛି। ତେବେ ମାର୍ଚ୍ଚ ସୁନା ବଜାର ପାଇଁ ସବୁଠାରୁ ଖରାପ ମାସ ଥିଲା। ୨୦୦୮ ପରଠାରୁ ସୁନା ମୂଲ୍ୟରେ ସର୍ବାଧିକ ମାସିକ ହ୍ରାସ ମାର୍ଚ୍ଚରେ ହିଁ ଘଟିଛି। କେବଳ ମାର୍ଚ୍ଚ ମାସରେ ସୁନା ମୂଲ୍ୟରେ ୧୩% ରୁ ଅଧିକ ହ୍ରାସ ପାଇଛି, ଯାହା ଅକ୍ଟୋବର ୨୦୦୮ ପରଠାରୁ ସବୁଠାରୁ ବଡ଼ ହ୍ରାସ। ବଜାର ବିଶେଷଜ୍ଞଙ୍କ



ମତରେ ଯେ ପର୍ଯ୍ୟନ୍ତ ତୈଳ ମୂଲ୍ୟ ଅସ୍ଥିର ରହିବ, ସେ ପର୍ଯ୍ୟନ୍ତ ସୁନା ଚାପରେ ରହିବ।

ନିବେଶକମାନେ ଏବେ ସୁନା ଏବଂ ରୂପା ମୂଲ୍ୟ କେବେ ବୃଦ୍ଧି ପାଇବ ତାହା ଦେଖିବା ପାଇଁ ଅପେକ୍ଷା କରିଛନ୍ତି। ବିଶେଷଜ୍ଞଙ୍କ ମତରେ, ଉଭୟ ଧାତୁର ମୂଲ୍ୟ ଖୁବ୍ ଶୀଘ୍ର ବୃଦ୍ଧି ପାଇପାରେ। ଏହାଛଡା ଆଗକୁ ଅକ୍ଷୟ ତୃତୀୟା। ଅଳଙ୍କାର ବ୍ୟବସାୟୀମାନେ ଏହି ହ୍ରାସକୁ ଏକ ଭଲ ସୁଯୋଗ ଭାବରେ ବିବେଚନା କରୁଛନ୍ତି। ଅଳଙ୍କାର ବ୍ୟବସାୟୀମାନେ କହିଛନ୍ତି ଯେ ଯଦି ମୂଲ୍ୟ ହ୍ରାସର ଏହି ଧାରା ଜାରି ରହେ, ତେବେ ଅକ୍ଷୟ ତୃତୀୟାରେ ଅଳଙ୍କାର ଚାହିଦାରେ ଉଲ୍ଲେଖନୀୟ ବୃଦ୍ଧି ହୋଇପାରେ। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ)ର ଉପାଧ୍ୟକ୍ଷ ଅକ୍ଷ କାମ୍ବୋଜ କହିଛନ୍ତି ଯେ ଏହି ମୂଲ୍ୟ ପରିବର୍ତ୍ତନ ଚିନ୍ତାଜନକ ମନେହୁଏ, ସାମଗ୍ରିକ ଧାରା ସକାରାତ୍ମକ। ବର୍ତ୍ତମାନର ହ୍ରାସ ଲାଭ-ପ୍ରଫିଟ୍ ବୁକିଂ ଯୋଗୁଁ ହୋଇଛି, ଯାହା ଏକ ଭଲ ସଙ୍କେତ। ସେ କହିଛନ୍ତି ଯେ ରୂପା ମୂଲ୍ୟରେ ଅସ୍ଥିରତା ଯୋଗୁଁ, ଭାରତରେ ଲୋକମାନେ ଏହାକୁ କିଣିବା ପାଇଁ ଆକର୍ଷିତ ହେଉଛନ୍ତି। ଆଜି ରାଜଧାନୀ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧୩୮,୩୫୦ ଟଙ୍କା ରହିଥିବାବେଳେ ରୁପା କିଲୋ ପିଛା ୨.୫୫ ଲକ୍ଷ ଟଙ୍କାରେ କାରବାର ହେଉଛି।

**ମଧ୍ୟପ୍ରାଚ୍ୟ ଅସ୍ଥିରତାର ପ୍ରଭାବ**

# ସଙ୍କଟରେ ଖବରକାଗଜ ଶିଳ୍ପ

## କାଗଜଠାରୁ କାଳି ଓ ସିଟିପି ପ୍ଲେଟ୍ ହେଲା ମହଙ୍ଗା ● ନ୍ୟୁଜପ୍ରିଣ୍ଟ ଖର୍ଚ୍ଚ ୧୫% ବଢ଼ିଲା

ଭୁବନେଶ୍ୱର, ୪।୪ (ସମିସ): ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ଥମିବାର ନାଁ ଧରୁନାହିଁ। ଏଥିଯୋଗୁଁ ସାରା ବିଶ୍ୱରେ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ସହ ମାଲ ପରିବହନ, ଶକ୍ତି ଏବଂ ଆମଦାନୀ ଖର୍ଚ୍ଚ ବଢ଼ିବାରେ ଲାଗିଛି। ବିଶ୍ୱବଜାରରେ ଶକ୍ତି (ଇନ୍ଧନ) ମୂଲ୍ୟବୃଦ୍ଧିର ପ୍ରଭାବ ପ୍ରାୟ ସମସ୍ତ ଛୋଟବଡ଼ ଶିଳ୍ପ ଉପରେ ପଡ଼ିଥିବା ବେଳେ ଖବରକାଗଜ ଶିଳ୍ପ ଏଥିରୁ ତ୍ରାହି ପାଇନାହିଁ। ଯୁଦ୍ଧ ଯୋଗୁଁ ପେପର୍ ମିଲ୍‌ଗୁଡ଼ିକର ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇଛି। କାଗଜ ମୂଲ୍ୟ ମହଙ୍ଗା ହେବାରୁ ଏହାର ସିଧାସଳଖ ପ୍ରଭାବ ଏବେ ଦେଶର ଖବର କାଗଜ ଶିଳ୍ପ ଉପରେ ପଡ଼ିଛି। ଉତ୍ପାଦନ କ୍ଷେତ୍ରରେ ଏକାଧିକ ଖର୍ଚ୍ଚ ଏକକାଳୀନ ଭାବେ ବୃଦ୍ଧି ପାଇବା ଯୋଗୁଁ ଭାରତୀୟ ଖବରକାଗଜ ଶିଳ୍ପ ଏବେ ଏକ ବଡ଼ ସଙ୍କଟ ଦେଇ ଗତି କରୁଛି। କାଗଜଠାରୁ ଆରମ୍ଭ କରି କାଳି ଓ ସିଟିପି ପ୍ଲେଟ୍, ସବୁ ମହଙ୍ଗା ହୋଇଛି। ଏଥିଯୋଗୁଁ ବର୍ତ୍ତମାନ ନ୍ୟୁଜପ୍ରିଣ୍ଟ ଖର୍ଚ୍ଚ ପାଖାପାଖି ୧୫% ପର୍ଯ୍ୟନ୍ତ ବଢ଼ିଯାଇଛି। ଏହାଛଡ଼ା କାଗଜ ଏବଂ ପ୍ଲାଷ୍ଟିକ୍ ଉତ୍ପାଦନ ପାଇଁ ଆବଶ୍ୟକ କଞ୍ଚାମାଲ ମହଙ୍ଗା ହେବା ଏହି ସମସ୍ୟାକୁ ଆହୁରି ଜଟିଳ କରୁଛି।

ଇରାନ ଯୁଦ୍ଧ ଯୋଗୁଁ ଅଶୋଧିତ ତୈଳ ମୂଲ୍ୟରେ ଅହେତୁକ ବୃଦ୍ଧି ଏବଂ ଯୋଗାଣଶୃଙ୍ଖଳ ବାଧା ଭାରତରେ ମୁଦ୍ରଣ ଖର୍ଚ୍ଚକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ଏଥିରେ ଭାରତର ଖବରକାଗଜ ଶିଳ୍ପ ସବୁଠୁ ଅଧିକ ପ୍ରଭାବିତ।

ଏଠାରେ ସୂଚନାଯୋଗ୍ୟ ଯେ ଖବର କାଗଜ ଶିଳ୍ପ

### ଯୁଦ୍ଧରେ ଯୋଗାଣଶୃଙ୍ଖଳ ବାଧାପ୍ରାପ୍ତ
### କାଗଜ ଏବଂ ପ୍ଲାଷ୍ଟିକ୍ ଉତ୍ପାଦନ ପାଇଁ ଆବଶ୍ୟକ କଞ୍ଚାମାଲ ହୋଇଛି ମହଙ୍ଗା



ଏକ ପ୍ରମୁଖ କଞ୍ଚାମାଲ ଭାବରେ ଆମଦାନୀ ହୋଇଥିବା ବର୍ଜ୍ୟ କାଗଜ ଉପରେ ବହୁଳ ଭାବେ ନିର୍ଭରଶୀଳ। ଶିଳ୍ପ ସୂତ୍ରରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, ଉଚ୍ଚ ମାଲ ପରିବହନ ଶୁଳ୍କ ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳରେ ଅନିଶ୍ଚିତତା ଯୋଗୁଁ ଗତ କିଛି ସପ୍ତାହରେ ଆମଦାନୀ ହୋଇଥିବା ବର୍ଜ୍ୟ କାଗଜର ମୂଲ୍ୟ ବୃଦ୍ଧି ପାଇଛି। ଏଥିରେ ଶକ୍ତି ମୂଲ୍ୟ ବୃଦ୍ଧି ଉତ୍ପାଦନ ଉପରେ ଆହୁରି ଚାପ ସୃଷ୍ଟି କରୁଛି। ବଏଲର୍ ଏବଂ ବିଦ୍ୟୁତ୍ ଉତ୍ପାଦନ ପାଇଁ କାଗଜ ମିଲ୍ ଦ୍ୱାରା ବ୍ୟାପକ ଭାବରେ ବ୍ୟବହୃତ ଆମଦାନୀ ହୋଇଥିବା କୋଇଲାର ମୂଲ୍ୟ କିଲୋଗ୍ରାମ ପିଛା ପ୍ରାୟ ଅଢ଼େଇ ଟଙ୍କା ବୃଦ୍ଧି ପାଇଛି। କଞ୍ଚାମାଲ ମୂଲ୍ୟ ଅସ୍ଥିର ରହୁଥିବାରୁ ମିଲ୍‌ଗୁଡ଼ିକ ସତର୍କତା ଅବଲମ୍ବନ କରୁଛନ୍ତି। ଏଭଳି ସ୍ଥିତିରେ ଅନେକ କାଗଜ ମିଲ୍ ଦୀର୍ଘକାଳୀନ ଅର୍ଡର ବୁକ୍ କରିବାକୁ ସଂକୋଚ କରୁଛନ୍ତି। କାରଣ କଞ୍ଚାମାଲ ମୂଲ୍ୟ ଦ୍ରୁତଗତିରେ ପରିବର୍ତ୍ତନ ହେଉଛି। କିଛି ମିଲ୍ ଅସ୍ଥାୟୀ ଭାବରେ ବୁକିଂ ବନ୍ଦ କରିଦେଇଛନ୍ତି। ଏହାଛଡ଼ା କଞ୍ଚାମାଲ ଏବଂ ଇନ୍ଧନ ବ୍ୟତୀତ, କାଗଜ ଉତ୍ପାଦନରେ ବ୍ୟବହୃତ ଅନେକ ରାସାୟନିକ ପଦାର୍ଥ ଏବଂ ସାମଗ୍ରୀ ମଧ୍ୟ ମହଙ୍ଗା ହୋଇଛି। ଏହା ଆଂଶିକ ଭାବରେ ବିଶ୍ୱ ଶକ୍ତି ଏବଂ ପେଟ୍ରୋକେମିକାଲ୍ ମୂଲ୍ୟ ବୃଦ୍ଧି ସହ ଜଡ଼ିତ। କାଗଜ ମିଲ୍‌ରେ ବ୍ୟବହୃତ ବର୍ଜ୍ୟ କାଗଜ ଆମଦାନି ବନ୍ଦ ହୋଇଯାଇଛି। ଏହା ମିଲ୍‌ଗୁଡ଼ିକୁ ତାଲା ପଡ଼ିବାର ଦ୍ୱାରଦେଶରେ ପହଞ୍ଚାଇଛି। ଏପରି ପରିସ୍ଥିତିରେ ଦେଶରେ ବର୍ତ୍ତମାନ ଖବର କାଗଜ ଶିଳ୍ପ ବା ଛାପା ଗଣମାଧ୍ୟମ ଏହାର ଅସ୍ତିତ୍ୱକୁ ନେଇ ସଂଘର୍ଷ କରୁଛି।

ଶିଳ୍ପ ବିଶେଷଜ୍ଞଙ୍କ କହିବାନୁଯାୟୀ, ମୂଲ୍ୟ କେତେ ବୃଦ୍ଧି ପାଇବ, ତାହାର ସମ୍ପୂର୍ଣ୍ଣ ଚିତ୍ର ସ୍ପଷ୍ଟ ନୁହେଁ। କାରଣ ବର୍ତ୍ତମାନର ଯୋଗାଣ ପୁରୁଣା ଚୁକ୍ତି କିମ୍ବା ବିଦ୍ୟମାନ ଷ୍ଟକ୍ ସହିତ ଜଡ଼ିତ। ଯଦିଓ ଭାରତରେ ବର୍ତ୍ତମାନ ଆସୁଥିବା ଅଧିକାଂଶ ନ୍ୟୁଜ୍‌ପ୍ରିଣ୍ଟ ପୁରୁଣା ଚୁକ୍ତିନାମା ଅନୁଯାୟୀ ଆସୁଛି, ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କା ଅଧିକ ଦୁର୍ବଳ ହେବା ଆମଦାନୀକୁ ଅଧିକ ମହଙ୍ଗା କରିଦେଇଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟ ରେକର୍ଡ ୯୫ଟଙ୍କା ସ୍ତର ଅତିକ୍ରମ କରିଯାଇଛି। ଆହୁରି ମଧ୍ୟ, ପରିବହନ ମାର୍ଗରେ ପରିବର୍ତ୍ତନ ଏହି ସମସ୍ୟାର ଅନ୍ୟ ଏକ ବଡ଼ କାରଣ। ପୂର୍ବରୁ, ଜାହାଜଗୁଡ଼ିକ ସୁଏଜ୍ କେନାଲ ଏବଂ ଲୋହିତସାଗର ଦେଇ ଯାତ୍ରା କୁରଥିଲେ। କିନ୍ତୁ ବର୍ତ୍ତମାନ ସେଗୁଡ଼ିକୁ କେପ୍-ଅଫ୍-ଗୁଡ୍-ହୋପ୍ ଦେଇ ସ୍ଥାନାନ୍ତର କରାଯାଉଛି। ଏହା ସମୟ ଏବଂ ମୂଲ୍ୟ ଉଭୟ ବୃଦ୍ଧି କରିଛି। ଏହି ପରିବର୍ତ୍ତନ ନ୍ୟୁଜ୍‌ପ୍ରିଣ୍ଟ ଏବଂ ବର୍ଜ୍ୟ କାଗଜ ଉଭୟ ପାଇଁ ସାମୁଦ୍ରିକ ମାଲ ପରିବହନକୁ ମହଙ୍ଗା କରିଛି। ବର୍ଦ୍ଧିତ ଭୂ-ରାଜନୈତିକ ବିପଦ ସାମୁଦ୍ରିକ ବୀମା ପ୍ରିମିୟମ୍ ବୃଦ୍ଧି କରିଛି। ପ୍ରମୁଖ ବନ୍ଦରଗୁଡ଼ିକରେ ଅବରୋଧ ମଧ୍ୟ କଣ୍ଟେନର୍‌ର ଅଭାବକୁ ନେଇ ଆସୁଛି, ଯାହା ଲଜିଷ୍ଟିକ୍ସକୁ ଆହୁରି ଚାପଗ୍ରସ୍ତ କରିଛି।

ଏସବୁ ବାଦ୍, କଞ୍ଚାମାଲ (ଆଲୁମିନିୟମ) ମୂଲ୍ୟବୃଦ୍ଧି ଏବଂ ଯୋଗାଣ ଶୃଙ୍ଖଳା ବାଧା ଯୋଗୁଁ ଖବରକାଗଜ ଶିଳ୍ପରେ ବ୍ୟବହୃତ ସିଟିପି (କମ୍ପ୍ୟୁଟର-ଟୁ-ପ୍ଲେଟ୍) ପ୍ଲେଟ୍‌ର ମୂଲ୍ୟ ବୃଦ୍ଧି ପାଉଛି। ଏହା ମୁଦ୍ରଣ ଖର୍ଚ୍ଚ ବୃଦ୍ଧିର ମୁଖ୍ୟ କାରଣ। ସିଟିପି ପ୍ଲେଟ୍ ମୁଖ୍ୟତଃ ଆଲୁମିନିୟମ୍‌ରେ ତିଆରି ଏବଂ ବିଶ୍ୱ ଆଲୁମିନିୟମ ମୂଲ୍ୟରେ ଅସ୍ଥିରତା ପ୍ଲେଟ୍ ମୂଲ୍ୟକୁ ସିଧାସଳଖ ଭାବେ ପ୍ରଭାବିତ କରୁଛି। ଏହାଛଡ଼ା ଚୀନ୍‌ରୁ ଆମଦାନୀରେ ସମ୍ଭାବ୍ୟ ବାଧା (ଯେପରିକି ଲଜିଷ୍ଟିକ୍ସ, ଟାରିଫ୍ କିମ୍ବା ଉତ୍ପାଦନ ଅଭାବ) ସ୍ଥାନୀୟ ଭାରତୀୟ ବଜାରରେ ଯୋଗାଣ ହ୍ରାସ କରୁଛି। ଉଚ୍ଚମାନର, ପରିବେଶ ଅନୁକୂଳ ଏବଂ ଦୀର୍ଘସ୍ଥାୟୀ ପ୍ଲେଟ୍ ଉତ୍ପାଦନ ପାଇଁ ଆବଶ୍ୟକ ଶକ୍ତି ଏବଂ ରାସାୟନିକ ଦ୍ରବ୍ୟର ମୂଲ୍ୟ ଏହା ସହ ତାଳ ଦେଇ ମଧ୍ୟ ବୃଦ୍ଧି ପାଇଛି। ଏସବୁ ସ୍ଥିତି ଖବର କାଗଜ ପ୍ରିଣ୍ଟ ଖର୍ଚ୍ଚକୁ ବହୁଗୁଣ ବଢ଼ାଇ ଦେଇଛି। ଫଳରେ ବର୍ତ୍ତମାନ ଭାରତର ଖବରକାଗଜ ଶିଳ୍ପ ଏକ ବଡ଼ ବିପଦ ଆଡ଼କୁ ଠେଲି ହୋଇଯାଇଛି।

**ଜିଓ ବିରୋଧରେ ଟ୍ରାଇର ବଡ଼ କାର୍ଯ୍ୟାନୁଷ୍ଠାନ**

# ଟାରିଫ୍ ପ୍ଲାନ୍‌ରେ ପକ୍ଷପାତିତା

**କିଛି ଟାରିଫ୍ ପ୍ଲାନ୍ ପ୍ରକ୍ରିୟା ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ**
**ଏପ୍ରିଲ ୧୪ ସୁଦ୍ଧା ଜବାବ ତଲବ**

ନୂଆଦିଲ୍ଲୀ,୪।୪(ଏଜେନ୍ସି): ଟେଲିକମ୍ ନିୟାମକ ଟ୍ରାଇ ଦେଶର ସର୍ବବୃହତ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓକୁ କିଛି ଟାରିଫ୍ ପ୍ଲାନ୍ ସହିତ ଜଡିତ ପ୍ରକ୍ରିୟା ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଛି। ଟ୍ରାଇ କମ୍ପାନୀକୁ ଏପ୍ରିଲ ୧୪ ସୁଦ୍ଧା ଏହି ନିର୍ଦ୍ଦେଶ ଅନୁପାଳନ କରିବାକୁ କହିଛି। ଟ୍ରାଇ କହିଛି ଯେ ଜିଓର କିଛି ଟାରିଫ୍ ପ୍ଲାନ୍ ସମସ୍ତ ପ୍ଲାଟଫର୍ମରେ ସମାନ ଭାବରେ ଉପଲବ୍ଧ ନ ଥିଲା ଏବଂ ଏଥିରେ ସ୍ୱଚ୍ଛତାର ଅଭାବ ଥିଲା। ନିୟାମକ କମ୍ପାନୀକୁ ନିଶ୍ଚିତ କରିବାକୁ କହିଛି ଯେ ସମସ୍ତ ଯୋଜନା ୱେବସାଇଟ୍, ଆପ୍, ଖୁଚୁରା ଷ୍ଟୋର ଏବଂ ଗ୍ରାହକ ସେବା ସମେତ ସମସ୍ତ ପ୍ଲାଟଫର୍ମରେ ସ୍ଥିର ଭାବରେ ଉପଲବ୍ଧ। ଏହା କିଛି ଯୋଜନା ଉପରେ ଡିଭାଇସ୍-ଆଧାରିତ ପ୍ରତିବନ୍ଧକକୁ ହଟାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛି। ଟ୍ରାଇର ତଦନ୍ତ ୨୦୨୫ ଅଗଷ୍ଟରେ ଆରମ୍ଭ ହୋଇଥିଲା ଯେତେବେଳେ ଜିଓ କିଛି ଏଣ୍ଟ୍ରି-ଲେଭଲ୍ ପ୍ରି-ପେଡ୍ ଯୋଜନା ବନ୍ଦ କରିଦେଇଥିଲା ଯାହା ପ୍ରତିଦିନ ୧ଜିବି ଡାଟା ପ୍ରଦାନ କରୁଥିଲା। ସେହି ସମୟରେ, କମ୍ପାନୀ କହିଥିଲା ଯେ ଏହି ଯୋଜନାଗୁଡ଼ିକ କେବଳ ଏହାର ଖୁଚୁରା ଷ୍ଟୋର ମାଧ୍ୟମରେ ଉପଲବ୍ଧ ଥିଲା।

ତଦନ୍ତରୁ ଜଣାପଡିଛି ଯେ ୨୪୯ ଟଙ୍କା ଏବଂ ୧୯୯ ଟଙ୍କା ସ୍ୱତନ୍ତ୍ର ଶୁଳ୍କ ଭାଉଚର କେବଳ ଜିଓ ଷ୍ଟୋରଗୁଡ଼ିକରେ ଉପଲବ୍ଧ ଥିଲା, ଯେତେବେଳେ ୨୦୯ ଟଙ୍କିଆ ପ୍ଲାନ୍ କେବଳ ମାଇଁ ଜିଓ ଆପ୍ ମାଧ୍ୟମରେ ଉପଲବ୍ଧ ଥିଲା। ଟ୍ରାଇ ଏହାକୁ ନିୟମ ବିରୁଦ୍ଧ ବୋଲି କହିଛି ଏବଂ କହିଛି ଯେ ଏପରି ସୀମିତ ଉପଲବ୍ଧତା ଗ୍ରାହକଙ୍କ ପାଇଁ ସ୍ୱଚ୍ଛତାର ନୀତିକୁ ଉଲ୍ଲଂଘନ କରୁଛି। ଟ୍ରାଇ ଏହା ମଧ୍ୟ କହିଛି ଯେ ୨୦୨୦ ନିୟମ ଅନୁଯାୟୀ, ଗ୍ରାହକମାନଙ୍କୁ କୌଣସି ଅସୁବିଧାକୁ ଏଡାଇବା ପାଇଁ ଟେଲିକମ୍ କମ୍ପାନୀଗୁଡ଼ିକୁ ସେମାନଙ୍କର ସମସ୍ତ ଟାରିଫ୍ ପ୍ଲାନ୍ ସମସ୍ତ ପ୍ଲାଟ୍‌ଫର୍ମରେ ସମାନ ଭାବରେ ସାର୍ବଜନୀନ କରିବାକୁ ବାଧ୍ୟ। ଟ୍ରାଇ ରିଲାଏନ୍ସ ଜିଓର ଡିଭାଇସ୍-ନିର୍ଦ୍ଦିଷ୍ଟ ଟାରିଫ୍ ପ୍ଲାନ୍ ଉପରେ ଆପତ୍ତି ଉଠାଇଛି। ଟ୍ରାଇ କହିଛି ଯେ ଜିଓର ଫିଚର୍ ଫୋନ୍ ସହିତ ଜଡିତ ସ୍ୱତନ୍ତ୍ର ରିଚାର୍ଜ ପ୍ଲାନ୍ ଯେପରିକି ଜିଓ ଫୋନ୍ ଏବଂ ଜିଓ ଭାରତ ଅନ୍ୟ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ ନୁହେଁ, ଯାହା ପକ୍ଷପାତପୂର୍ଣ୍ଣ।

# ତୃପ୍ତି ଟୋୟଟା ଡିଲରସିପ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୪।୪ (ସମିସ): ଭୁବନେଶ୍ୱରରେ ତୃପ୍ତି ଗ୍ରୁପ୍‌ର ଏକ ନୂତନ ଟୋୟଟା କାର ଡିଲରସିପ୍ 'ତୃପ୍ତି ଟୋୟଟା'ର ଶୁଭାରମ୍ଭ ହୋଇଯାଇଛି। ଏହି ନୂଆ ଶୋ' ରୁମ୍ ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ଭୀମପୁର (ଏୟାରପୋର୍ଟ ଛକ ନିକଟରେ) ରହିଥିବାବେଳେ ୱର୍କ ସପ୍ ଖଣ୍ଡଗିରି ଛକସ୍ଥିତ ଡୁମୁଡୁମାଠାରେ ରହିଛି। ବିଏମ୍‌ସି ମେୟର ସୁଲୋଚନା ଦାଶ ମୁଖ୍ୟ ଅତିଥି ରୂପେ ଶୋ' ରୁମ୍‌ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଟୋୟାଟୋ କିର୍ଲୋସ୍କରର ବରିଷ୍ଠ ଅଧିକାରୀମାନେ ସଚିନ୍ ଶର୍ମା (ଭାଇସ୍ ପ୍ରେସିଡେଣ୍ଟ), ବିଜୟ କୁମାର (ମହାପ୍ରବନ୍ଧକ-ପୂର୍ବ), ଅନିମେଶ ନାଗ (ପ୍ରବନ୍ଧକ-ଓଡିଶା ଏବଂ ବଙ୍ଗ), ଦୀପ ପଣ୍ଡା (ଏଫ୍‌ଏସ୍‌ଏମ୍) ପ୍ରମୁଖ ଉପସ୍ଥିତ ଥିଲେ। ପରିଚାଳନା ନିର୍ଦ୍ଦେଶକ ବିମଳେନ୍ଦୁ ମହାନ୍ତି ଏବଂ ଡିଲର ପ୍ରିନ୍ସିପାଲ ଅଙ୍କିତ ମହାନ୍ତି ତାଙ୍କ ଅଭିଭାଷଣରେ ଗ୍ରାହକ ସେବା ଓ ଭବିଷ୍ୟତ ବ୍ୟବସାୟ ବିସ୍ତାର ଉପରେ ଧ୍ୟାନ ଦେବାକୁ ଗୁରୁତ୍ୱାରୋପ କରିଥିଲେ। ଭୁବନେଶ୍ୱରର ଯାଆଁଳାଠାରେ ନୂତନ ଶୋ' ରୁମ୍ ଓ ସର୍ଭିସ୍ ସେଣ୍ଟର ଖୋଲିବାର ଯୋଜନା ରହିଛି। କାର୍ଯ୍ୟକ୍ରମ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଗ୍ରାହକଙ୍କୁ ଗାଡି ହସ୍ତାନ୍ତରଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଠାରେ ଗ୍ଲାଞ୍ଜା, ଟାଇସର, ରୁମିୟନ୍, ହାଇରାଇଡର, କ୍ରିଏଷ୍ଟା, ହାଇକ୍ରସ୍, ଫର୍ଚୁନର, କ୍ୟାମ୍ରି, ହାଇଲକ୍ସ, ଭେଲଫାୟାର ଏବଂ ଲ୍ୟାଣ୍ଡ କ୍ରୁଜର ଆଦି ଗାଡି ପ୍ରଦର୍ଶିତ ହୋଇଥିଲା। ତୃପ୍ତି ଟୋୟଟା ଗୋଟିଏ ଛାତ ତଳେ ବିକ୍ରି, ସେବା, ଯନ୍ତ୍ରାଂଶ, ବୀମା, ଆର୍ଥିକ, ଏକ୍ସଚେଞ୍ଜ, ଆସେସୋରିଜ୍ ଏବଂ ଏକ୍ସଟେଣ୍ଡେଡ୍ ୱାରେଣ୍ଟି ଭଳି ସେବା ପ୍ରଦାନ କରିବା ସହ ଉତ୍ତମ ଗୁଣବତ୍ତା ଓ ଗ୍ରାହକ ସନ୍ତୁଷ୍ଟିକୁ ପ୍ରାଧାନ୍ୟ ଦେଉଛି।

# ଟିକସ ପୂର୍ବ ଲାଭରେ ଇଫ୍‌କୋର ନୂଆ ରେକର୍ଡ

ମୁମ୍ବଇ,୪।୪: ଭାରତୀୟ କିଷାନ ଫର୍ଟିଲାଇଜର କୋଅପରେଟିଭ ଲିମିଟେଡ (ଇଫକୋ)ର ଅଧ୍ୟକ୍ଷ ଦିଲୀପ ସଂଘାଣୀ କହିଛନ୍ତି ଯେ ୨୦୨୫-୨୬ ଆର୍ଥିକବର୍ଷ ଭାରତର ସହକାରୀ ଆନ୍ଦୋଳନ ପାଇଁ ଏକ ଐତିହାସିକ ବର୍ଷ ହେଲା। ଏହି ବର୍ଷ ଇଫ୍‌କୋ ୪୧୦୬ କୋଟିରୁ ଅଧିକ ପୂର୍ବ-କର ଲାଭ ହାସଲ କରି ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ସେ କହିଛନ୍ତି ଯେ ୧୯୬୭ ମସିହାରେ ମାତ୍ର ୫୭ଟି ସହକାରୀ ସମିତି ସହିତ ଆରମ୍ଭ ହୋଇଥିବା ଇଫକୋ ଆଜି ୩୬,୦୦୦ ରୁ ଅଧିକ ସମିତି ଏବଂ କୋଟି କୋଟି ଚାଷୀଙ୍କ ବିଶ୍ୱାସର ପ୍ରତୀକ ହୋଇଛି। ବିଶ୍ୱର ଦ୍ୱିତୀୟ ସର୍ବବୃହତ ସହକାରୀ ସଂସ୍ଥା ଭାବେ ଏହାର ସ୍ଥାନ ଭାରତର ସହକାରୀ ଶକ୍ତିର ଜୀବନ୍ତ ଉଦାହରଣ। ଇଫକୋ ଉତ୍ପାଦନ ଓ ବିକ୍ରିରେ ମଧ୍ୟ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି। ୧୧୮.୭୫ ଲକ୍ଷ ମେଟ୍ରିକ ଟନ ସାର ବିକ୍ରୟ ଏବଂ ୧୧୯.୬୮ ଲକ୍ଷ ମେଟ୍ରିକ ଟନ ସାର ଦେଶ ଜୁଡି ଯୋଗାଣ କରାଯାଇଛି। ଏହା ଚାଷୀଙ୍କ ଆବଶ୍ୟକତା ପୂରଣରେ ଇଫକୋର ଦୃଢ଼ ପ୍ରତିବଦ୍ଧତାକୁ ପ୍ରମାଣ କରେ। ୨୦୨୫-୨୬ ଆର୍ଥିକ ବର୍ଷରେ ନାନୋ ସାରର ଲୋକପ୍ରିୟତା ବେଶି ବୃଦ୍ଧି ପାଇଛି। ୩୦.୧ ଲକ୍ଷ ବୋତଲରୁ ଅଧିକ ନାନୋ ସାର ବିକ୍ରି ହୋଇଛି।

# ସେନ୍ସୋଡାଇନ ଇଣ୍ଡିଆର 'ନୋ ୟୋର ଡେଣ୍ଟାଲ ଏଜ୍' କ୍ୟାମ୍ପେନ୍ ଅଭିଯାନ

ଭୁବନେଶ୍ୱର,୪।୪: ହାଲିଅନର ଅଗ୍ରଣୀ ଓରାଲ କେୟାର ବ୍ରାଣ୍ଡ, ସେନ୍ସୋଡାଇନ ଡେଣ୍ଟଲ ଏଜ୍ ପକ୍ଷରୁ 'ନୋ ୟୋର ଡେଣ୍ଟାଲ ଏଜ୍' ଅଭିଯାନର ଶୁଭାରମ୍ଭ କରାଯାଇଛି। ଭାରତରେ ପ୍ରତି ୧୦ ଜଣ ଲୋକଙ୍କ ମଧ୍ୟରୁ ୯ ଜଣ ଦାନ୍ତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ ଅଧିକାଂଶ ଲୋକଙ୍କ ଲକ୍ଷଣ ଅଧିକ ଗୁରୁତର ହେବା ପରେ ଚିକିତ୍ସା ଖୋଜିଥାନ୍ତି। ପ୍ରାରମ୍ଭିକ ସଚେତନତାକୁ ପରିଚାଳନା କରିବା ଏବଂ ପ୍ରତିଷେଧମୂଳକ ଅଭ୍ୟାସଗୁଡିକୁ ପ୍ରୋତ୍ସାହିତ କରିବା

ପାଇଁ ସେନ୍ସୋଡାଇନ ଡେଣ୍ଟାଲ ଏଜ୍ ଟେଷ୍ଟର ଶୁଭାରମ୍ଭ କରିବା ଲାଗି ଇଣ୍ଡିଆନ ଡେଂଟାଲ ଆସୋସିଏଶନ (ଆଇଡିଏ) ସହ ସହଭାଗିତା କରିଛି। ଏହା ହେଉଛି ଏକ ଅନନ୍ୟ ମୁଖ ସ୍ୱାସ୍ଥ୍ୟ ଓ ସୁସ୍ଥତା ଟୁଲ୍ ଯାହା ଲୋକମାନଙ୍କୁ ସେମାନଙ୍କ ଦାନ୍ତ ଦ୍ରୁତ ବେଗରେ ବୟସ୍କ ହେଉଛି କି ନାହିଁ ବୁଝିବାରେ ସାହାଯ୍ୟ କରିଥାଏ। ଏକ କ୍ୱିକ କ୍ୟୁଆର ସ୍କାନ ମାଧ୍ୟମରେ ପହଞ୍ଚଯୋଗ୍ୟ ଏହି ଟୁଲ ସମ୍ଭାବ୍ୟ ସମସ୍ୟାଗୁଡିକୁ ହାଇଲାଇଟ କରିଥାଏ ଏବଂ ତାହାର ସମାଧାନ ପାଇଁ ସରଳ, କାର୍ଯ୍ୟକ୍ଷମ ପଦକ୍ଷେପ ପ୍ରଦାନ କରିଥାଏ।

# ସ୍କୁଲରେ ସ୍ୱାସ୍ଥ୍ୟ ଏବଂ ପୋଷଣତାକୁ ପ୍ରୋତ୍ସାହିତ କରୁଛି ବେଦାନ୍ତ ଆଲୁମିନିୟମ



ଭୁବନେଶ୍ୱର,୪।୪(ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ପ୍ରାରମ୍ଭିକ ଶୈଶବ, କିଶୋରାବସ୍ଥା, ମାତୃ ସ୍ୱାସ୍ଥ୍ୟ ଏବଂ ବରିଷ୍ଠ ଯତ୍ନ ପାଇଁ ସାମୁହିକ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇଆସୁଛି। ଏହି ଲକ୍ଷ୍ୟ ଅନୁଯାୟୀ, କମ୍ପାନୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହିତ ମିଳିତ ଭାବରେ ପୁରୁଣା ବସ୍ତି ହାଇସ୍କୁଲରେ ଏକ ସଚେତନତା ଏବଂ କୃମିନାଶକ ଅଭିଯାନ ଆୟୋଜନ କରିଥିଲା। ଏହି ପଦକ୍ଷେପ ୧୦-୧୬ ବର୍ଷ ବୟସର ୩୫୦ ରୁ ଅଧିକ ଛାତ୍ରଛାତ୍ରୀଙ୍କ ନିକଟରେ ପହଂଞ୍ଚିଥିଲା, ଯାହା ପିଲାମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ, ପରିଷ୍କାର ପରିଚ୍ଛନ୍ନତା ଏବଂ ପୁଷ୍ଟିକରତାକୁ ପ୍ରୋତ୍ସାହିତ କରିଥିଲା। ଛାତ୍ରଛାତ୍ରୀମାନଙ୍କୁ କୃମିନାଶକର ଗୁରୁତ୍ୱ ଏବଂ ଏହା କିପରି ପରଜୀବୀ ସଂକ୍ରମଣକୁ ରୋକିବାରେ ସାହାଯ୍ୟ କରେ ଯାହା ରକ୍ତହୀନତା ସୃଷ୍ଟି କରିପାରେ ଏବଂ ଜ୍ଞାନାତ୍ମକ ବିକାଶକୁ ପ୍ରଭାବିତ କରିପାରେ ସେ ବିଷୟରେ ଶିକ୍ଷାଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ଝାରସୁଗୁଡାର ପରିବାର କଲ୍ୟାଣର ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ଦୁର୍ଜୟ ଦତଙ୍କ ଉପସ୍ଥିତିରେ, ପ୍ରଜନନ ଏବଂ ଶିଶୁ ସ୍ୱାସ୍ଥ୍ୟର ଉପ-ପ୍ରବନ୍ଧକ ଶ୍ରୀ ଅଶ୍ୱିନୀ ମହାନନ୍ଦଙ୍କ ସହିତ ଅନୁଷ୍ଠିତ ହୋଇଥିଲା। ବେଦାନ୍ତ ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ ତାଙ୍କ ମତ ଦେଇ କହିଛନ୍ତି, ଆମ ପାଇଁ ଆମ ସମ୍ପ୍ରଦାୟର, ବିଶେଷକରି ପିଲାମାନଙ୍କର କଲ୍ୟାଣ ପ୍ରଥମ ପ୍ରାଥମିକତା।

# ବିନା ଓଟିପିରେ ଅନ୍‌ଲାଇନ୍ ପେମେଣ୍ଟ

### 'ସାଇଲେଣ୍ଟ ଅଥେଣ୍ଟିକେସନ୍' ଟେକ୍ନୋଲୋଜି
### ସିମ୍ ଡିଭାଇସ୍ ମେଳ ନ ହେଲେ ହେବନି କାରବାର

ନୂଆଦିଲ୍ଲୀ, ୪।୪ (ଏଜେନ୍ସି): ଦେଶର ବଡ଼ ଘରୋଇ ବ୍ୟାଙ୍କ ଏବଂ ଟେଲିକମ୍ କମ୍ପାନୀଗୁଡ଼ିକ ସମ୍ପ୍ରତି 'ସାଇଲେଣ୍ଟ ଅଥେନ୍‌ଟିକେସନ୍' ଟେକ୍ନୋଲୋଜି ଉପରେ କାମ କରୁଛନ୍ତି। ଏହା ଅନଲାଇନ୍ ପେମେଣ୍ଟ କରିବା ସମୟରେ ୱାନ୍-ଟାଇମ୍ ପାସୱାର୍ଡ (ଓଟିପି) ର ଆବଶ୍ୟକତାକୁ ଦୂର କରିବ। ସିଷ୍ଟମ୍ ପୃଷ୍ଠଭୂମିରେ ଯାଞ୍ଚ କରିବ ଯେ ବ୍ୟାଙ୍କ ଆପ୍‌ରେ ପଞ୍ଜୀକୃତ ନମ୍ବର ଏବଂ ଫୋନ୍‌ର ସିମ୍ କାର୍ଡ ମେଳ ଖାଉଛି କି ନାହିଁ। ଯଦି ସିମ୍ ଏବଂ ନମ୍ବର ମେଳ ଖାଏ ନାହିଁ, ତେବେ କାରବାର ତୁରନ୍ତ ଅବରୋଧ କରାଯିବ। ଏଥିରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବ୍ୟବହାରକାରୀଙ୍କୁ କିଛି କରିବାକୁ ପଡ଼ିବନାହିଁ। ଏହି ପ୍ରଯୁକ୍ତିବିଦ୍ୟା ଇ-ସିମ୍‌ରେ ମଧ୍ୟ କାମ କରିବ। ଏହା ସିମ୍ କ୍ଲୋନିଂ ଏବଂ ଇ-ସିମ୍ ସ୍ୱାପିଂ ଭଳି ଠକେଇକୁ ରୋକିବ। ଏହି ସୂଚନା ଆକ୍ସିସ୍ ବ୍ୟାଙ୍କର ଡିଜିଟାଲ୍ ବ୍ୟବସାୟ ମୁଖ୍ୟ ସମୀର ଶେଟ୍ଟି ପ୍ରଦାନ କରିଛନ୍ତି। ସେଟ୍ଟି କହିଛନ୍ତି, ଆମେ ଟେଲିକମ୍ କମ୍ପାନୀଗୁଡ଼ିକ ସହିତ ମିଶି 'ସାଇଲେଣ୍ଟ ଅଥେନ୍‌ଟିକେସନ୍' ପାଇଁ ଅନେକ ପାଇଲଟ୍ ପ୍ରକଳ୍ପ ଉପରେ କାମ କରୁଛୁ। ଯଦି କୌଣସି ବ୍ୟକ୍ତି ଆପ୍‌ରେ ଲଗ୍ ଇନ୍ କରିଛନ୍ତି




କିନ୍ତୁ ତାଙ୍କର ମୋବାଇଲ୍ ନମ୍ବର ପଞ୍ଜୀକୃତ ନମ୍ବର ସହିତ ମେଳ ଖାଉନାହିଁ, ତେବେ ଟେଲିକମ୍ ନେଟୱାର୍କ ଆମକୁ ଏ ସମ୍ପର୍କରେ ସିଗ୍‌ନାଲ୍ ଦେବ। ଏହା ଗ୍ରାହକଙ୍କୁ ହଇରାଣ ନ କରି ସମ୍ଭାବ୍ୟ ଠକେଇ ଚିହ୍ନଟ କରିବାରେ ଆମକୁ ସକ୍ଷମ କରିବ।

ପିଡବ୍ଲ୍ୟୁସି ଇଣ୍ଡିଆର ସାଇବର ଲିଡର ସୁନ୍ଦରେଶ୍ୱର କୃଷ୍ଣମୂର୍ତ୍ତିଙ୍କ ଅନୁଯାୟୀ, ବର୍ତ୍ତମାନ ପର୍ଯ୍ୟନ୍ତ ସୁରକ୍ଷା ସ୍ତରଗୁଡ଼ିକ ଏପରି ଥିଲା ଯେ ସେଗୁଡ଼ିକୁ ସହଜରେ ହ୍ୟାକ୍ କରାଯାଇପାରିବ। ବର୍ତ୍ତମାନ, ବ୍ୟାଙ୍କ ଏବଂ ଟେଲିକମ୍ କମ୍ପାନୀଗୁଡ଼ିକ ନେଟୱାର୍କର ମୂଳ ଅଂଶକୁ ଯାଞ୍ଚକରଣ ସ୍ଥାନାନ୍ତର କରୁଛନ୍ତି। ଏହି ସିଷ୍ଟମ୍ ପୃଷ୍ଠଭୂମିରେ କାମ କରିବ, ଯାହା ବ୍ୟବହାରକାରୀ କିମ୍ବା ହ୍ୟାକରଙ୍କୁ ଦୃଶ୍ୟମାନ ହେବ ନାହିଁ। ସୁରକ୍ଷା ସୁନିଶ୍ଚିତ କରିବା ପାଇଁ, ଆପ୍ ମଧ୍ୟରେ ଫେସ୍ ଆଇଡି ଏବଂ ଓଟିପି କୋଡ୍ ଜେନେରେସନ୍ ଭଳି ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟ ଯୋଡାଯାଉଛି।

**ଦ୍ୱିଇ-କାରକ ପ୍ରମାଣୀକରଣ ବାଧ୍ୟତାମୂଳକ:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ନୂତନ ନିୟମ ଅନୁଯାୟୀ, ଦେଶର ସମସ୍ତ ଡିଜିଟାଲ୍ କାରବାର ପାଇଁ ଦ୍ୱିଇ-କାରକ ପ୍ରମାଣୀକରଣ (୨ଏଫ୍‌ଏ)କୁ ଏବେ ବାଧ୍ୟତାମୂଳକ କରାଯାଇଛି। ଏଥିରେ ପାସୱାର୍ଡ କିମ୍ବା ପିନ୍ (ଯାହା ଆପଣ ମନେ ରଖିଛନ୍ତି), ଓଟିପି କିମ୍ବା ଆପ୍ କୋଡ୍ (ଯାହା ଆପଣଙ୍କ ଫୋନରେ ଅଛି) ଏବଂ ବାୟୋମେଟ୍ରିକ୍ସ (ଯେପରିକି ମୁହଁ କିମ୍ବା ବୁଢ଼ା ଆଙ୍ଗୁଠି)।

**ହ୍ୱାଟ୍ସଆପ୍‌ରେ ମଧ୍ୟ ଓଟିପି ଗ୍ରହଣ କରାଯାଇପାରିବ:** ନୂତନ ନିୟମ ପରେ ବ୍ୟାଙ୍କଗୁଡ଼ିକ ଏବେ ଓଟିପି ପଠାଇବା ପାଇଁ ହ୍ୱାଟ୍ସଆପ୍ ପରି ତୃତୀୟ-ପକ୍ଷ ଆପ୍ ବ୍ୟବହାର କରିପାରିବେ। ଏହା ଆକଳନ କରାଯାଇଛି ଯେ ପ୍ରତି ମାସରେ ପ୍ରାୟ ୧୦ ବିଲିୟନ କାରବାର ମେସେଜ୍ ପଠାଯାଏ।

# ଚର୍ଚ୍ଚାରେ ସମ୍ବଲପୁରୀ ମ୍ୟୁଜିକ୍ ଭିଡିଓ 'ନଖରା ବାଲି'




ସମ୍ବଲପୁରୀ ମ୍ୟୁଜିକ୍ ଭିଡିଓ 'ନଖରା ବାଲି' ଏବେ ଚାରିଆଡ଼େ ଚର୍ଚ୍ଚାରେ । ସୋସିଆଲ୍ ମିଡ଼ିଆରେ ଏହାକୁ ନେଇ ଏବେ ସମସ୍ତେ ରିଲ୍ସ କରିବାରେ ବ୍ୟସ୍ତ । ଗୀତଟିରେ କଣ୍ଠଦାନ କରିଛନ୍ତି ଅନ୍ତରା ଚକ୍ରବର୍ତ୍ତୀ ଓ ଅଙ୍କିତ୍ । ସେହିପରି ଭିଡିଓଟିରେ ଅଭିନେତା ସ୍ୱାଗ୍ ସାନୁଙ୍କ ସହ କୋଲକାତାର ଚର୍ଚ୍ଚିତ ଅଭିନେତ୍ରୀ ଡୋରି ଅଛନ୍ତି । ଭିଡିଓଟି ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ କୋରିଓଗ୍ରାଫି କରିଛନ୍ତି ଡି ଦୀପକ । ଏହାର ପ୍ରଯୋଜକ ଭାବରେ ଅଛନ୍ତି ରାଘବ ସ୍ୱାଇଁ । ଏହି ମ୍ୟୁଜିକ୍ ଭିଡିଓଟି ଓଡ଼ିଶା ମ୍ୟୁଜିକ୍‌ରେ ରିଲିଜ୍ ହୋଇଛି ।


# ପରଦା ପଛର କାହାଣୀ

# ଅମିତାଭଙ୍କ ଯୋଗୁଁ ଅଡୁଆରେ ଜୀନତ୍

୧୯୭୮ ମସିହାରେ ମୁକ୍ତିଲାଭ କରିଥିଲା କଲ୍ଟ୍ କ୍ଲାସିକ୍ ଆକ୍ସନ୍ ଥ୍ରୀଲର୍ ଫିଲ୍ମ 'ଡନ୍' । ଏହା ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା । ଏଥିରେ ଅମିତାଭ୍ ବଚ୍ଚନ, ଜୀନତ୍ ଅମାନ, ପ୍ରାଣ, ଇଫ୍‌ତେଖର, ହେଲେନ, ଓମ୍ ଶିବପୁରୀ ପ୍ରମୁଖ ତାରକା ଅଭିନୟ କରିଥିଲେ । ଫିଲ୍ମର କାହାଣୀ ଏକ ୱାଣ୍ଟେଡ୍ କ୍ରିମିନାଲ୍ ଉପରେ ଆଧାରିତ । ତେବେ ଏହି ସୁଟିଂ ସେଟ୍‌ରେ ଅମିତାଭଙ୍କ ପାଇଁ ଜୀନତ୍‌ଙ୍କୁ ଅଡୁଆ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିବା ନିକଟରେ ଜଣାପଡ଼ିଛି । ଫିଲ୍ମର ଏକ ଦୃଶ୍ୟରେ ଆଘାତ ଲାଗିଥିବା ଡନ୍ (ଅମିତାଭ)ଙ୍କୁ ରୋମା (ଜୀନତ) ନର୍ସ ହୋଇ ଡାକ୍ତରଖାନାରୁ ଖସିଯିବାରେ ସାହାଯ୍ୟ କରିଥିଲେ । ଏଥିରେ ଜୀନତ୍ ଅଭିନେତା ଅମିତାଭଙ୍କୁ ହ୍ୱିଲ୍‌ଚେୟାରରେ ବସାଇ ଫେରାର୍ ହୋଇଯିବାର ଥିଲା । ହେଲେ ହ୍ୱିଲ୍‌ଚେୟାର୍‌ରେ ହୃଷ୍ଟପୁଷ୍ଟ ଅମିତାଭଙ୍କୁ ବସାଇ ନେବା ଅଭିନେତ୍ରୀଙ୍କ ପାଇଁ ଖୁବ୍ କଠିନ ହୋଇପଡ଼ିଥିଲା । ଜୀନତ୍ ଅମାନ ନିଜେ 'ଡନ୍'ର ଏକ ଭିଡିଓ ପୋଷ୍ଟ କରି ଏହା ପ୍ରକାଶ କରିଛନ୍ତି । ସେ ଲେଖିଛନ୍ତି ଅମିତାଭ ବଚ୍ଚନଙ୍କ ଓଜନିଆ ଶରୀର ସହ ପୁରୁଣା ହ୍ୱିଲ୍‌ଚେୟାର୍ ଚଳାଇବା ତାଙ୍କ ପାଇଁ ଖୁବ୍ କଷ୍ଟକର ଥିଲା । ଏଥିରେ ତାଙ୍କୁ ମୁହଁରେ ମଧ୍ୟ କଷ୍ଟ ହେଉଥିବାର କୌଣସି ଭାବଭଙ୍ଗୀ ଦେଖାଇବାର ନଥିଲା । ତେଣୁ ଚେୟାର୍‌କୁ ଠେଲିବା ପାଇଁ ତାଙ୍କୁ ଅଧିକ ବଳ ପ୍ରୟୋଗ କରିବାକୁ ପଡ଼ିଥିଲା । ଅବଶ୍ୟ ଡନ୍ ଫିଲ୍ମରେ କାମ କରିବା ଜୀନତ୍‌ଙ୍କ ପାଇଁ ଏତେ କଠିନ ନଥିଲା । କାରଣ ସେ ପୂର୍ବରୁ ଅମିତାଭ ବଚ୍ଚନ ଏବଂ ଅନ୍ୟ କ୍ରିଉ ମେମ୍ବରଙ୍କ ସହ କାମ କରିସାରିଥିଲେ । ଏଥିସହ ସେ 'ଡନ୍' ଫିଲ୍ମରେ ଅଭିନୟ କରିବା ପାଇଁ କାହିଁକି ରାଜି ହୋଇଥିଲେ ତାହା ମଧ୍ୟ ଉଲ୍ଲେଖ କରିଛନ୍ତି । ଜୀନତ୍‌ଙ୍କ କହିବାନୁଯାୟୀ ତାଙ୍କୁ ସର୍ବଦା ନିର୍ଭୟ, ସାହସୀ ଏବଂ ସ୍ମାର୍ଟ ମହିଳାର ଭୂମିକା ପସନ୍ଦ । 'ରୋମା' ଚରିତ୍ରରେ ସେ ସବୁ ରହିଥିଲା । ତେଣୁ ରୋମା ଚରିତ୍ର ପାଇଁ ଅଭିନୟ କରିବା ତାଙ୍କ ପାଇଁ ସୌଭାଗ୍ୟ ଥିଲା । ୧୯୭୮ ମସିହାରେ ସର୍ବାଧିକ ଆୟ କରିଥିବା ଫିଲ୍ମ ମଧ୍ୟରୁ 'ଡନ୍' ଅନ୍ୟତମ । ଏଥିରେ ଅମିତାଭ ବଚ୍ଚନ ଦ୍ୱୈତ ଭୂମିକାରେ ଅଭିନୟ କରିଥିଲେ । ଫିଲ୍ମର କାହାଣୀ ସଲିମ୍ ଯାବେଦ ଲେଖିଥିଲେ ।



# ଛୋଟ ପରଦାରେ 'ଲାଗେ ପ୍ରେମ ନଜର'



'ଜୀ ସାର୍ଥକ' ପକ୍ଷରୁ ଦର୍ଶକଙ୍କ ପାଇଁ ଭେଟି ଦିଆଯାଉଛି ଏକ ହୃଦୟସ୍ପର୍ଶୀ ପାରିବାରିକ ଚଳଚ୍ଚିତ୍ର 'ଲାଗେ ପ୍ରେମ ନଜର' । ଆଜି ଅର୍ଥାତ୍ ଏପ୍ରିଲ୍ ୫ ତାରିଖ ଦିନ ୨ଟା ଏବଂ ପୁନର୍ବାର ସନ୍ଧ୍ୟା ୬ଟା ୩୦ ମିନିଟରେ ଏହାର ମେଗା ୱାର୍ଲ୍ଡ ପ୍ରିମିୟର ହେବ । ପ୍ରେମ, ପ୍ରତାରଣା ଏବଂ ପରିଶେଷରେ କୃତଜ୍ଞତାର ଏକ ନିଆରା ସମନ୍ୱୟ ହେଉଛି 'ଲାଗେ ପ୍ରେମ ନଜର' । ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଅଭିନେତା ଅମ୍ଲାନ, ଅଭିନେତ୍ରୀ ପ୍ରିୟା ଚୌଧୁରୀ, ରିୟା ଦେ, ରାଗିଣୀ ସୁତ୍ରଧର, ରାକେଶ ଦେଓ ପ୍ରମୁଖ ନଜର ଆସିବେ । ପୂର୍ବରୁ ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟରେ ଦର୍ଶକଙ୍କ ମନ ଜିତିଥିବା ଏହି ଚଳଚ୍ଚିତ୍ରକୁ ଛୋଟ ପରଦାରେ ପ୍ରଥମ ଥର ପାଇଁ ଦେଖିପାରିବେ 'ଜୀ ସାର୍ଥକ'ର ସମସ୍ତ ଦର୍ଶକ । 'ଲାଗେ ପ୍ରେମ ନଜର' କେବଳ ଏକ ସିନେମା ନୁହେଁ, ବରଂ ଏହା ସମ୍ପର୍କର ଏକ ଗଭୀର ପରୀକ୍ଷା । ଆମର ପ୍ରିୟ ଦର୍ଶକମାନେ ଚଳଚ୍ଚିତ୍ରର ଆନନ୍ଦ ନେବେ ବୋଲି ଜୀ ସାର୍ଥକର ବିଜିନେସ୍ ହେଡ୍ ରାହୁଲ ରାଓ କହିଛନ୍ତି ।

# ମନମୋହିଲା 'ଆଫା'



ଏକ ସାଧାରଣ ପରିବାରର ଅସାଧାରଣ କାହାଣୀକୁ ନେଇ ବଡ଼ ପରଦାକୁ ଆସିଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଆଫା' - ଲାଇଫ୍ ଆଫ୍ଟର୍ ଲାଇଫ୍ । ଏପ୍ରିଲ୍ ୩ ତାରିଖରେ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ ପରେ ଏହି ଫିଲ୍ମଟି ସିନେ ଦର୍ଶକଙ୍କ ମନକୁ ଛୁଇଁ ପାରିଛି । ବାପା, ମା', ଜେଜେବାପା ଓ ଝିଅକୁ ନେଇ ଗଢ଼ା ଏହି ପରିବାରର କାହାଣୀକୁ ଦେଖିଲେ ପ୍ରତ୍ୟେକ ଦର୍ଶକଙ୍କୁ ଏହା ନିଜର କାହାଣୀ ବୋଲି ମନେ ହେବ । ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ସୁନାମଧନ୍ୟ ନିର୍ଦ୍ଦେଶକ ଅଶୋକ ପତିଙ୍କ ସୁକନ୍ୟା ଅନମୋଲ ପତି ନିଜର ଅଭିନୟ ଯାତ୍ରା ଆରମ୍ଭ କରିଛନ୍ତି । ଅନ୍ୟାନ୍ୟ ମୁଖ୍ୟ ଭୂମିକାରେ ବରିଷ୍ଠ ଅଭିନେତା କୁନା ତ୍ରିପାଠୀ, ପ୍ରୀତିରାଜ ଶତପଥୀ, ନୈନା ଦାଶ, ହର ରଥ, ସିଦ୍ଧାର୍ଥ ତିୱାରୀ, ଶିଶୁ କଳାକାର ମିଭାନ୍ ସିଦ୍ଧାର୍ଥ ତିୱାରୀଙ୍କ ସମେତ ବହୁ ନାମୀ କଳାକାର ଅଭିନୟ କରିଛନ୍ତି । ପ୍ରୀତିରାଜ ଶତପଥୀ ଓ ନୈନା ଦାଶ ତିୱାରୀଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରକୁ ପ୍ରୀତିରାଜ ଶତପଥୀଙ୍କ ନିର୍ଦ୍ଦେଶନାରେ ସହ-ନିର୍ଦ୍ଦେଶନା ଦେଇଛନ୍ତି ରାଜେଶ କୁମାର ବାରିକ ଓ କ୍ରିଷ୍ଣା । ଚଳଚ୍ଚିତ୍ରର ସଂଳାପ ରଚନା କରିଛନ୍ତି ଅଭିନେତା କୁନା ତ୍ରିପାଠୀ । ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ଏବଂ ଗୀତିକାର ବାପୁ ଗୋସ୍ୱାମୀ ଓ ଦିବ୍ୟ କୁମାର ସାହୁଙ୍କ ମିଳିତ ପ୍ରୟାସରେ ପ୍ରସ୍ତୁତ ଗୀତଗୁଡ଼ିକରେ ଦୀପ୍ତିରେଖା ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ ଓ ଶଶାଙ୍କ ଶେଖର ପ୍ରମୁଖ କଣ୍ଠଦାନ କରିଛନ୍ତି । ଚଳଚ୍ଚିତ୍ରର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ପ୍ରଣୟ ଜେଠୀ । ବିଶ୍ୱଜିତ୍ କୁଲଡିଙ୍କ ଚିତ୍ତାକର୍ଷକ ସିନେମାଟୋଗ୍ରାଫି ଦର୍ଶକଙ୍କୁ ବାନ୍ଧି ରଖିଛି ।

# ଏପ୍ରିଲ୍ ୧୭ରେ 'ବିନ୍ଦୁସାଗର'



ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ବିନ୍ଦୁସାଗର' ଚଳିତ ମାସ ୧୭ ତାରିଖରେ ସାରା ଦେଶରେ ମୁକ୍ତିଲାଭ କରିବାକୁ ଯାଉଛି । ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଏକ ସୁନ୍ଦର ସମ୍ମିଶ୍ରଣ ସହ 'ବିନ୍ଦୁସାଗର' ଏକ ଏମିତି କାହାଣୀ ନେଇ ଆସୁଛି, ଯାହା ଦର୍ଶକଙ୍କୁ ସିନେମା ସହିତ ଗଭୀର ଭାବେ ଯୋଡ଼ି ରଖିବ । ଫିଲ୍ମଟି ରିଲିଜ୍ ପୂର୍ବରୁ ଡିଜିଟାଲ୍ ମାଧ୍ୟମରେ ବ୍ୟାପକ ପ୍ରଭାବ ପକାଇ ପାରିଛି । ଟିଜର୍ ଓ ସଙ୍ଗୀତ ଦର୍ଶକମାନଙ୍କ ଭିତରେ ବିଶେଷ ଆକର୍ଷଣ ସୃଷ୍ଟି କରିବାରେ ସମର୍ଥ ହୋଇଛି । ବିଶେଷ କରି ଗାୟକ ହ୍ୟୁମାନ୍ ସାଗରଙ୍କ କଣ୍ଠରେ 'ଟାଙ୍ଗାରେ...' ଗୀତଟି ବର୍ତ୍ତମାନ ଟ୍ରେଣ୍ଡିଂରେ ରହିବା ସହିତ ଶ୍ରୋତାମାନଙ୍କ ହୃଦୟ ଜିତୁଛି । ଫିଲ୍ମରେ ରହିଛି ମୋଟ ନଅ'ଟି ଗୀତ । ଯେଉଁଥିରେ ହ୍ୟୁମାନ ସାଗର, ସୌରଭ ଭରଦ୍ୱାଜ, ଅନ୍ତରା ଚକ୍ରବର୍ତ୍ତୀ, କୁଲଦୀପ ପଟ୍ଟନାୟକ, ଅନନ୍ୟା ଶ୍ରୀତମ ନନ୍ଦ, ଅସୀମା ପଣ୍ଡା ଓ ଆଶିଷ ପ୍ରଧାନ କଣ୍ଠଦାନ କରିଛନ୍ତି । ମହାଦେବ ରାଉତଙ୍କ ସ୍ୱର ସଂଯୋଜନାରେ ଗୀତଗୁଡ଼ିକ ମନଛୁଆଁ ହୋଇ ପାରିଛି । ଏହି ଫିଲ୍ମରେ ଦ୍ୱୀପାନ୍ୱିତ, ପ୍ରକୃତି, ସୋନାଲି ଶର୍ମିଷ୍ଠା, ସତ୍ୟ ରଞ୍ଜନ, ସୁକାନ୍ତ ରଥ ଓ ରବିନ ଦାସ ପ୍ରମୁଖ ନଜର ଆସିବେ । ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅଭିଷେକ ସ୍ୱାଇଁ । 'ପ୍ଲାଟୁନ ୱାନ୍ ଫିଲ୍ମସ୍'ର ଶିଳାଦିତ୍ୟ ବୋରା, 'ବାଉଣ୍ଡଲେସ୍ ବ୍ଲାକ୍‌ବକ ଫିଲ୍ମ'ର ବିନୟ ରେଡ୍ଡୀ ଓ ଶୁଭ ଶେଖର ଭଟ୍ଟାଚାର୍ଯ୍ୟଙ୍କ ସହ 'ଏମ୍‌ଡିସି ଫିଲ୍ମ ୱାର୍କସ୍'ର ନିଖିଳ ଚୌଧୁରୀଙ୍କ ମିଳିତ ସହଯୋଗରେ ନିର୍ମିତ ହୋଇଛି ଫିଲ୍ମ 'ବିନ୍ଦୁ ସାଗର' । 'ବିନ୍ଦୁ ସାଗର' ଦର୍ଶକଙ୍କ ମନମୋହିବ ବୋଲି ପ୍ରଯୋଜନା ସଂସ୍ଥା ଆଶା କରିଛି ।

## ସାକ୍ଷାତକାର

# "ଅଭିନୟ ପ୍ରତି ଉତ୍ସର୍ଗୀକୃତ ମନୋଭାବ ରହିବା ଦରକାର"



ପ୍ରଭାସିନୀ ଜେନା, ଅଭିନେତ୍ରୀ

**ମା'ଙ୍କର ଇଚ୍ଛା ଥିଲା ଝିଅ ଜଣେ ଆଗଧାଡ଼ିର ଅଭିନେତ୍ରୀ ହେଉ । ମା'ଙ୍କ ସ୍ୱପ୍ନ ପୂରା କରିବାକୁ ଝିଅ ସ୍କୁଲ ପଢ଼ା ସମୟରୁ ନୃତ୍ୟରେ ନିଜର ପ୍ରତିଭାକୁ ପ୍ରଦର୍ଶିତ କରିଥିଲେ । ଏହା ପରେ ସେ ଅଡିସନ୍ ଦେଇ ଧାରାବାହିକ 'ରାନୀ'ରେ ଅଭିନୟ ଆରମ୍ଭ କଲେ । ସେ ଏକାଧିକ ଧାରାବାହିକରେ କାମ କରିଛନ୍ତି । ନିଜର ଚମତ୍କାର ଅଭିନୟ ଦ୍ୱାରା ଦର୍ଶକଙ୍କ ହୃଦୟ ଜିଣିଥିବା ଏହି ଉଦୀୟମାନ ଅଭିନେତ୍ରୀ ଜଣକ ହେଉଛନ୍ତି କେନ୍ଦୁଝରର ପ୍ରଭାସିନୀ ଜେନା । 'ସୀମା' ନାଁରେ ସେ ଲୋକପ୍ରିୟ । ଧାରାବାହିକ 'ସୁନୟନା'ର ସୁନୟନା ଚରିତ୍ର ପାଇଁ ସେ ଘରେ ଘରେ ପରିଚିତ । ତେବେ ଅଭିନୟ କ୍ଷେତ୍ରରେ ତିଷ୍ଠି ରହିବାକୁ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ ।**

**ଅଭିନୟ ଯାତ୍ରା କେବେଠୁ ଆରମ୍ଭ ହେଲା?**

- ଅଭିନେତ୍ରୀ ହେବା ମୋର ସ୍ୱପ୍ନ ନଥିଲା । ଏହି ସ୍ୱପ୍ନ ମୋ ମା' ଦେଖିଥିଲେ । ତାଙ୍କ ସ୍ୱପ୍ନକୁ ପୂରା କରିବାକୁ ସ୍କୁଲରେ ପଢ଼ିବା ସମୟରେ ନୃତ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଥିଲି । ରାଜ୍ୟସ୍ତରୀୟ ପୁରସ୍କାର ମଧ୍ୟ ଗ୍ରହଣ କରିଛି । ସମୟକ୍ରମେ ଏହି ସାହସ ମୋତେ ଅଭିନେତ୍ରୀ ହେବାକୁ ସୁଯୋଗ ଦେଇଥିଲା । ବିଭିନ୍ନ ସ୍ଥାନରେ ଅଡିସନ୍ ଦେଲି । 'ରାନୀ' ଧାରବାହିକ ମୋର ପ୍ରଥମ ଧାରାବାହିକ । ଏଥିରେ ମୁଁ ନାୟିକାର ବାନ୍ଧବୀ ସନ୍ଧ୍ୟା ଭାବେ ଅଭିନୟ ଆରମ୍ଭ କରିଥିଲି । ଏହାପରେ 'ରହିଛି ରହିବି ତୋରି ପାଇଁ', 'ତୋ ପାଇଁ ମୁଁ ମୋ ପାଇଁ ତୁ', 'ସୁନୟନା', 'ଗୌରୀ' ଆଦି ଧାରବାହିକରେ ଅଭିନୟ କରିବାର ସୁଯୋଗ ମିଳିଛି ।

**କ୍ୟାମେରାକୁ ସାମ୍ନା କରିବାରେ ଭୟ ଲାଗିଥିଲା କି?**

- ପ୍ରଥମ ଥର କ୍ୟାମେରାକୁ ସାମ୍ନା କରିଲେ ଭୟ ଲାଗିବା ସାଧାରଣ କଥା । ହେଲେ ମୁଁ ଏଥିରୁ ବ୍ୟତିକ୍ରମ । କାରଣ ମୁଁ ଯେତେ ବି ମେଗା ଧାରିବାହିକରେ କାମ ଆରମ୍ଭ କରିଛି ପ୍ରତିଟି ଥର କ୍ୟାମେରାକୁ ସାମ୍ନା କଲେ ଭୟ ଥାଏ । ହେଲେ ସୁନୟନା ଚରିତ୍ରରେ ଅଭିନୟ କଲା ସମୟରେ ମୋର ସେହି ଡର ଛାଡ଼ି ଯାଇଥିଲା ।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

- ଆମ ଘରେ ପିଲାଙ୍କୁ କାହାକୁ ଫୋନ୍ ଦିଆଯାଏ ନାହିଁ । ଏ ଲାଇନ୍‌କୁ ଆସିବା ପରେ ବି ମୋ' ପାଖେ ଫୋନ୍ ନ ଥିଲା । ତେଣୁ ପ୍ରଥମ ପାରିଶ୍ରମିକରୁ କିଛି ପଇସା ଘରକୁ ଦେଇଥିଲି । ନିଜ ପାଇଁ ପ୍ରଥମ ଥର ପାଇଁ ଏକ ଫୋନ୍ କିଣିଥିଲି ।

**ମୁଖ୍ୟ ଚରିତ୍ରରେ କାମ ମିଳିବା ପରେ କେତେ ଖୁସି ଥିଲେ?**

- ଆରମ୍ଭରୁ ତିନି ଚାରିଟି ଧାରାବାହିକରେ ସେକେଣ୍ଡ ଲିଡ୍‌ରେ କାମ କରିଥିଲି । ହେଲେ ଏହାରି ଭିତରେ ମୋ କାମକୁ ଦେଖି 'ସୁନୟନା' ନିର୍ମାତା ମୋତେ ସେହି ଧାରାବାହିକରେ ମୁଖ୍ୟ ଚରିତ୍ରରେ ଅଭିନୟ କରିବାକୁ ସୁଯୋଗ ଦେଇଥିଲେ । ଏହି ଖବର ମୋତେ ବହୁତ ଖୁସି ଦେଇଥିଲା । ଅଭିନୟ କ୍ଷେତ୍ରରେ ଆଗକୁ ବଢ଼ିବାକୁ ଭରପୂର ସୁଯୋଗ ମଧ୍ୟ ଦେଇଛି ।

**'ସୁନୟନା'କୁ ନେଇ କ'ଣ କହିବେ?**

- ପ୍ରଭାସିନୀ ଯେମିତି ଜଣେ ଟିପିକାଲ୍ ଗାଉଁଲି ଝିଅ, ସୁନୟନା ଚରିତ୍ର ବି ସମାନ ଥିଲା । ସୁନୟନା ପ୍ରଭାସିନୀ ପରି ବହୁତ ସାଧାସିଧା, ଗଛ ଚଢ଼ିବାଠୁ ପହଁରିବା, ଠାକୁର ପୂଜା କରିବା ଆଦି ସବୁ କ୍ଷେତ୍ରରେ ସେ ପାରଙ୍ଗମ । ସୁନୟନା ଚରିତ୍ରକୁ ଦର୍ଶକ ବହୁତ ଭଲପାଇବା ଦେଇଛନ୍ତି । ହେଲେ ଦୁର୍ଭାଗ୍ୟବଶତଃ ମୋର ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଏହି କିଛି ଦିନ ହେବ ଧାରାବାହିକରୁ ଦୂରେଇ ଯାଇଛି ।

**ସୁଟିଂ ସେଟ୍‌ର ସ୍ମରଣୀୟ ମୁହୂର୍ତ୍ତ?**

- ଯେଉଁଦିନ ମୁଁ ସୁନୟନା ଧାରାବାହିକରୁ କାମ ଛାଡୁଥିଲି, ମୋର ସହକଳାକାର ତଥା ଯେଉଁମାନଙ୍କ ସହିତ ବହୁତ ମିଶିଥିଲି ସେମାନଙ୍କ ଆଖିରେ ମୋ ପ୍ରତି ଥିବା ଇମୋସନ୍, ଆତ୍ମୀୟତାକୁ ମୁଁ କେବେ ବି ଭୁଲି ପାରିବିନି ।

**ଫାଙ୍କା ସମୟରେ ସୀମା କ'ଣ କରନ୍ତି?**

- ସେଟ୍‌ରେ ସମସ୍ତଙ୍କ ସହିତ ମଜାମସ୍ତି କରେ । ଗାଁ'ର କିଛି ପୁରୁଣା ଖେଳ ଖେଳେ ।

**ଆଗକୁ ଯୋଜନା କ'ଣ ରହିଛି?**

- ବର୍ତ୍ତମାନ ସରକାରୀ ଚାକିରି ପାଇଁ ମୁଁ ପ୍ରସ୍ତୁତି କରୁଛି । ଭବିଷ୍ୟତରେ ଭଲ କାହାଣୀ ଓ ଚରିତ୍ର ମିଳିଲେ ନିଶ୍ଚୟ କରିବି ।

**ନୂଆ ପିଲାଙ୍କୁ କ'ଣ କହିବେ?**

- ଭଲ କଳାକାରଟିଏ ହେବାକୁ ହେଲେ, ସବୁବେଳେ ଅଭିନୟ ପ୍ରତି ଉତ୍ସର୍ଗୀକୃତ ମନୋଭାବ ରହିବା ଦରକାର । ତା'ସହିତ ଶୃଙ୍ଖଳିତ ରହି କୌଣସି କଥାକୁ ଶିଖିବା ମନୋବୃତ୍ତି ରଖିବା ଗୁରୁତ୍ୱ ବହନ କରେ । ଏସବୁ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ।

ସକାଳ
THE SAKALA
www.sakalaepaper.com

### ୱାର୍ଲ୍ଡ ଆର୍ଚରୀ ପାରା ସିରିଜ୍‌ରେ ଭାରତକୁ ୧୩ ପଦକ

# ଓଡ଼ିଶାର ପାୟଲଙ୍କୁ ସ୍ୱର୍ଣ୍ଣପଦକ

ଭୁବନେଶ୍ୱର,୪।୪(ସମିସ): ଓଡ଼ିଶାର ପାୟଲ ନାଗ୍ ଥାଇଲାଣ୍ଡରେ ଚାଲିଥିବା ୱାର୍ଲ୍ଡ ଆର୍ଚରୀ ପାରା ସିରିଜ୍‌ରେ ଦ୍ୱିତୀୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ମହିଳା ପାରା କମ୍ପାଉଣ୍ଡ ଇଣ୍ଡିଭିଜୁଆଲ ଫାଇନାଲରେ ସେ ଅଲିମ୍ପିକ୍ କାଂସ୍ୟ ପଦକ ବିଜେତା ଶିତଲ ଦେବୀଙ୍କୁ ପରାସ୍ତ କରି ଏହି ସ୍ୱର୍ଣ୍ଣିମ ସଫଳତା ହାସଲ କରିଛନ୍ତି। ଏହା ଫଳରେ ଓଡ଼ିଶାର ପାୟଲ ତୀରନ୍ଦାଜିରେ ଏକ ବଡ଼ ତାରକା ଭାବେ ଉଭା ହୋଇଛନ୍ତି। ଅନ୍ତର୍ଜାତୀୟସ୍ତରରେ ବିଶ୍ୱର ଶ୍ରେଷ୍ଠ ପାରା ଆର୍ଚର ବିବେଚିତ ଜଣେ ଅଲିମ୍ପିକ୍ ପଦକ ବିଜେତାଙ୍କୁ ଫାଇନାଲ ମୁକାବିଲାରେ ହରାଇ ଚାମ୍ପିଅନ ହେବା ନିଶ୍ଚିତ ଭାବେ ଏକ ଉଲ୍ଲେଖନୀୟ ପ୍ରଦର୍ଶନ। ଫାଇନାଲରେ ପାୟଲ ୧୩୯-୧୩୬ ପଏଣ୍ଟରେ ଶିତଲଙ୍କୁ ପରାସ୍ତ କରିଥିଲେ। ଗତକାଲି ପାୟଲ ଓ ଶିତଲ ମହିଳା କମ୍ପାଉଣ୍ଡ ଡବଲ୍ସରେ ମଧ୍ୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଉଭୟ ଟୁର୍ଣ୍ଣାମେଣ୍ଟ ସାରା ପ୍ରାଧାନ୍ୟ ବିସ୍ତାର କରିଥିବା ଭାରତର ଏହି ଦୁଇ ପାରା ଆର୍ଚର ଆଜି ଅନୁଷ୍ଠିତ ଫାଇନାଲରେ କାଜାଖସ୍ତାନର ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୫୦-୧୪୭ ପଏଣ୍ଟରେ ପରାସ୍ତ କରିଥିଲେ। ଏମାନଙ୍କ ପ୍ରଦର୍ଶନ ବଳରେ ଭାରତ ପ୍ରତିଯୋଗିତାରେ ୭ଟି ସ୍ୱର୍ଣ୍ଣ ସହ ୧୩ଟି ପଦକ ଜିତି ଅଭିଯାନ ଶେଷ କରିଛି। ଏଥିରେ ୩ଟି ଲେଖାଏଁ ରୌପ୍ୟ ଓ କାଂସ୍ୟ ରହିଛି। ଉଭୟ ତଥା ବିଶ୍ୱର ନଂ-୧ ଶିତଲ ଓ ଉଦୀୟମାନ ତାରକା ପାୟଲଙ୍କର ଜନ୍ମରୁ ହାତ ନ ଥିବା ବେଳେ କଠିନ ପରିଶ୍ରମ, ନିଷ୍ଠା ଓ ଦୃଢ଼ ମାନସିକତା ବଳରେ ସଫଳତାର ଶିଖରରରେ ପହଞ୍ଚିବାରେ ସମର୍ଥ ହୋଇଛନ୍ତି। ଉଭୟ ଶୀତଲ ଓ ପାୟଲଙ୍କ ଇଚ୍ଛାଶକ୍ତି ନିକଟରେ ସେମାନଙ୍କ ଶାରିରୀକ ଅକ୍ଷମତା ହାର ମାନିଛି। ପାୟଲଙ୍କ ସଫଳତା ଓଡ଼ିଶାର କ୍ରୀଡ଼ା ଜଗତରେ ଆନନ୍ଦର ଲହରୀ ଖେଳାଇଦେଇଛି। ପାୟଲଙ୍କ ରୂପରେ ଓଡ଼ିଶା ଜଣେ ବିଶ୍ୱ ଚାମ୍ପିଅନଙ୍କୁ ଏବେଠାରୁ ଦେଖିବାକୁ ପାଇଛି। ୨୦୨୫ରେ ଦୁବାଇ ଏସିଆନ୍ ୟୁଥ୍ ପାରା ଗେମ୍ସରେ ପାୟଲ ଡେବ୍ୟୁ କରିଥିଲାବେଳେ ଏଠାରେ ଦ୍ୱିତୀୟଥର ଲାଗି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଛନ୍ତି। ଶିତଲଙ୍କୁ ମଧ୍ୟ ୧୮ ବର୍ଷିୟା ପାୟଲ ଦ୍ୱିତୀୟଥର ଲାଗି ପରାସ୍ତ କରିଛନ୍ତି। ଗତବର୍ଷ ଜୟପୁରରେ ଅନୁଷ୍ଠିତ ପାରା ନ୍ୟାସନାଲରେ ଶିତଲଙ୍କୁ ପ୍ରଥମଥର ହରାଇଥିଲେ ପାୟଲ। ପାୟଲ-ଶିତଲଙ୍କ ଯୋଡି ଏବେ ବିଶ୍ୱ ପାରା ଆର୍ଚରୀରେ ରାଜ କରିବାକୁ ଯାଉଛନ୍ତି। ଏହି ସଫଳତା ଲାଗି ଓଡ଼ିଆ ତଥା ବଲାଙ୍ଗିରର ଝିଅ ପାୟଲଙ୍କୁ ଅଭିନନ୍ଦନର ସୁଅ ଛୁଟିଛି।




### ସମୀର ରିଜ୍‌ଭୀଙ୍କ କ୍ରମାଗତ ଅର୍ଦ୍ଧଶତକ

## ମୁମ୍ବାଇକୁ ହରାଇଲା ଦିଲ୍ଲୀ

ଦିଲ୍ଲୀ,୪।୪(ଏଜେନ୍ସି): ଯୁବ ଖେଳାଳି ସମୀର ରିଜଭୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ ସହାୟତାରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ୱିକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରି ଚଳିତ ଆଇପିଏଲ୍‌ର ପ୍ରଥମ ଦୁଇଟି ଲିଗ୍ ମ୍ୟାଚ୍‌ରେ କ୍ରମାଗତ ବିଜୟ ହାସଲ କରିଛି। ଏହି ମ୍ୟାଚ ଜିତିବାକୁ ମୁମ୍ବାଇ ଘରୋଇ ଟିମ୍ ଦିଲ୍ଲୀ ଆଗରେ ୧୬୩ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ ସମୀର ରିଜଭୀଙ୍କ ୯୦ ଓ ପାଥୁମ ନିଶାଙ୍କାଙ୍କ ୪୪ ରନ୍ ସହାୟତାରେ ୧୧ଟି ବଲ ବାକିଥାଇ ୬ ୱିକେଟରେ ଜିତିନେଇଥିଲା। ସେହିପରି ଏଲଏସ୍‌ଜି ବିପକ୍ଷ ପ୍ରଥମ ଲିଗ୍ ମ୍ୟାଚ୍‌ରେ ସମୀର ଅପରାଜିତ ୭୦ ରନ୍ କରି ଦିଲ୍ଲୀକୁ ଜିତାଇଥିଲେ। ଉଭୟ ମ୍ୟାଚ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ଲାଗି ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ଉଭୟ ଦଳ ପ୍ରଥମ ୧୦ ଓଭରରେ ସମାନ ପ୍ରଦର୍ଶନ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ପାୱାର ପ୍ଲେ'ରେ (ରିକେଲଟନ-ତିଲକ) ଓ ଦିଲ୍ଲୀ କ୍ୟାପିଟାଲ୍ସ (ରାହୁଲ-ରାଣା)ଙ୍କ ୱିକେଟ ହରାଇଥିଲା। ଓପନର ରୋହିତ ଶର୍ମାଙ୍କ ୩୫ ରନ୍ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଉଥିବା ସୂର୍ଯ୍ୟକୁମାର ଯାଦବଙ୍କ ୩୬ ବଲ୍‌ରେ ୫୧ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ୬ ୱିକେଟରେ ୧୬୨ ରନ୍ କରିଥିଲା। ଜବାବରେ ଓପନର ପାଥୁମ ନିଶାଙ୍କା ୪୪ ଓ ଇମ୍ପାକ୍ଟ ପ୍ଲେୟର ସମୀର ୯୦ ରନ୍ କରିବା ଫଳରେ ଦିଲ୍ଲୀ କ୍ୟାପିଟାଲ୍ସ ୧୮.୧ ଓଭରରେ ୪ ୱିକେଟ ହରାଇ ବିଜୟୀ ହୋଇଥିଲା। ୧୬୩ ରନ୍‌ର ଟାର୍ଗେଟକୁ ପିଛା କରି ଦ୍ୱିତୀୟ ଓଭରରେ ଦଳ ୭ ରନ୍‌ରେ ୨ ୱିକେଟ ହରାଇଥିଲା। ଏହି ସମୟରେ ବ୍ୟାଟିଂ କରିବାକୁ ଆସି ସମୀର ତୃତୀୟ ୱିକେଟରେ ନିଶାଙ୍କାଙ୍କ ୪୯ ବଲ୍‌ରୁ ୬୬ ଓ ଚତୁର୍ଥ ୱିକେଟରେ ଡେଭିଡ ମିଲରଙ୍କ ସହ ୩୯ ବଲ୍‌ରୁ ୭୮ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ମ୍ୟାଚ୍ ଜିତିବାକୁ ୧୨ରନ୍ ବାକିଥିଲାବେଳେ ଏକ ଅନାବଶ୍ୟକ ବଡ଼ ସଟ୍ ଖେଳିବାକୁ ଯାଇ ସମୀର ଆଉଟ ହୋଇଥିଲେ। ସେ ୫୧ବଲ୍ ଖେଳି ୭ଟି ଲେଖାଏଁ ଚୌକା ଓ ଛକା ମାରିଥିଲେ।



**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ : ୧୬୨/୬, ୨୦ ଓଭର (ସୂର୍ଯ୍ୟକୁମାର-୫୧, ରୋହିତ-୩୫, ନମନ-୨୮, ମୁକେଶ କୁମାର-୨/୨୬)।

ଦିଲ୍ଲୀ କ୍ୟାପିଟାଲ୍ସ : ୧୬୪/୪, ୧୮.୧ ଓଭର (ରିଜ୍‌ଭୀ- ୯୦, ନିଶାଙ୍କା-୪୪, ମିଲର-୨୧*, ଦୀପକ-୧/୨୦)।

### ■ ୨୦ ବର୍ଷରୁ କମ୍ ସାଫ୍ କପ୍ ଫୁଟବଲ

## ବାଂଲାଦେଶଠାରୁ ହାରିଲା ଭାରତ

ନୂଆଦିଲ୍ଲୀ,୪।୪(ଏଜେନ୍ସି): ୨୦ ବର୍ଷରୁ କମ୍ ସାଫ୍ କପ୍ ଫୁଟବଲ ଫାଇନାଲରେ ବାଂଲାଦେଶଠାରୁ ୪-୩ ପେନାଲ୍ଟି ସୁଟ୍‌ଆଉଟରେ ପରାଜିତ ହୋଇ ଗତଥରର ଚାମ୍ପିଅନ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି। ଏହା ଫଳରେ ଗତ କିଛିବର୍ଷ ଧରି ଭାରତ ଓ ବାଂଲା ମଧ୍ୟରେ ବିଭିନ୍ନ ଏଜ୍‌ଗ୍ରୁପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାଲିଥିବା ପ୍ରତିଦ୍ୱନ୍ଦ୍ୱିତା ପୁଣି ଥରେ ଚର୍ଚ୍ଚାର ଖୋରାକ ଯୋଗାଇଛି। ବାଂଲା ସମର୍ଥକଙ୍କ ଉପସ୍ଥିତିରେ ଭାରତର ଯୁବ ଖେଳାଳି ରିଷି ସିଂ ଓ ଓମାଙ୍ଗ ଡୋଡୁମ୍ ଦୁଇଟି ପେନାଲ୍ଟି ସଟ୍ ମିସ୍ କରିଥିଲେ ବୋଲି କୁହାଯାଉଛି। ଏହା ଯଦି ସତ ହୁଏ, ତେବେ ବାଂଲାଠାରୁ ଭାରତ ଏଜ୍ ଗ୍ରୁପ୍ ଲଢ଼େଇରେ ପଛରେ ପଡ଼ିଯାଇଛି ବୋଲି ଧରି ନେବାକୁ ହେବ। ଅନ୍ୟପକ୍ଷରେ ବାଂଲାଦେଶ ପକ୍ଷରୁ ଖେଳୁଥିବା ଆମେରିକା ଜନ୍ମିତ ଦୁଇ ଖେଳାଳିଙ୍କ ମଧ୍ୟରୁ ରୋନାନ ସୁଲିଭାନ ଶେଷ ପେନାଲ୍ଟିକୁ ଗୋଲରେ ପରିଣତ କରି ବାଂଲାକୁ ଚାମ୍ପିଅନ କରାଇଥିଲେ। ଅନ୍ୟଭାଇ ଡେକ୍‌ଲାନ ସୁଲିଭାନ ଗୋଲ କିପିଂ କରିଥିଲେ। ଉଭୟଙ୍କ ଜେଜେମା ବାଂଲାଦେଶୀ ହୋଇଥିବାରୁ ସେମାନେ ବାଂଲା ପକ୍ଷରୁ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଫାଇନାଲ ମୁକାବିଲାର ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଭାରତ ଏହି ମ୍ୟାଚ୍‌ରେ ଗୋଲ ଦେବାର ଅନେକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ତାହାକୁ କାର୍ଯ୍ୟରେ ପରିଣତ କରିପାରି ନ ଥିଲେ। ଭାରତର ଗୋଲରକ୍ଷକ ସୁରଜ ସିଂ ଅନ୍‌ଫିଟ୍ ଥିଲେ ମଧ୍ୟ ମାତ୍ର ୭ ଦିନ ଆଗରୁ ଭାରତର ହେଡ୍ କୋଚ୍ ଦାୟିତ୍ୱ ନେଇଥିବା ମହେଶ ଗୱାଲି ତାଙ୍କୁ ପରିବର୍ତ୍ତନ କରି ନ ଥିଲେ। ସେ କେବଳ ଜଣେ ଖେଳାଳିଙ୍କୁ ସମଗ୍ର ମ୍ୟାଚ୍‌ରେ ବଦଳାଇଥିଲେ।

## ୱାର୍ଲ୍ଡ ଟିମ୍ ଚେସ୍‌ରେ ଭାଗନେବେ କିସ୍‌ର ୪ ଖେଳାଳି



ଭୁବନେଶ୍ୱର,୪।୪(ସମିସ): ଓଡ଼ିଶା ଲାଗି ଗର୍ବର ମୁହୂର୍ତ୍ତ। କାଜାଖସ୍ଥାନର ଆଲମାଟିରେ ଏପ୍ରିଲ ୬ରୁ ୧୧ ତାରିଖଯାଏ ଖେଳାଯିବାକୁ ଥିବା ୧୪ ବର୍ଷରୁ କମ୍ ଆଇଏସ୍‌ସିଏଫ୍ ୱାର୍ଲ୍ଡ ଟିମ୍ ଚେସ୍‌ରେ ଭାଗନେବାକୁ କିସ୍‌ର ୪ଜଣ ଖେଳାଳି ମନୋନୀତ ହୋଇଛନ୍ତି। ପ୍ରଥମଥର ଲାଗି ୪ଜଣ ଆଦିବାସୀ ଖେଳାଳି ଏଭଳି ସମ୍ମାନଜନକ ପ୍ରତିଯୋଗିତାରେ ଭାଗନେଇ ଓଡ଼ିଶାର ଗୌରବ ବଢ଼ାଇଛନ୍ତି। ସେମାନେ ସମେସ୍ତ କିସ୍‌ରେ ରହି ପାଠ ପଢୁଛନ୍ତି ଟିମ୍ ଇଣ୍ଡିଆ ୱାଇଲ୍ଡ କାର୍ଡ ଏଣ୍ଟ୍ରିରେ ଏହି ପ୍ରତିଯୋଗିତାରେ ଭାଗନେଉଛି। ଏହି ୪ଜଣ ଖେଳାଳି ହେଲେ ମୋହିନୀ ନାଏକ, ମୋନାଲିସା ଭୋଇ, ଶ୍ରୀୟା ନାୟକ ଓ ହୁମେଶ୍ୱରୀ ମଲ୍ଲିକ। କିସ୍‌ର ଗୌରହରି ମହାପାତ୍ରଙ୍କୁ ଟିମ୍ ଇଣ୍ଡିଆର ହେଡ୍ କୋଚ୍ ଓ କିଟ୍‌ର ଜଏଣ୍ଟ ଡାଇରେକ୍ଟର ରଶ୍ମିତା ମହାନ୍ତିଙ୍କୁ ଏହି ଟିମ୍‌ର ମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି। କିଟ୍ ପକ୍ଷରୁ ଏହି ଟିମ୍‌ର ସମସ୍ତ ଖର୍ଚ୍ଚ ବହନ କରାଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳି ଓ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଜୟସ୍ୱାଲ-ଜୁରେଲଙ୍କ ଅର୍ଦ୍ଧଶତକ; ବିଷ୍ଣୋଇଙ୍କ ଚମତ୍କାର ବୋଲିଂ

## ରାଜସ୍ଥାନର ନାଟକୀୟ ବିଜୟ

ଅହମ୍ମଦାବାଦ୍,୪।୪(ଏଜେନ୍ସି): ଲେଗ୍ ସ୍ପିନର ରବି ବିଷ୍ଣୋଇ (୪/୩୧)ଙ୍କ ଯାଦୁକରୀ ବୋଲିଂ ସାଙ୍ଗକୁ ଯଶସ୍ୱୀ ଜୟସ୍ୱାଲ (୫୫) ଓ ଧ୍ରୁବ ଜୁରେଲ (୭୫)ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଶନିବାର ଅନୁଷ୍ଠିତ ଆଇପିଏଲ୍‌ର ୯ମ ଲିଗ୍ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୬ ରନ୍‌ରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି। ଏହା ଫଳରେ ରାଜସ୍ଥାନ ୨ଟି ମ୍ୟାଚ୍‌ରୁ ୨ଟିରେ ଜିତିଥିଲାବେଳେ ଗୁଜରାଟ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ଦ୍ୱିତୀୟ ପରାଜୟ ବରଣ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୧୦ ରନ୍ କରିଥିଲା। ଜବାବରେ ସାଇ ସୁଦର୍ଶନ ୭୩ ରନ୍ ସତ୍ତ୍ୱେ ଗୁଜରାଟ ୧୬୧ ରନ୍‌ରେ ୭ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ରାବାଡା ଓ ରସିଦ୍ ୩୦ ବଲରୁ ୪୩ ରନ୍ ଉଠାଇ ମ୍ୟାଚ୍‌କୁ ରୋମାଞ୍ଚକର ସ୍ଥିତିରେ ପହଞ୍ଚାଇଥିଲେ। ଶେଷ ଓଭରରେ ଗୁଜରାଟକୁ ମ୍ୟାଚ୍ ଜିତିବାକୁ ୧୧ ରନ୍ ଥିଲାବେଳେ ତୁଷାର ଦେଶପାଣ୍ଡେ ଚତୁର ବୋଲିଂ କରିବା ସହ ରସିଦଙ୍କୁ ୨୪ ରନ୍‌ରେ ଆଉଟ କରି ମ୍ୟାଚ୍‌କୁ ଛଡ଼ାଇଆଣିଥିଲେ। ନନ୍ ଷ୍ଟ୍ରାଇକ୍ ଏଣ୍ଡରେ ୨୩ ରନ୍ କରି ରାବାଡା ଅସହାୟ ଭାବେ ଛିଡା ହୋଇଥିଲେ। ଗୁଜରାଟ ୮ ୱିକେଟରେ ୨୦୪ ରନ୍ କରିଥିଲା।



| ଆଜିର ଆଇପିଏଲ୍ ମ୍ୟାଚ୍ | |
|---|---|
| ହାଇଦରାବାଦ ବନାମ ଲକ୍ଷ୍ନୌ | ବେଙ୍ଗାଲୁରୁ ବନାମ ଚେନ୍ନାଇ |
| ଭେନ୍ୟୁ-ହାଇଦରାବାଦ | ଭେନ୍ୟୁ-ବେଙ୍ଗାଲୁରୁ |
| ଖେଳ ଆରମ୍ଭ : ଅପରାହ୍ଣ ୩.୩୦ | ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର | |

**ସଂକ୍ଷିପ୍ତ ସ୍କୋର:** ରାଜସ୍ଥାନ ରୟାଲ୍ସ: ୨୧୦/୬, ୨୦ ଓଭର (ଜୁରେଲ-୭୫, ଜୟସ୍ୱାଲ-୫୫, ସୂର୍ଯ୍ୟବଂଶୀ -୩୧, ରାବାଡା-୨/୪୨)। ଗୁଜରାଟ ଟାଇଟାନ୍ସ: ୨୦୪/୮, ୨୦ ଓଭର (ସୁଦର୍ଶନ-୭୩, ବଟ୍ଲର-୨୬, ରସିଦ୍-୨୪, ରାବାଡା-୨୩*, ବିଷ୍ଣୋଇ-୪/୪୧)।

## ଅଧିନାୟକ ଆହତ: ଖେଳିଲେନି ପାଣ୍ଡ୍ୟା, ଗିଲ୍

ନୂଆଦିଲ୍ଲୀ/ଅହମଦାବାଦ, ୪।୪ (ଏଜେନ୍ସି): ଶନିବାର ଆଇପିଏଲ୍‌ରେ ଦୁଇଟି ମ୍ୟାଚ୍ ଖେଳା ଯାଇଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଖେଳିନଥିଲେ। ସୂର୍ଯ୍ୟକୁମାର ଯାଦବ ଦଳର ନେତୃତ୍ୱ ନେଇଥିବା ବେଳେ ମୁମ୍ବାଇ ପରାସ୍ତ ହୋଇଥିଲା। ଶନିବାର ସନ୍ଧ୍ୟାରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଗୁଜରାଟ ଟାଇଟାନ୍ସର ଅଧିନାୟକ ଶୁବମନ ଗିଲ୍ ଖେଳିନଥିଲେ। ତାଙ୍କ ସ୍ଥାନରେ ଲେଗ୍‌ସ୍ପିନର ରସିଦ୍ ଖାଁ ଗୁଜରାଟର ନେତୃତ୍ୱ ନେଇଥିଲେ। ଟସ୍ ପରେ ରସିଦ୍ କହିଥିଲେ ହେଁ ମାଂସପେଶୀ ଟାଣି ହୋଇ ଯାଇଥିବାରୁ ଗିଲ୍ ଖେଳୁନାହାନ୍ତି। ସେ ଶୀଘ୍ର ସୁସ୍ଥ ହୋଇଯିବେ। ଗିଲ୍‌ଙ୍କ ସ୍ଥାନରେ ଗୁଜରାଟର ଚୂଡ଼ାନ୍ତ ଏକାଦଶରେ ଝାଡ଼ଖଣ୍ଡର ଯୁବ ୱିକେଟ୍ ରକ୍ଷକ ବ୍ୟାଟ୍‌ସମ୍ୟାନ କୁମାର କୁଶାଗ୍ର ଖେଳିଥିଲେ।

## ଆଇପିଏଲ୍‌ରେ କୁଳଦୀପ ଯାଦବଙ୍କ ଶତକୀୟ ମ୍ୟାଚ୍

ନୂଆଦିଲ୍ଲୀ, ୪।୪ (ଏଜେନ୍ସି): ଭାରତୀୟ ଚାଇନାମ୍ୟାନ୍ ସ୍ପିନର କୁଳଦୀପ ଯାଦବ ୧୦୦ ଆଇପିଏଲ୍ ମ୍ୟାଚ୍ ଖେଳିବାର କୃତିତ୍ୱ ହାସଲ କରିଛନ୍ତି। ଶନିବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍ ଦିଲ୍ଲୀ କ୍ୟାପିଟାଲ୍ସର କୁଳଦୀପଙ୍କ ୧୦୦ତମ ଆଇପିଏଲ୍ ମ୍ୟାଚ୍ ଥିଲା। ଏହି ମ୍ୟାଚ୍‌ରେ ୩୧ ବର୍ଷ ବୟସ୍କ କୁଳଦୀପ ୩ ଓଭରରୁ ୩୧ ରନ୍ ଦେଇ ୱିକେଟ୍ ପାଇନଥିଲେ। ଅଦ୍ୟାବଧି କୁଳଦୀପ ୧୦୦ ଆଇପିଏଲ୍ ମ୍ୟାଚ୍‌ରୁ ୧୦୪ଟି ୱିକେଟ୍ ନେଇଛନ୍ତି। ସେ ଚାରି ଥର ଏକ ଇନିଂସରେ ୪ କିମ୍ବା ଅଧିକ ୱିକେଟ୍ ନେଇଛନ୍ତି। ୨୦୨୨ ସଂସ୍କରଣରେ କୁଳଦୀପ ସର୍ବାଧିକ ୨୧ଟି ୱିକେଟ୍ ନେଇଥିଲେ। କୁଳଦୀପ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳିବା ଆରମ୍ଭକରି ମୁମ୍ବାଇ ଇଣ୍ଡିଆନ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ପାଇଁ ଖେଳିଛନ୍ତି। ଗତବର୍ଷ କୁଳଦୀପ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ସର୍ବାଧିକ ୧୫ଟି ୱିକେଟ୍ ନେଇଥିଲେ। ୨୦୨୪ରେ ଭାରତ ଟି-୨୦ ବିଶ୍ୱକପ୍ ଜିତିଥିବା ବେଳେ ସ୍ପିନରଙ୍କ ମଧ୍ୟରେ କୁଳଦୀପ ସର୍ବାଧିକ ୱିକେଟ୍ ନେଇଥିଲେ।

## ଶ୍ରେୟସଙ୍କୁ ୨୪ ଲକ୍ଷ ଟଙ୍କାର ଜରିମାନା

ଚେନ୍ନାଇ,୪।୪(ଏଜେନ୍ସି): ଚେନ୍ନାଇ ସୁପର କିଙ୍ଗସ ବିପକ୍ଷ ମ୍ୟାଚରେ ମନ୍ଥରଗତିରେ ବୋଲିଂ କରିବା ଯୋଗୁଁ ପଞ୍ଜାବ କିଙ୍ଗ୍‌ସର ଅଧିନାୟକ ଶ୍ରେୟସ ଆୟର ଦଣ୍ଡିତ କରାଯାଇଛି। ସେ ନିର୍ଦ୍ଧାରିତ ସମୟରେ ଗୋଟିଏ ଓଭର କମ୍ ବୋଲିଂ କରିଥିବାରୁ ମ୍ୟାଚ୍ ରେଫରି ତାଙ୍କ ମ୍ୟାଚ୍ ଫି'ରୁ ୨୪ ଲକ୍ଷଟଙ୍କା ଜରିମାନା ଆକାରରେ କାଟି ନେଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ମଧ୍ୟ ପଞ୍ଜାବ ନିର୍ଦ୍ଧାରିତ ସମୟରେ ବୋଲିଂ ଶେଷ କରିପାରି ନ ଥିଲା। ଟୁର୍ଣ୍ଣାମେଣ୍ଟରେ ଏହା ଆୟରଙ୍କ ଦ୍ୱିତୀୟ ଅପରାଧ ହୋଇଥିବାରୁ ଜରିମାନା ଆକାରରେ ୨୪ ଲକ୍ଷ ଓ ପ୍ରତି ଖେଳାଳିଙ୍କର ୬ ଲକ୍ଷ ଟଙ୍କା କାଟି ନିଆଯାଇଛି। ପଞ୍ଜାବ ଏହି ମ୍ୟାଚ୍‌କୁ ୨୭ ରନ୍‌ରେ ଜିତିଥିଲା।

## ସ୍ୱଦେଶ ଫେରିଗଲେ ପ୍ୟାଟ୍ କମିନ୍ସ

ହାଇଦରାବାଦ୍,୪।୪(ଏଜେନ୍ସି): ସନ୍‌ରାଇଜର୍ସ ହାଇଦରାବାଦ୍‌ର ଅଧିନାୟକ ପ୍ୟାଟ କମିନ୍ସ ଆଜି ସ୍ୱଦେଶ ଫେରିଯାଇଛନ୍ତି। ଆଘାତ ଜନିତ କାରଣରୁ ଟି-୨୦ ବିଶ୍ୱକପ୍ ଖେଳି ପାରି ନ ଥିବା କମିନ୍ସ ହାଇଦରାବାଦ୍ କ୍ୟାମ୍ପରେ ଯୋଗଦେଇଥିଲେ। କିନ୍ତୁ ତାଙ୍କ ପିଠିରେ ଏବେ ସ୍କାନ କରାଯିବ ଓ ତାହା କ୍ରିକେଟ ଅଷ୍ଟ୍ରେଲିଆର ଡାକ୍ତରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଚିକିତ୍ସା ପରେ ସେ ଏପ୍ରିଲ ୧୭ରେ ହାଇଦରାବାଦ୍ ଫେରିବେ ବୋଲି କୁହାଯାଉଛି। ତାଙ୍କ ସ୍ଥାନରେ ଇଶାନ କିଶାନ ହାଇଦରାବାଦ୍‌ର ନେତୃତ୍ୱ ନେବେ। ଏହା ଫଳରେ ସେ ଅତିକମ୍‌ରେ ଏବେ ୩ଟି ମ୍ୟାଚ୍ ଖେଳି ପାରିବେ ନାହିଁ।

## କ୍ୟାଣ୍ଡିଡେଟ୍ସ ଚେସ୍: ପ୍ରଜ୍ଞାନନ୍ଦା-ନାକାମୁରା ମୁକାବିଲା ଅମୀମାଂସିତ, ବୈଶାଳୀ ବିଜୟୀ

ନୂଆଦିଲ୍ଲୀ,୪।୪(ଏଜେନ୍ସି): ସାଇପ୍ରସ୍‌ରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍‌ର ଆଜି ଖେଳାଯାଇଥିବା ୬ଷ୍ଠ ରାଉଣ୍ଡ ମୁକାବିଲାରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍ ପ୍ରଜ୍ଞାନନ୍ଦା ଓ ହିକାରୁ ନାକାମୁରାଙ୍କ ମ୍ୟାଚ୍ ଡ୍ର ରହିଛି। କିନ୍ତୁ ଶୀର୍ଷରେ ଥିବା ଉଜ୍‌ବେକିସ୍ତାନର ଜାଖୋଭୀର ସିନ୍ଦାରୋଭ ସହଜରେ ଚୀନ୍‌ର ୱେଇ ୟିଙ୍କୁ ପରାଜିତ କରିଛନ୍ତି। ୬ଷ୍ଠ ରାଉଣ୍ଡ ପରେ ସିନ୍ଦାରୋଭ ୫.୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଛନ୍ତି। ମହିଳା ବିଭାଗରେ ଆର୍. ବୈଶାଳୀ ୬ଷ୍ଠ ରାଉଣ୍ଡରେ ତାଙ୍କଠାରୁ ଅଧିକ ରେଟିଂପ୍ରାପ୍ତ ଖେଳାଳି କାଟେରିନା ଲାଗ୍ନୋକୁ ପରାସ୍ତ କରିଛନ୍ତି। ଅନ୍ୟ ଭାରତୀୟ ଖେଳାଳି ଦିବ୍ୟା ଦେଶମୁଖ ମଧ୍ୟ ବିବିସାରା ଆସାଉବେୟଭାଙ୍କୁ ହରାଇଦେଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ମୋଟ ୧୪ ରାଉଣ୍ଡ ଖେଳାଯିବ।

## ଆଜି ଐତିହ୍ୟ ଗଣଦୌଡ଼

ଭୁବନେଶ୍ୱର,୪।୪ (ସମିସ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ଼ର ଦ୍ୱିତୀୟ ସଂସ୍କରଣ ଆସନ୍ତାକାଲି ଅନୁଷ୍ଠିତ ହେବ। ଏହା ମୁକ୍ତେଶ୍ୱର ମନ୍ଦିରରୁ ସକାଳ ୫ଟା ୩୦ ମିନିଟ୍‌ରେ ଆରମ୍ଭ ହେବ। ଏହା ପରେ ରାମେଶ୍ୱର ମନ୍ଦିର, ବିବେକାନନ୍ଦ ମାର୍ଗ, ଉତ୍କଳ କନିକା ଗ୍ୟାଲେରିଆ ମଲ୍, ଲୁଇସ ରୋଡ, ବିଜେବି କଲେଜ ଓ ରବି ଟକିଜ୍ ଛକ ଦେଇ ରାଜାରାଣୀ ମନ୍ଦିରରେ ଶେଷ ହେବ। ଏଥିରେ ସମସ୍ତ ପ୍ରକାର ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି।

### ଏନ୍‌ସିଏ ୧୯ ବର୍ଷରୁ କମ୍ ଶିବିର

## ଓଡ଼ିଶାରୁ ସୟଦ, ସମ୍ବିତ ଓ ପ୍ରିୟାଂଶୁ

ଭୁବନେଶ୍ୱର,୪।୪ (ସମିସ): ଏନ୍‌ସିଏ ବା ଜାତୀୟ କ୍ରିକେଟ ଏକାଡେମୀ ପକ୍ଷରୁ ୧୯ବର୍ଷରୁ କମ୍ ଖେଳାଳିଙ୍କ ଏଲିଟ ଶିବିର ମେ' ମାସ ୧୧ରୁ ଜୁନ୍ ୬ ତାରିଖଯାଏ ଆୟୋଜିତ ହେବ। ବିନୁ ମଙ୍କଡ ଟ୍ରଫି ଓ କୁଚ୍ ବିହାର ଟ୍ରଫିରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିବା ଓଡ଼ିଶାର ୩ଜଣ ଖେଳାଳିଙ୍କୁ ମନୋନୀତ କରାଯାଇଛି। ଏହି ଖେଳାଳିମାନେ ହେଲେ ସ୍ପିନର ସୟଦ ତୁଫାଏଲ ଅହମ୍ମଦ୍, ସମ୍ବିତ କୁମାର ବେଜା ଓ ପ୍ରିୟାଂଶୁ ମହାନ୍ତି। ଏହି ୩ ଜଣ ଖେଳାଳି ଓଡ଼ିଶା ଲାଗି ଚଳିତ ସିଜନରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଏପରିକି ସୟଦ ତୁଫାଏଲ୍ ମଧ୍ୟ ଓଡ଼ିଶା ପକ୍ଷରୁ ସିନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିରେ ପଦାର୍ପଣ କରିଥିଲେ। ସୟଦ ଓ ସମ୍ବିତ ମୋହାଲିରେ ଏବଂ ପ୍ରିୟାଂଶୁ ପଣ୍ଡିଚେରୀରେ ଥିବା ନ୍ୟାସନାଲ କ୍ରିକେଟ ଏକାଡେମୀରେ ପ୍ରଶିକ୍ଷଣ ନେବେ ବୋଲି ଓଡ଼ିଶା କ୍ରିକେଟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।


ସୟଦ ତୁଫାଏଲ ଅହମ୍ମଦ୍


ସମ୍ବିତ କୁମାର ବେଜା


ପ୍ରିୟାଂଶୁ ମହାନ୍ତି

### ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ

## ସେମିରେ ପାରାମାଉଣ୍ଟ ସ୍ପୋର୍ଟିଂ

ଭୁବନେଶ୍ୱର,୪।୪ (ସମିସ): ଭୁବନେଶ୍ୱରର ପାରାମାଉଣ୍ଟ ସ୍ପୋର୍ଟିଂ ୧୨୧ ରନ୍‌ର ବିଶାଳ ବ୍ୟବଧାନରେ ଓସ୍କାର ସ୍ପୋର୍ଟିଂକୁ ପରାସ୍ତ କରି ରାମକୃଷ୍ଣ ମହାପାତ୍ର ସ୍ମାରକୀ ୧୭ବର୍ଷରୁ କମ୍ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ତୃତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ଚତୁର୍ଥ ତଥା ଶେଷ କ୍ୱାର୍ଟରଫାଇନାଲ ମୁକାବିଲା ଭାରତ ଭୂଷଣ କ୍ରିକେଟ ଏକାଡେମୀ (ବିବିସିଏ) ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ (ଆଇଆଇସି) ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍ ପରେ ସେମିଫାଇନାଲରେ କିଏ କାହା ସହ ଖେଳିବେ ତାହା ସ୍ଥିର ହେବ। ଆଜି ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ସୁନ୍ଦର ଅଲରାଉଣ୍ଡ (୨୮ ରନ୍, ୫ରନ୍‌ରେ ୪ୱିକେଟ) ପ୍ରଦର୍ଶନ କରିଥିବା ସ୍ୱାଗତ ଏସ୍. ମିଶ୍ରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।




ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାରାମାଉଣ୍ଟ ସ୍ପୋର୍ଟିଂ ନିର୍ଦ୍ଧାରିତ ୩୦ ଓଭରରେ ୯ ୱିକେଟ ହରାଇ ୧୬୪ ରନ୍ କରିଥିଲା। ଦଳ ପକ୍ଷରୁ କ୍ରିଷ୍ଣା ସାସ୍‌ମଲ ସର୍ବାଧିକ ୪୫, ସ୍ମୃତିରଞ୍ଜନ ମହାରଣା ୨୯ ଓ ସ୍ୱାଗତ ମିଶ୍ର ୨୮ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଲୋକେଶ କୁମାର, କୌଶିକ ଦତ୍ତ ଓ ଆର୍ଯ୍ୟବୀର ଲେଙ୍କା ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଜବାବରେ ସ୍ୱାଗତ ଓ ସାହାଜେବ୍ ଆଲାମଙ୍କ ଘାତକ ବୋଲିଂର ମୁକାବିଲା କରି ନ ପାରି ଓସ୍କାର ୧୪.୨ ଓଭରରେ ମାତ୍ର ୪୩ ରନ୍ କରି ଅଲଆଉଟ ହୋଇଥିଲା। ବିଜୟୀ ଦଳର ଉଭୟ ବୋଲର ୫ରନ୍ ଲେଖାଏଁ ବ୍ୟୟ କରି ୪ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ସତ୍ୟବ୍ରତ ମହାପାତ୍ର ଓ ରଣଜିତ ମହାରଣା ଖେଳ ପରିଚାଳନା କରିଥିଲେ। ମେଟ୍ରୋ ଗ୍ରୁପ୍ ଅଧ୍ୟକ୍ଷ ପୀୟୁଷ ମହାନ୍ତି, ପ୍ରକାଶ ଜେନା ଓ ଆଇନଜୀବି ସତ୍ୟବ୍ରତ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS